

ସିଇସି ନିଯୁକ୍ତି ମାମଲା ଶୁଣାଣିରୁ ଓହରିଲେ | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

GET IT ON Google Play | Download on the App Store



ମେ'ରେ ରିଲିଜି ହେବ ଅଜୟଙ୍କ 'ରେଡ-୨' | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୬ Vol. 21 No-246 5 DECEMBER 2024 THURSDAY BHUBANESWAR ଗୁରୁବାର, ୫ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦



## ଭାରତୀୟ ନୌସେନାର ବୀରତ୍ୱ, ପରାକ୍ରମ ଦେଖିଲେ ମହାମହିମ

# ଦେଶ ସୁରକ୍ଷାରେ ନୌସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ









- ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ପରାକ୍ରମ
- ୧୫ ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ, ଗୋଟିଏ ବୁଡାଜାହାଜ ସାମିଲ
- ଡେମୋର ଉଦ୍‌ଘାଟନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ପୁରୀ ବେଳାଭୂମିରେ ଯୁଦ୍ଧର ଭ୍ରମ ସୃଷ୍ଟି
- ମେରାଇନ କମାଣ୍ଡୋଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ
- ଜଳପଥରେ ରଣକୌଶଳ ଦେଖାଇଲେ ନୌବୀର
- ଆକାଶ ପଥରେ ଗର୍ଜନ କଲା ଲଢୁଆ ହେଲିକପ୍ଟର
- କମାଣ୍ଡୋଙ୍କ ଦ୍ୱାରା ଆତଙ୍କୀ ମୁକାବିଲାର ବଳିଷ୍ଠ ପ୍ରଦର୍ଶନ
- ମନମୋହିଲା ଡ୍ରିଲ, ବ୍ୟାଣ୍ଡର ଧୁନ୍
- ଜନସମୁଦ୍ର ପାଲଟିଲା ପୁରୀ ବେଳାଭୂମି
- ଆକାଶରେ ତ୍ରିରଙ୍ଗା ଉଡାଇଲେ ମାର୍କୋସ୍
- ନୌସେନା ମାନଚିତ୍ରରେ ପୁରୀର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ



ପୁରୀ,୪।୧୨(ଭାସ୍କର ନ୍ୟୁଜ): ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ବଳ। ନୌସେନା ଦିବସରେ ଓଡ଼ିଶାରେ ଲେଖାହେଲା ଉତ୍ସବର ନୂଆ ଇତିହାସ। ସମୁଦ୍ରର ଘୋ ଘୋ ଗର୍ଜନ ଶବ୍ଦକୁ ଚିରି ଆକାଶରୁ ଶୁଭୁଥିଲା ବିମାନର ଗୁରୁଗର୍ଜନ। ନୌସେନାର ଶକ୍ତି ପ୍ରଦର୍ଶନ ଯେତେ ଆଗଉଥିଲା, ସେତିକି ଉତ୍ତଙ୍ଗ ହେଉଥିଲା ସମୁଦ୍ରର ସୁଉଚ୍ଚ ଜୁଆର। ସର୍ବସମ୍ମୁଖକୁ ଆସି ସାମରିକ ଦକ୍ଷତା ଦେଖାଇଥିଲା ସମୁଦ୍ରର ଅତଳ ଗର୍ଭରେ ଲୁଚି ରହୁଥିବା ବୁଡ଼ା ଜାହାଜ। ଏହି ଅବସରରେ ନୌସେନାର ବୀରତ୍ୱ ଓ ପରାକ୍ରମକୁ ଉପଭୋଗ କରିଥିଲେ ରାଷ୍ଟ୍ରପତି ତଥା ତିନି ସେନାର ମୁଖ୍ୟ ଦ୍ରୌପଦୀ ମୁର୍ମୁ। ଜାତୀୟ ସୁରକ୍ଷା କ୍ଷେତ୍ରରେ ନୌସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମୁଦ୍ର ଭିତରେ ଶତ୍ରୁଙ୍କୁ ଭାରତୀୟ ନୌବୀରମାନେ ପ୍ରତିରୋଧ କରିବା ସହ ଜଳପଥରେ ଅନୁପ୍ରବେଶ ରୋକିବାରେ ପ୍ରଶଂସନୀୟ କାମ କରୁଛନ୍ତି। ୧୯୭୧ ଯୁଦ୍ଧବେଳେ ନୌସେନା ଯେଉଁ ଶକ୍ତି ଦେଖାଇଥିଲା ତାହା ଆମ ସମସ୍ତଙ୍କର ସବୁଦିନେ ମନେ ରହିବ ବୋଲି ବୁଧବାର ପୁରୀ ବ୍ଲୁଫ୍ଲାଗ୍ ବେଳାଭୂମିରେ ଆୟୋଜିତ ନୌସେନା ଦିବସ ଅବସରରେ ଯୋଗଦେଇ କହିଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ କହିଥିଲେ, ନୌସେନାର କର୍ତ୍ତବ୍ୟକୁ ନେଇ ଭାରତୀୟମାନେ ଗର୍ବ ଅନୁଭବ କରନ୍ତି। ୨୦୪୭ ସୁଦ୍ଧା ଭାରତ ସଂପୂର୍ଣ୍ଣରୂପେ ଆତ୍ମନିର୍ଭର ହେବା କ୍ଷେତ୍ରରେ କାର୍ଯ୍ୟ କରୁଛି। ବାଲିଷ୍ଟିକ୍ ମିସାଇଲ ସବ୍‌ମେରାଇନ ନିର୍ମାଣ କରିବାରେ ଭାରତ ହେଉଛି ବିଶ୍ୱର ଷଷ୍ଠ ରାଷ୍ଟ୍ର। ଦେଶ ଏଯାଏ ୬୩ଟି ବୁଡାଜାହାଜ ନିର୍ମାଣ କରିସାରିଛି। ନୌସେନାରେ ମହିଳା ଅଗ୍ନିବୀରଙ୍କୁ ପ୍ରଥମ ଥରପାଇଁ ନିଯୁକ୍ତି ଦିଆଯାଇଛି। କଳିଙ୍ଗର ଇତିହାସକୁ ନୌସେନା ମନେ ପକାଇ ଦେଉଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରୀ ବେଳାଭୂମିରେ ଡେମୋ ଉଦ୍‌ଘାଟନ କରିବା ପରେ ଆରମ୍ଭ ହୋଇଥିଲା ନୌସେନାର କଳାକୌଶଳ। ବୁଧବାର ଭାରତୀୟ ନୌସେନା ଦିବସ ଅବସରରେ ପୁରୀରେ ଅନୁଷ୍ଠିତ ହୋଇଥିଲା ସ୍ୱତନ୍ତ୍ର ସମାରୋହ। ବ୍ଲୁଫ୍ଲାଗ ବେଳାଭୂମିରେ ପରାକ୍ରମ ଦେଖାଇଥିଲେ ଭାରତୀୟ ନୌବୀର। ଏହି କାର୍ଯ୍ୟକ୍ରମରେ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ ସାମିଲ ହୋଇ କହିଥିଲେ ଯେ ଜଳପଥରେ ଅନୁପ୍ରବେଶ ରୋକିବାରେ ଭାରତୀୟ ନୌସେନା ସଫଳ ହୋଇଛି। ୧୯୭୧ ଯୁଦ୍ଧରେ ନୌସେନାର ଭୂମିକା ଅତୁଳନୀୟ ରହିଥିଲା। ଉଭୟ ଆରବସାଗର ଓ ବଙ୍ଗୋପସାଗରରେ ସେମାନେ ପରାକ୍ରମ ଦେଖାଇଥିଲେ। ପାକିସ୍ତାନୀ ସେନା ଉପରେ ପ୍ରଚଣ୍ଡ ଆକ୍ରମଣ ମଧ୍ୟ କରିଥିଲେ। ବୁଧବାର ଅପରାହ୍ନ ୪ଟାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମାରୋହ ସ୍ଥଳରେ ପହଞ୍ଚିଥିଲେ। ତାଙ୍କୁ ନୌସୈନିକମାନେ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ଏହାପରେ ନୌସେନାର ଯୁଦ୍ଧ ଜାହାଜ, ଫାଇଟର ଜେଟ୍ ଓ ମାର୍କେସ କମାଣ୍ଡୋମାନଙ୍କ ରଣକୌଶଳ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ମାର୍କୋସ କମାଣ୍ଡୋମାନେ ଆକାଶରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ନୌସେନାର ଯୁଦ୍ଧପୋତ ଆଇଏନଏସ୍ ଜଳସ୍ୱ, ମିସାଇଲ ଡେଷ୍ଟ୍ରୟର ଆଇଏନଏସ ଦିଲ୍ଲୀ, ଆଇଏନଏସ୍ ଶକ୍ତି, ଆଇଏନଏସ ସାତପୁରା, ଆଇଏନଏସ ସରୟୁ ପ୍ରମୁଖ ସମୁଦ୍ରରେ ଶକ୍ତି ପ୍ରଦର୍ଶନ କରିଥିଲେ। ସେହିପରି ଆକାଶରେ ନୌସେନାର ଫାଇଟର ଜେଟ୍ ମିଗ୍-୨୯କେ, ପି-୮ଆଇ ଏବଂ ଚେତକ୍, ସି-କିଙ୍ଗ୍ ଓ ଏମ୍‌ଏଚ୍-୬୦ ଭଳି ହେଲିକପ୍ଟର ଯୁଦ୍ଧକଳା ପ୍ରଦର୍ଶନ କରିଥିଲେ। ସମାରୋହ ପାଇଁ ଉଭୟ ସମୁଦ୍ର ଓ ଆକାଶରେ ୨୦ ପ୍ରକାର ରଣକୌଶଳ ପ୍ରଦର୍ଶିତ ହୋଇଥିଲା। ଏହାସହ ଏନସିସି କ୍ୟାଡେଟ୍‌ଙ୍କ ଡ୍ରିଲ, ନାଭାଲ ମ୍ୟୁଜିକ ବ୍ୟାଣ୍ଡ ଓ ମଞ୍ଚ ଉପରେ ନୌସେନିକଙ୍କ ରୋମାଞ୍ଚକର ଡ୍ରିଲ ପରିବେଷଣ କରାଯାଇଥିଲା। ନୌସେନା ମାନଚିତ୍ରରେ ପୁରୀର ନାମ ଏହି ସମାରୋହ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା। ସୂଚନାଯୋଗ୍ୟ ଯେ ଭାରତୀୟ ନୌସେନାଙ୍କ ସେହି ବୀରତ୍ୱର ଗାଥାକୁ ମନେ ପକାଇବା ପାଇଁ ଆଜିର ଦିନକୁ ନୌସେନା ଦିବସ ଭାବେ ପାଳନ କରାଯାଇଥାଏ। ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏହା ପାଳିତ ହେଉଥିବାବେଳେ ଚଳିତବର୍ଷ ପ୍ରଥମ ଥରପାଇଁ ପୁରୀରେ ଏହା ଆୟୋଜିତ • ପୃଷ୍ଠା ୫ ଦେଖନ୍ତୁ

## ପ୍ରବାସୀ ଭାରତୀୟ ଦିବସ ପାଇଁ ଭବ୍ୟ ପ୍ରସ୍ତୁତି

# ସଜେଇ ହେଉଛି ରାଜଧାନୀ

ଭୁବନେଶ୍ୱର,୪।୧୨(ଭାସ୍କର ନ୍ୟୁଜ): ଓଡ଼ିଶାରେ ପ୍ରଥମ ଥରପାଇଁ ଅନୁଷ୍ଠିତ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ। ଏଥିପାଇଁ ଭବ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରକୁ ସଜାଡ଼ିବା ସହ ପ୍ରବାସୀଙ୍କୁ ଭବ୍ୟ ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜଧାନୀର ବିଭିନ୍ନ ତାରକା ହୋଟେଲରେ ୩୭୦୦ ରୁମ୍ ବୁକ୍ କରାଯାଇଛି। କଟକ, ଭୁବନେଶ୍ୱର ଓ ପୁରୀ ଆଦିରେ ଥିବା ୨୮ଟି ଦର୍ଶନୀୟ ସ୍ଥାନର ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ବୁଧବାର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପ୍ରସ୍ତୁତିକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବାକୁ ଥିବା ଏହି ଦିବସର ସଫଳତା ପାଇଁ ୧୪ଟି ସବ୍‌କମିଟି ଗଠନ କରାଯାଇଛି। ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ଆସିବାକୁ ଥିବା ଅତିଥି, ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୩୭୦୦ ରୁମ୍ ବୁକ୍ କରାଯାଇଛି। ଭୁବନେଶ୍ୱରର ୫୫ଟି ରାସ୍ତାର ସୌନ୍ଦର୍ଯ୍ୟକରଣ ଆରମ୍ଭ ହୋଇଛି। ରାସ୍ତାରେ ଥିବା ପ୍ରାଚୀର, କାନ୍ଥ ଆଦିରେ ଚିତ୍ରକଳା ପେଣ୍ଟିଂ ସହ ବିଭିନ୍ନ ସ୍ଥାନରେ କଳାକୃତି ରଖାଯିବାର ବ୍ୟବସ୍ଥା କରାଯାଇଛି। ନଗର ଉନ୍ନୟନ ବିଭାଗ, ବିଡିଏ, ବିଏମ୍‌ସି, ପର୍ଯ୍ୟଟନ ବିଭାଗ ଓ ସଂସ୍କୃତି ବିଭାଗର ସହଯୋଗରେ ଭୁବନେଶ୍ୱର ସହର ଯେଭଳି ଆକର୍ଷଣୀୟ ହୋଇପାରିବ ସେ ନେଇ ମଧ୍ୟ ଧ୍ୟାନ ଦିଆଯାଇଛି। ରାଜ୍ୟ ସଂଗ୍ରହାଳୟ, ରବୀନ୍ଦ୍ରମଣ୍ଡପ, ଭଞ୍ଜ କଳାମଣ୍ଡପ, ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର, ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁ ରହିଛି। ସେହିଭଳି ଜନତା ମଇଦାନରେ ଯେପରି ବ୍ୟାପକ ଇଣ୍ଟରନେଟ୍ ସୁବିଧା ରହିପାରିବ ସେ ନେଇ ଆଇଟି ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ସବୁ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

## ବିଲ ମଝିରେ ଜରୁରି ଅବତରଣ କଲା ନୌସେନା ହେଲିକପ୍ଟର



ବାରିପଦା,୪।୧୨(ଭାସ୍କର ନ୍ୟୁଜ): ହଠାତ୍ ବିଲ ମଝିରେ ଜରୁରି ଅବତରଣ କଲା ନୌସେନା ହେଲିକପ୍ଟର। ତେବେ ବିମାନଟି କାହିଁକି ଜରୁରି ଅବତରଣ କଲା ସେ ନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ। ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାରିପଦାରେ। ବୁଧବାର ରାସଗୋବିନ୍ଦପୁର • ପୃଷ୍ଠା ୫ ଦେଖନ୍ତୁ

### ଫଡନବିସ ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ

# ଆଜି ନେବେ ଶପଥ



ମୁମ୍ବାଇ,୪।୧୨: ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବେ ଦେବେନ୍ଦ୍ର ଫଡନବିସ। ବୁଧବାର ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଦୁଇ ଉପମୁଖ୍ୟମନ୍ତ୍ରୀ ହେବେ ଶିବସେନାର ଏକନାଥ ସିନ୍ଦେ ଓ ଏନସିପିର ଅଜିତ ପାୱାର। ଗୁରୁବାର ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ମୁମ୍ବାଇର ଆଜାଦ ମଇଦାନରେ ଅପରାହ୍ନ ୫ଟାରେ ଶପଥଗ୍ରହଣ କରିବେ। ଏ ନେଇ ଭବ୍ୟ ଆୟୋଜନ ଚାଲୁ ରହିଛି। ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଅନ୍ୟ କେନ୍ଦ୍ରୀୟ ନେତାମାନେ ମଧ୍ୟ ଉପସ୍ଥିତ ରହିବେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାକୁ ଇତିମଧ୍ୟରେ ୧୧ଦିନ ବିତି ଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। ଏ ନେଇ ଦିଲ୍ଲୀ ଓ ମୁମ୍ବାଇରେ ମଧ୍ୟ କସରତ କରିବାକୁ ପଡ଼ିଥିଲା। • ପୃଷ୍ଠା ୫ ଦେଖନ୍ତୁ

### ଯୋଗଦେବେ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୨(ଭାସ୍କର ନ୍ୟୁଜ): ଗୁରୁବାର ଅପରାହ୍ନରେ ମୁମ୍ବାଇର ଆଜାଦ ମଇଦାନରେ ମୁଖ୍ୟମନ୍ତ୍ରୀ ଭାବେ ତୃତୀୟ ଥରପାଇଁ ଶପଥ ନେବେ ଦେବେନ୍ଦ୍ର ଫଡ଼ନବିସ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ଭାବେ ଅଜିତ ପାୱାର ଏବଂ ଏକନାଥ ସିନ୍ଦେ ମଧ୍ୟ ଶପଥ ନେବେ। ଏହି ଶପଥଗ୍ରହଣ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେବେ ବୋଲି ସୂଚନା ମିଳିଛି।

# ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ରାଷ୍ଟ୍ରପତି



ପୁରୀ,୪।୧୨ (ଭାସ୍କର ନ୍ୟୁଜ) : ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଖି ଭାବବିହ୍ୱଳ ହୋଇ ପଡ଼ିଥିଲେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ହେବା ପରେ ତୃତୀୟ ଥର ପାଇଁ ଶ୍ରୀମନ୍ଦିର ଆସିଥିବା ବେଳେ ବଡଦାଣ୍ଡରେ ଚାଲି ଚାଲି ଜଣେ ସାଧାରଣ ଭକ୍ତ ହିସାବରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ୫ ଦିନିଆ ଓଡିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସମଙ୍ଗ ଅସ୍ଥାୟୀ ହେଲିପ୍ୟାଡ଼ ଠାରେ ପହଞ୍ଚିବା ପରେ ସେଠାରୁ ତାଙ୍କ କାରକେଡ଼ ୯ ଟା ୫୫ ମିନିଟ ସମୟରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା। ତେବେ ହଠାତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଛାଡି ରାଷ୍ଟ୍ରପତି ନିଜ ଗାଡିରୁ ଓହ୍ଲାଇ ଚାଲି ଚାଲି ଲୋକଙ୍କୁ ଭେଟିବା ସହ ସିଂହଦ୍ୱାର ନିକଟରେ ପହଞ୍ଚି ଥିଲେ। ସେଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପଟଯୋଶୀ ମହାପାତ୍ର ତାଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ରାଷ୍ଟ୍ରପତି ନିଜ ପରିବାର ଲୋକଙ୍କ ସହ ପ୍ରଥମେ ବାଇଶି ପାହାଚ ସ୍ଥିତ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବା ପରେ ସାତ ପାହାଚ ନାଟ ମଣ୍ଡପ ଦେଇ ଭିତର କାଠ ନିକଟରୁ ରତ୍ନ ସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ଆଳତି କରିଥିଲେ। ଏହା ପରେ ବେଢା ପରିକ୍ରମା କରି ମୁକ୍ତିମଣ୍ଡପ ବ୍ରହ୍ମଣଙ୍କ ଠାରୁ ଆଶୀର୍ବାଦ ନେଇଥିଲେ। ପରେ ସେ ମା ବିମଳା ଓ ମା ଲକ୍ଷ୍ମୀ ଙ୍କୁ ଦର୍ଶନ କରି ଯାତ୍ରୀ କୌଳିକ ଖାତାରେ ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ଦର୍ଶନ ମିଳେ ବୋଲି ଲେଖି ଥିଲେ। ଦର୍ଶନ ପରେ ସେ ଶ୍ରୀମନ୍ଦିର ବ୍ୟବସ୍ଥା ନେଇ ମୁଖ୍ୟ ପ୍ରଶାସକ ଙ୍କ ସହ ଆଲୋଚନା କରିଥିଲେ। ତେବେ ଦର୍ଶନ ସମୟରେ ସେ ବେଶ ଭାବବିହ୍ୱଳ ହୋଇପଡିଥିବା ତାଙ୍କ କୌଳିକ ପଣ୍ଡା ଓ ଛାତିଶା ନିଯୋଗ ମହାନାୟକ କହିଥିଲେ। ପ୍ରାୟ ୩୫ ମିନିଟ ସମୟ ଶ୍ରୀମନ୍ଦିର ରେ ଅତିବାହିତ କାରି ଫେରିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ • ପୃଷ୍ଠା ୫ ଦେଖନ୍ତୁ


Government of Haryana
KURUKSHETRA DEVELOPMENT BOARD
कुरुक्षेत्र विकास मंडल
Partner State Odisha
Partner Country Tanzania
International
GITA
Mahotsav
2024
28 November-15 December
Kurukshetra, Haryana
सर्वधर्मान्परित्यज्य मामेकं शरणं व्रज।
अहं त्वा सर्वपापेभ्यो मोक्षयिष्यामि मा शुचः॥
भगवद्गीता 18.66
सम्पूर्ण कर्तव्य कर्मों का आश्रय छोड़कर तू केवल मेरी शरण में आ जा।
मैं तुझे सभी पापों से मुक्त कर दूंगा, शोक मत कर।
Abandoning all duties, come to Me alone for shelter.
Be not grieved, for I shall release you from all evils.
International Gita Mahotsav
Inauguration
December 5, 2024
By
Sh. Bandaru Dattatraya
Governor, Haryana
Lt.Gen. Gurmit Singh (Retd.)
Governor, Uttarakhand
Sh. Arif Mohammed Khan
Governor, Kerala
Ms. Tabia
Minister for Information, Youth & Culture, Zanzibar
and
Sh. Nayab Singh Saini
Chief Minister, Haryana
Main Programmes
09:00 am Gita Yajna and Gita Pujan (Brahma Sarovar, Kurukshetra)
11:15 am Inauguration of the Pavilions of Haryana, Partner State Odisha and Partner Country Tanzania
12:30 pm Inauguration of International Gita Seminar
05:00 pm Bhajan Sandhya and Maha Aarti
06:00 pm The Cultural Evening
"सभी देशवासियों को गीता जयंती की अनंत शुभकामनाएं। श्रीमद्भगवद्गीता सदियों से मानवता का मार्गदर्शन करती आई है। अध्यात्म और जीवन-दर्शन से जुड़ा यह महान ग्रंथ हर युग में पथ प्रदर्शक बना रहेगा।"
- नरेन्द्र मोदी
Scan the QR code to join the Programme
Scan the QR code for information of cultural Programmes
RO No.:-1089/13/1919/2025/30765/3059/21. Dated Chandigarh, the 04/12/2024
Information, Public Relations & Languages Department, Haryana
www.prharyana.gov.in | Follow us on @diprharyana



କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ଏବେ ମଶାଙ୍କ ଉପଦ୍ରବ ଏତେ ମାତ୍ରରେ ବଢ଼ିଯାଇଛି ଯେ ଆପଣ ସଖାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଶାଙ୍କ ଠାରୁ ନିସ୍ତାର ପାଇବେ ନାହିଁ ଦିନ ଦ୍ୱୀପହରେ ବିନା ମସାରୀ ଟାଙ୍ଗି ଲୋକେ ଘରେ ମଧ୍ୟ ସୋଇପାରୁନାହାନ୍ତି । ଆପଣ ରାଜ ରାସ୍ତାରେ ସନ୍ଧ୍ୟା ବେଳେ କୌଣସି ସ୍ଥାନରେ ଠିଆ ହୋଇ କଥା ମଧ୍ୟ ହୋଇପାରିବେ ନାହିଁ କାରଣ କଥା ହେବା ସମୟରେ ମଶା ପାଟିରେ ପସିଯାଉଛନ୍ତି । କଟକର ପ୍ରତ୍ୟକ ଡ୍ରେନରୁ ଠିକ ସମୟରେ ପଙ୍କ ଉଦ୍ଧାର କରାଯାଇନଥିବାରୁ ମଶାଙ୍କ ବଂଶବୃଦ୍ଧି ହେବାର ଏହା ହେଉଛି ମୁଖ୍ୟ କାରଣ । ଆଜି ଏହି ପ୍ରସଙ୍ଗରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଏକ ଯୁବ ପ୍ରତିନିଧି ଦଳ କମିଶନର ଅନାମ ଚରଣ ପାତ୍ରଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ ଏବଂ କଟକ ମହାନଗର ନିଗମ ଆନୁକୂଲ୍ୟରେ ମଶା ତେଲ ମଶା ଧୂଆଁକୁ ଦିନକୁ ଦୁଇ ଥର ସହରରେ ପକାଇବା ସହିତ ସମସ୍ତ ଡ୍ରେନର ସ୍ଲାବ ଉଠାଇ ସମ୍ପୂର୍ଣ୍ଣ ସଫେଇ ନିମନ୍ତେ ଆଲୋଚନା କରିଥିଲେ । ବିଜେପି ଯୁବ ନେତା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଯୁବ ନେତା ଜ୍ୟୋତିପ୍ରକାଶ ରାୟ, ସମାଜସେବୀ ଶରତ ସାମଲ, ସଞ୍ଜୟ ଦାସ, ବିଜୟାନନ୍ଦ ବାରିକ, କେଶବ କୁଣ୍ଡୁ, ରାମ ଛାପୋଲିଆ, ସୁଶାନ୍ତ ମହାରଣା, ତପନ ବେହେରା, ରାଜେଶ ମହାରଣା, ଯତୀନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ୨ ବର୍ଷରେ ୫ଲକ୍ଷ ଲୋକଙ୍କୁ କାମୁଡ଼ିଲାଣି କୁକୁର



## ଆସିବ ପ୍ରାଣୀ କଲ୍ୟାଣ ଯୋଜନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସିବ ପ୍ରାଣୀ କଲ୍ୟାଣ ଯୋଜନା । ଏନେଇ ଗୃହରେ ସୂଚନା ଦେଇଛନ୍ତି ପଶୁ ସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । କୁକୁର, ଷଣ୍ଢ ଚିକିତ୍ସା ପାଇଁ ବ୍ୟବସ୍ଥା ଜରାଯାଉଛି । ବୁଲା କୁକୁର ବନ୍ଧ୍ୟା କରଣ କରାଯାଉଛି । ୧୯୬୨ ହେଲ୍ପ ଲାଇନ ନଂ ଜାରି କରାଯାଇଛି । ଗୋ ପାଳନ ଓ ଗୋ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଲୋକଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ଦେଶୀ ଗାଇଙ୍କ ବଂଶ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି । ୫୨ ଲକ୍ଷ ଟଙ୍କା ୧୫୦ ଗାଇ ରଖିବା ପାଇଁ ଦିଆଯିବ । ସରକାର ଉଦ୍ୟମ କରୁଛନ୍ତି । ଲୋକେ ସ୍ୱାବଲମ୍ବୀ ହେବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗତ ୨ ବର୍ଷରେ ୫ଲକ୍ଷରୁ ଅଧିକ ଲୋକଙ୍କୁ କାମୁଡ଼ିଲାଣି କୁକୁର । ବୁଲା କୁକୁରମାନଙ୍କ ସଂପର୍କରେ ବୁଧବାର ବିଧାନସଭାରେ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ସେ କହିଛନ୍ତି, ବୁଲା କୁକୁରମାନଙ୍କ ପ୍ରତି ସାବଧାନ ରହନ୍ତୁ । କାରଣ ରାସ୍ତାରେ ବୁଲୁଛନ୍ତି ୧୭ ଲକ୍ଷ ବୁଲା କୁକୁର । ବୁଲା କୁକୁରଙ୍କ ଉପଦ୍ରବରେ ଲୋକ ହନ୍ତସନ୍ତ ହେଉଛନ୍ତି । ସେ କହିଛନ୍ତି,ଗତ ଦୁଇ ବର୍ଷ ଭିତରେ କୁକୁର କାମୁଡ଼ାରେ ଶିକାର ହେଲେଣି ୫ ଲକ୍ଷରୁ ଅଧିକ ଲୋକ । ରାଜ୍ୟର ୮ଟି ସହରାଞ୍ଚଳରେ ୪ ହଜାର ୬୦୫ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି । ଚଳିତ ବର୍ଷ ଅର୍ଥାତ ଏଇ ୧୦ ମାସରେ ୨ ଲକ୍ଷ ୪୩ ହଜାର ୫୬୫ ଜଣ ଲୋକ କୁକୁର କାମୁଡ଼ାରେ ଶିକାର ହୋଇଛନ୍ତି । ସେହିପରି ଗତବର୍ଷ ୨ ଲକ୍ଷ ୬୦ ହଜାର ଲୋକ କୁକୁର କାମୁଡ଼ାର ଶିକାର ହୋଇଥିଲେ ।

# ଏମ୍ସ ଭୁବନେଶ୍ୱରରେ ଫୋରିଡ୍ ସ୍କାଇନ୍ ଓ ଗେଟ୍ ଆନାଲିସିସ୍ ଲ୍ୟାବ୍ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍ସ ଭୁବନେଶ୍ୱରରେ ପୂର୍ବ ଭାରତରେ ପ୍ରଥମ ତଥା ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଫୋରିଡ୍ ସ୍କାଇନ୍ ଓ ଗେଟ୍ ଆନାଲିସିସ୍ ଲ୍ୟାବ୍ ଉଦ୍‌ଘାଟିତ ହୋଇଯାଇଛି । ଶାରୀରିକ ଚିକିତ୍ସା ଏବଂ ପୁନର୍ବାସ ବିଭାଗ (ପିଏମଆର) ପକ୍ଷରୁ ଅର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏକାଧିକ ବ୍ୟବସ୍ଥା ଥିବା ଏହି ଲ୍ୟାବ୍‌ର ଶୁଭାରମ୍ଭ କରିଛନ୍ତି । ନୂତନ ଭାବେ ପ୍ରତିଷ୍ଠିତ ଏହି ଲ୍ୟାବ୍‌ରେ ପ୍ରୋଷ୍ଥେଟିକ୍ ଏବଂ ଅର୍ଥୋଟିକ୍ ସେବା, ଅକୁପେସନାଲ୍ ଚିକିତ୍ସା, ଫିଜିଓଥେରାପି ୟୁନିଟ୍ ସମେତ ଅନ୍ୟାନ୍ୟ ଏକାଧିକ ଆନୁସଙ୍ଗିକ ସେବା ଉପଲବ୍ଧ ହେବ । ଏହି ସମସ୍ତ ସୁବିଧାଗୁଡ଼ିକର ଏକୀକରଣ ଦ୍ୱାରା ସାମଗ୍ରୀକ ରୋଗୀ ସେବା କ୍ଷେତ୍ରରେ ପିଏମଆର ବିଭାଗ ଆହୁରି ଅଧିକ ଦୃଢ଼ ହେବ । ଏହି ଲ୍ୟାବ୍ ଏମ୍ସ ଭୁବନେଶ୍ୱରକୁ ଚିକିତ୍ସା ନିମନ୍ତେ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ପ୍ରକାରର ଉଚ୍ଚମାନର ବ୍ୟକ୍ତିଗତ ପୁନର୍ବାସ ସେବା ଯୋଗାଇବାରେ ସକ୍ଷମ ହେବ । ଲୋକୋମୋଟର ଅକ୍ଷମତା, ମାଂସପେଶୀ-ସ୍କେଲେଟାଲ୍ ଅବସ୍ଥା ଏବଂ କ୍ରୀଡ଼ା ଆଘାତଜନୀତ ଚିକିତ୍ସା ଓ ପୁନର୍ବାସ କ୍ଷେତ୍ରରେ ବିଶେଷ ଉନ୍ନତି ଆଣିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ମେଡ଼ିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ନ୍ୟୁରୋ ସର୍ଜରୀ ବିଭାଗ ମୁଖ୍ୟ ଡ. ଆଁ ଏନ୍ ସାହୁ, ନ୍ୟୁରୋଲୋଜି ବିଭାଗ ମୁଖ୍ୟ ଡ. ସଞ୍ଜୀବ କୁମାର ଭୋଇ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ଆର୍.ପି ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିସେମ୍ବର ୨୫ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୫ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ବଣ୍ଟନ କରାଯିବ । ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ୬ ତାରିଖ ସୁଦ୍ଧା ଯୋଗ୍ୟ ଏବଂ ଅଯୋଗ୍ୟଙ୍କ ତାଲିକା ବିଭିନ୍ନ ପଞ୍ଚାୟତ, ବ୍ଲକ୍ ଓ ନଗର ନିଗମ ବୋର୍ଡରେ ଉଲ୍ଲେଖ କରାଯିବ ତାଲିକା । ଏହାର ୭ ଦିନ ଭିତରେ ଆବେଦନକାରୀ ଯୋଗାଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଘରୋଇ କଳିର ପରିଣାମ

## ଝିଅ ସହ ଗଲା ମା'ର ଜୀବନ, ସ୍ୱାମୀ ଅଟକ

କଟକ(ଭାସ୍କର ନ୍ୟୁଜ୍): ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି ମା' ଓ ଶିଶୁ । ଏଭଳି ଏକ ଅଘଟଣା ସ୍ଥାନୀୟ ଜଗତପୁର ଥାନା ଆତୋଡ଼ା ଗାଁରେ ଘଟିଛି । ଏହି ଘଟଣା ପରେ ସ୍ୱାମୀକି ଅଟକ ରଖି ଜଗତପୁର ଥାନା ପୋଲିସ ପଚରାଉଚୁରା କରୁଛି । ପ୍ରାଥମିକ ତଦନ୍ତ ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଦେହରେ କିରୋସିନ ଢ଼ାଳି ନିଜ ୪ ମାସର ଶିଶୁକନ୍ୟାକୁ ଧରି ସୁଚିସ୍ମିତା ମହାନ୍ତି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପାରିବାରକ କଳହରୁ ଏଭଳି କରିଥିବା କୁହାଯାଉଥିବା ବେଳେ ସୁଚିସ୍ମିତାଙ୍କ ମା' ରସ୍ମିତା ମହାନ୍ତି ଯୌତୁକ ନିର୍ଯ୍ୟାତନା ଆଣି ଜଗତପୁର ଥାନାରେ ଏତଲା ଦେଇଛନ୍ତି । ଏତଲାରେ ସ୍ୱାମୀ, ଶାଶୁ ଓ ବିବାହିତ ନଣନ୍ଦଙ୍କ ନାମ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ମାସ ୧୦ଖରେ ବୈଦିକ ରୀତିରେ ସୌରି ଗାଁର ସୁଚିସ୍ମିତା ମହାନ୍ତି ଆତୋଡ଼ା ଗାଁର ଶୁଭ ରଞ୍ଜନ ଲେଙ୍କାକୁ ବିବାହ କରିଥିଲେ । ବିବାହ ସମୟରେ ଶାଶୁ ଘର ଲୋକଙ୍କ ଡିମାଣ୍ଡ ମୁତାବକ ସମସ୍ତ ଟଙ୍କା, ଆସବାବପତ୍ର ଓ ସୁନା ଅଳଙ୍କାର ଦେଇଥିଲେ । ତେବେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକ କିରୋସିନ ଢ଼ାଳି ମା ଝିଅଙ୍କୁ ମାରି ଦେଇଥିବା ମୃତ ସୁଚିସ୍ମିତାର ମା' ଓ ଭଉଣୀ ଅଭିଯୋଗ ଆଣିଛନ୍ତି । ସୁଚିସ୍ମିତାଙ୍କ ମା'ଙ୍କ ଏତଲାକୁ ଭିତି କରି ପୋଲିସ କେସ ନଂ୬୧୫/୨୪ ଏକ ମାମଲା ରୁଜୁ କରିଛି ।

## କଟକ ଜିଲ୍ଲା ସାମ୍ବାଦିକ ୟୁନିୟନ୍‌ର କର୍ମକର୍ତ୍ତା ନିର୍ବାଚନ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ୨୦୨୫/୨୦୨୬ ମସିହା ପାଇଁ ସର୍ବ ସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତି ରୂପେ ପ୍ରଫୁଲ୍ଲ କୁମାର ମହାନ୍ତି, ଉପସଭାପତି ବିଭୂତି ଭୂଷଣ ଦାଶ ଓ ପ୍ରଫୁଲ୍ଲ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ସମ୍ପାଦକ ପ୍ରଦୀପ କୁମାର ପରିଜା ଓ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଜଗନ୍ନାଥ ରାଉତ, ଆଇନି ପରାମର୍ଶଦାତା ରୁପେ ଆଡଭୋକେଟ ପ୍ରଶାନ୍ତ କୁମାର ରାଉତ ଓ ବିକ୍ରମ କେଶରୀ ବଳ, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ରୂପେ କୈଳାସଚନ୍ଦ୍ର ଜେନା, ଉପାଧ୍ୟକ୍ଷ ଭାବେ ସରୋଜ କୁମାର ମଲ୍ଲିକ, ଜାତୀୟ ପରିଷଦ ସଦସ୍ୟ ରୁପେ ବିଭୂତି ଭୂଷଣ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀକୁ ସଭ୍ୟ ରୂପେ କାନନ ବିହାରୀ ନାୟକ ଓ ଜିଲ୍ଲା କାର୍ଯ୍ୟକାରିଣୀକୁ ୧୫ ସଭ୍ୟ ମନୋନୀତ ହୋଇଛନ୍ତି ।

### ଖଲିସ୍ଥାନୀ ଆତଙ୍କବାଦୀର ଭୁବନେଶ୍ୱରକୁ ଧମକ ଘଟଣା

## ରାଜ୍ୟବାସୀଙ୍କ ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେଉ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ପୋଲିସ ମହାନିର୍ଦ୍ଦେଶକ ମାନଙ୍କ ବୈଠକ ଭୁବନେଶ୍ୱରଠାରେ ହେବା ସମୟରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଭଳି ଦେଶର ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିବା ବେଳେ ଆତଙ୍କବାଦ ଧମକ ଆସିବା ଓଡିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟ ପାଇଁ ଏକ ବିରଳ ଘଟଣା । ମନ୍ଦିର ସହରକୁ ଟେରର ସହରରେ ପରିଣତ କରିବା ପାଇଁ ଖଲିସ୍ଥାନ ଆତଙ୍କବାଦୀ ପନ୍ନୁ ଧମକ ଦେଇଥିଲା । ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟଭାବେ ପରିଚୟ ଥିବା ବେଳେ ଓଡ଼ିଶାର ଜନ ସାଧାରଣ ମଧ୍ୟ ଶାନ୍ତ ବାତାବରଣକୁ ପସନ୍ଦ କରିଥାନ୍ତି । ଏହି ଧମକ ଓଡ଼ିଶାର ଜନ ସାଧାରଣଙ୍କ ମନରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି, ରାଜ୍ୟରେ ଆତଙ୍କବାଦ ଧମକ ଘଟଣାକୁ ଗୁରୁତ୍ୱ ଦେଇ ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି । କାରଣ, ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବା ବେଳେ, ପୁରୀ ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ, ଏହି ଧମକ ଆଗକୁ ପର୍ଯ୍ୟଟକଙ୍କ ଆଗମନ ପାଇଁ କଣ୍ଟା ହୋଇପାରେ । ରାଜ୍ୟ ସରକାର ଏହାକୁ ଗୁରୁତର ସହିତ ନେଇ ଏହି ଧମକର ପୃଷ୍ଠଭୂମି ଉପରେ, ସବିଶେଷ ତଥ୍ୟ ସଂଗ୍ରହ କରିବା ପାଇଁ, ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଟିମ ଗଠନ କରିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଧମକ ବିଷୟରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଟିମ ଦ୍ୱାରା ତଦନ୍ତ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ଡ଼ଃ ମହାନ୍ତି କହିଛନ୍ତି ।

## ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପିଆଜ ହେଉଛି ଉତ୍ପାଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଆବଶ୍ୟକତା ଠୁ ଅଧିକ ପିଆଜ ହେଉଛି ଉତ୍ପାଦନ । ବିଧାନସଭାରେ ତଥ୍ୟ କହୁଛି ୨୦୨୩-୨୪ ରେ ଆବଶ୍ୟକତା ୩ ଲକ୍ଷ ୭୫ ହଜାର ମେଟ୍ରିକ ଟନ ଥିବା ବେଳେ ଉତ୍ପାଦନ ହେଇଥିଲା ୪ ଲକ୍ଷ ୨୦ ହଜାର ମେଟ୍ରିକ ଟନ । ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂ ଦେଓ ଲିଖିତ ଉତ୍ତର ରଖିଛନ୍ତି । ଅନ୍ୟ ଏକ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ ଉତ୍ତର ରଖି କହିଛନ୍ତି ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ଅଂଚଳରେ ପୁରୁଣା ପିଆଜ ଗଛିତ ହ୍ରାସ ଏବଂ ନୂଆ ପିଆଜ ଅମଳ ବିଳମ୍ବ ହେବାରୁ ରାଜ୍ୟରେ ପିଆଜ ଦର ବଢିଛି । ରାଜ୍ୟରେ ବର୍ତ୍ତମାନ ପିଆଜର ଦର ୭୦ ଟଙ୍କା ରହିଛି ।

## ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ



କଟକ(ଭାସ୍କର ନ୍ୟୁଜ୍): ପରିବାର ପାଇଁ ସନ୍ତାନଟିଏ ଯେପରି ଆବଶ୍ୟକ, ସନ୍ତାନ ପାଇଁ ମଧ୍ୟ ପରିବାରଟିଏ ସେଭଳି ଅପରିହାର୍ଯ୍ୟ । ଦୁନିଆରେ ଏଭଳି ପିତାମାତା ଅଛନ୍ତି, ଯେଉଁମାନେ ସନ୍ତାନର ସୁଖ ପାଇପାରି ନାହାନ୍ତି ଏବଂ ସନ୍ତାନସନ୍ତତି ଅଛନ୍ତି ଯେଉଁମାନଙ୍କୁ ପରିବାରଟିଏ ମିଳିପାରୁନାହିଁ । ନିଃସନ୍ତାନ ଦମ୍ପତି ହୁଅନ୍ତୁ କିମ୍ବା ସ୍ୱେଚ୍ଛାକୃତ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଦାତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟିକ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ସଂପର୍କିତ ଏକ ଲିଫ୍ଲେଟ ଉନ୍ମୋଚନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଭବନର ନିର୍ଦ୍ଦେଶକ ଡାକ୍ତର ପ୍ରଭାକର ମିଶ୍ର, କଟକ ଶିଶୁ ମଣ୍ଡଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଜିଲ୍ଲାର ବିଭିନ୍ନ ଥାନାର ଆରକ୍ଷୀ ନିରୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ, ବାଳ ଅପରାଧ ନ୍ୟାୟିକ ପରିଷଦର ସଦସ୍ୟ, ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲର ପରିଚାଳକ ଓ ଜିଲ୍ଲା ଶିଶୁ କଲ୍ୟାଣ ସମିତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।





"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ଖସୁଛି ଜିଡିପି, ବଢୁଛି ମୁଦ୍ରାସ୍ଫୀତି

# ଭାରତୀୟ ଅର୍ଥନୀତିର ନିମ୍ନମୁଖୀ ଗତି

ଭାରତୀୟ ଅର୍ଥନୀତି ଏବେ ଏକ ଖରାପ ସମୟ ଦେଇ ଗତି କରୁଥିବାର ଦେଖାଯାଉଛି। ଗୋଟିଏ ପଟେ ମୋଟ ଘରୋଇ ଉତ୍ପାଦ (ଜିଡିପି) ହ୍ରାସ ପାଇଥିବା ବେଳେ ଅନ୍ୟପଟେ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଚରମ ସୀମାରେ ପହଞ୍ଚିଛି। ସେଥିରେ ପୁଣି ଆମେରିକୀୟ ମୁଦ୍ରା ଡଲାର୍ ତୁଳନାରେ ଭାରତୀୟ 'ଟଙ୍କା'ର ବିନିମୟ ମୂଲ୍ୟ କ୍ରମାଗତ ଭାବରେ ହ୍ରାସ ପାଇବା ଉଦ୍‌ବେଗର କାରଣ ସାଜିଛି। ଆମ ଦେଶର ଅର୍ଥ ବ୍ୟବସ୍ଥାକୁ ସମଗ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବା ପାଇଁ କେନ୍ଦ୍ରର ମୋଦି ସରକାର ଲକ୍ଷ୍ୟ ରଖିଥିବା ବେଳେ ଅର୍ଥନୀତିର ଏଭଳି ନିମ୍ନମୁଖୀ ଗତି କିଛିଟା ନିରାଶାର ଚିତ୍ର ପ୍ରଦାନ କରୁଛି। ଗତ ସପ୍ତାହରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଆର୍ଥିକ ଅଭିବୃଦ୍ଧି ୫.୪ ପ୍ରତିଶତକୁ ଖସି ଆସିଛି। ଗତ ଦୁଇବର୍ଷ ମଧ୍ୟରେ ଏହି ହାର ସର୍ବନିମ୍ନ ବୋଲି ଅର୍ଥନୀତିଜ୍ଞମାନେ ମତ ରଖିଛନ୍ତି। ଏହା ପୂର୍ବରୁ ଗତ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତିନିମାସରେ ଜିଡିପି ଅଭିବୃଦ୍ଧି ହାର ୪.୩ ପ୍ରତିଶତ ରହିଥିଲା। ଉତ୍ପାଦନ କ୍ଷେତ୍ରରେ ଖରାପ ପ୍ରଦର୍ଶନ ଓ ବ୍ୟବସାୟରେ ମନ୍ଥରତା ସାମଗ୍ରିକ ଭାବରେ ଦେଶର ଅର୍ଥନୀତିକୁ ମନ୍ଥର କରିଦେଉଛି। ଅନ୍ୟପକ୍ଷରେ ମୁଦ୍ରାସ୍ଫୀତି କ୍ଷେତ୍ରରେ ଗ୍ରାହକ ମୂଲ୍ୟ ସୂଚକାଙ୍କ ଭିତ୍ତିରେ ମୁଦ୍ରାସ୍ଫୀତି ଅକ୍ଟୋବର ମାସରେ ୬.୨୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ବିଗତ ୧୪ମାସ ମଧ୍ୟରେ ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ପୂର୍ବବର୍ତ୍ତୀ ସେପ୍ଟେମ୍ବର ମାସରେ ଏହି ହାର ୫.୪୯ ପ୍ରତିଶତ ରହିଥିବା ସ୍ଥଳେ ବିଭିନ୍ନ ଖାଦ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବଢ଼ିବାର ଧାରା ଆରମ୍ଭ ହୋଇଛି। ଗତବର୍ଷ ଅକ୍ଟୋବର ମାସରେ ଏହି ହାର ମାତ୍ର ୪.୩ ପ୍ରତିଶତ ଥିବାବେଳେ ଚଳିତବର୍ଷ ଏଥିରେ ଯଥେଷ୍ଟ ବୃଦ୍ଧି ଘଟିବା ଚିନ୍ତାର କାରଣ ହୋଇଛି। ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍.ବି.ଆଇ) ଏଥର ମଧ୍ୟ ସୁଧହାର ହ୍ରାସ କରିବାର ସମ୍ଭାବନା ଦେଖାଯାଉନାହିଁ। ମଙ୍ଗଳବାର ଦିନ ଆମେରିକୀୟ ଡଲାର୍ ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟ ୮୪ଟଙ୍କା ୭୧ ପଇସା ରହିଛି, ଯାହାକି ସର୍ବକାଳୀନ ନିମ୍ନସ୍ତର ରୂପେ ବିବେଚିତ ହେଉଛି। ଗୋଟିଏ ପଟେ ବିଶ୍ୱ ବଜାରରେ ଏବେ ଡଲାର୍ ଖୁବ୍ ମଜବୁତ ସ୍ଥିତିରେ ଥିବାବେଳେ ଅନ୍ୟପଟେ ନିବେଶକମାନେ ଭାରତୀୟ ବଜାରରୁ ବିଦେଶୀ ପୁଞ୍ଜି କ୍ରମାଗତ ଭାବରେ ପ୍ରତ୍ୟାହାର କରିନେବା 'ଟଙ୍କା' ଦୁର୍ବଳ ହେବାର ମୁଖ୍ୟ କାରଣ ବୋଲି ଜଣାପଡିଛି। ଏହାରି ଭିତରେ ଆସନ୍ତା ଜାନୁଆରୀ ମାସରେ ଶାସନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଧମକପୂର୍ଣ୍ଣ ବାଣୀ ଭାରତ ସମେତ 'ବ୍ରିକ୍ସ୍' ଗୋଷ୍ଠୀଭୁକ୍ତ ଦେଶଗୁଡ଼ିକ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଟ୍ରମ୍ପ୍ ଧମକ୍ ଦେଇଛନ୍ତି ଯେ, ବ୍ରିକ୍ସ୍ ରାଷ୍ଟ୍ରଗୁଡ଼ିକ ଯଦି ଆମେରିକୀୟ ଡଲାରକୁ ଦୁର୍ବଳ କରିବା ପାଇଁ କାର୍ଯ୍ୟ କରନ୍ତି, ତେବେ ଆମେରିକା ସେହିସବୁ ଦେଶରୁ ସାମଗ୍ରୀ ଆମଦାନି ଉପରେ ଶତପ୍ରତିଶତ (୧୦୦%) ଶୁଳ୍କ ଧାର୍ଯ୍ୟ କରିବ। ତାଙ୍କର ଏହି ଧମକ ପରୋକ୍ଷରେ ଭାରତକୁ ଆର୍ଥିକ କ୍ଷତି ପହଞ୍ଚାଇବ, କାରଣ ୨୦୨୩-୨୪ ଆର୍ଥିକ ବର୍ଷରେ ଆମେରିକା ସହ ଭାରତର ସର୍ବାଧିକ ବାଣିଜ୍ୟ ଭାଗିଦାରୀ ରହିଥିଲା। ମୋଟାମୋଟି ଭାବରେ ଅର୍ଥନୀତି କ୍ଷେତ୍ରରେ ଏଭଳି ଅନେକ ଗୁଡ଼ିଏ ନକାରାତ୍ମକ ସଂକେତ ଦେଖିବାକୁ ମିଳୁଛି, ଯାହା ଆଗାମୀ ଦିନରେ ଆମ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଠିକ୍ ଏହି ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ତଥା ଓଡ଼ିଶାର ଅଧିକାରୀ ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଆସନ୍ତା ସପ୍ତାହରେ ଶେଷ ହେଉଛି। ଦୁଇଥରରେ ଛ'ବର୍ଷ କାଳ ଏହି ଗୁରୁଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିଥିବା ଶକ୍ତିକାନ୍ତଙ୍କୁ ଆଉ ପୁନଃ ନିଯୁକ୍ତି ମିଳୁଛି କି ନାହିଁ, ତା' ଉପରେ ଏବେ ସମସ୍ତଙ୍କର ନଜର।

# ସଂସଦରେ ହଟ୍ଟଗୋଳ: ଉତ୍ତରଦାୟୀ ହେବା ଆବଶ୍ୟକ




ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪


ଲୋକସଭା ହେଉ ବା ରାଜ୍ୟସଭା ଅଥବା ରାଜ୍ୟମାନଙ୍କର ବିଧାନସଭାର ଅଧିବେଶନରେ ସାଧାରଣ ଜନତା ଏବଂ ଦେଶ ରାଜ୍ୟର ବିକାଶ ବାବଦରେ ଆଲୋଚନା ହେବା କଥା। କିନ୍ତୁ ସଂସଦ ଏବଂ ବିଧାନସଭାର କୌଣସି ବି ଅଧିବେଶନ ବିନା ହଟ୍ଟଗୋଳରେ ଚାଲୁନାହିଁ। ସଂସଦ ଓ ବିଧାନସଭାର ଅଧିବେଶନରେ ହୋ ହାଲ୍ଲା ହଟ୍ଟଗୋଳ ଏବେ ଏକ ଦୁଷ୍ପ୍ରଭାବି ପରମ୍ପରାରେ ପରିଣତ ହୋଇଗଲାଣି। ଏହି ଅବସ୍ଥାର ପରିବର୍ତ୍ତନ ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଯେଉଁ ସଦନରୁ ଲୋକଙ୍କୁ କିଛି ମିଳିବା କଥା ତାହା ହଟ୍ଟଗୋଳ କାରଣରୁ ମିଳି ପାରୁନାହିଁ। ହୋହାଲ୍ଲା ହଟ୍ଟଗୋଳ କାରଣରୁ କାହାରି କିଛି ଲାଭ ହେଉନାହିଁ ବରଂ କ୍ଷତି ହେଉଛି। ବିଡ଼ମ୍ବନା ଯେ ହଟ୍ଟଗୋଳ କୁ ନିଜର ବିଜୟ ଭଳି ପ୍ରସ୍ତୁତ କରଯାଉଛି। ଲୋକସଭା, ରାଜ୍ୟସଭା ଓ ବିଧାନସଭା ମାନଙ୍କରେ ଅଧିବେଶନ ବେଳେ କୌଣସି ନା କୌଣସି ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିବା ଏକ ରାଜନୈତିକ ସ୍ୱଭାବ ପାଲଟିଗଲାଣି। ଯେତେବେଳେ ଯେଉଁ ଦଳ ବିପକ୍ଷରେ ରହୁଛି ସିଏ ହୋ ହାଲ୍ଲା କରିବା ପାଇଁ ପସନ୍ଦ କରୁଛି। କଂଗ୍ରେସ ସରକାରରେ ଥିବା ବେଳେ ବିଜେପି ସମେତ ଅନ୍ୟ ବିରୋଧି ଦଳମାନେ ହୋ ହାଲ୍ଲା କରୁଥିଲେ ଓ ଏବେ ବିଜେପି ସରକାରରେ ଥିବାବେଳେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳମାନେ ହୋହାଲ୍ଲା କରୁଛନ୍ତି। ଏହି ହୋହାଲ୍ଲା ପାଇଁ ସରକାରୀ ଦଳ ଓ ବିରୋଧୀ ଦଳଙ୍କୁ ଉତ୍ତରଦାୟୀ କରାଯିବା ଦରକାର। କାରଣ ଅଧିବେଶନ ଓ ଅଧିବେଶନରେ ଭାଗ ନେଉଥିବା ଜନପ୍ରତିନିଧି ମାନଙ୍କ ଖର୍ଚ୍ଚ ବାବଦ ଅର୍ଥ ଦେଶର ଟିକସଦାତାଙ୍କ ପକେଟରୁ ହିଁ ଯାଇଥାଏ।

ଅନେକ ସମୟରେ ଦେଖାଯାଇଥାଏ ଯେ ବିପକ୍ଷ (ବିରୋଧିଦଳ) ତାଙ୍କ ହିସାବରେ ପ୍ରସଙ୍ଗ ଉଠାଇଥାନ୍ତି। ପ୍ରସଙ୍ଗକୁ ନେଇ ସାର୍ଥକ ଆଲୋଚନା କରିବା ପରିବର୍ତ୍ତେ ସଂସଦ କେମିତି ଚାଲିନପାରିବ ସେକଥାକୁ ବିରୋଧୀ ଦଳ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ବିରୋଧୀ ଦଳମାନେ ସରକାରଙ୍କୁ ସଂସଦରେ ଘେରିବା ବା ବିରୋଧ କରିବା ପାଇଁ ନିଜେ ପ୍ରସଙ୍ଗର ଚୟନ କରିନଥାନ୍ତି। ସେଇ ପ୍ରସଙ୍ଗକୁ ନେଇ ବିରୋଧ କରିବା ଆରମ୍ଭ କରିଥାନ୍ତି ଯାହା ଅଧିବେଶନର ପୂର୍ବରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏବେର ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତଙ୍କୁ ଜଣାଥିଲା ଯେ ମଣିପୁର ଏବଂ ଆଦାନୀ ପ୍ରସଙ୍ଗ ସହ ସମ୍ଭଲ ପ୍ରସଙ୍ଗ ମଧ୍ୟ ବିରୋଧୀଙ୍କ କାର୍ଯ୍ୟସୂଚୀରେ ଆସିବ। ଏ ପ୍ରସଙ୍ଗ ମଧ୍ୟ ବିରୋଧୀ ଦଳର କାର୍ଯ୍ୟସୂଚୀରେ ରହିବା ଉଚିତ୍, କିନ୍ତୁ ଏଥିପାଇଁ କ'ଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ପ୍ରସଙ୍ଗକୁ ଚୟନ କରାଯିବ ନାହିଁ କି ? ସରକାର କ'ଣ ଏସବୁ ପ୍ରସଙ୍ଗର ଉତ୍ତର ଦେବେ ନାହିଁ ? ଦେଶରେ ବେରୋଜଗାରୀ, ଦରଦାମ୍ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ସହରୀକରଣ ସମେତ ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ବ୍ୟାପକ ବିଚାର ବିମର୍ଷ ହେବା ଆବଶ୍ୟକ। କିନ୍ତୁ ବିରୋଧୀ ଦଳ ଏସବୁ ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ପାଇଁ ଗୁରୁତ୍ୱ ଦେଉ ନାହାଁନ୍ତି କାହିଁକି ସେ କଥା ଜଣାପଡୁନାହିଁ। ବିରୋଧୀ ହଟ୍ଟଗୋଳ କରି ସଂସଦର କାର୍ଯ୍ୟକୁ ବାଧାପ୍ରାପ୍ତ କରାଉଛନ୍ତି ହେଲେ ଏମିତି କରି ଲୋକଙ୍କ ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବାରେ କେତେ ସକ୍ଷମ ହେଉଛନ୍ତି ସେକଥା ସମୟ ହିଁ କହିବ। ସବୁ ରାଜନୈତିକ ଦଳ ଏବଂ ଜନପ୍ରତିନିଧି ଜାଣନ୍ତି ଯେ ଜନତା ହୋହାଲ୍ଲା ନୁହେଁ ରାଷ୍ଟ୍ରୀୟ ମହତ୍ୱ ଥିବା ପ୍ରସଙ୍ଗରେ ସରକାରଙ୍କ ଉତ୍ତର ଚାହାଁନ୍ତି। ସଂସଦରେ ହୋହାଲ୍ଲା କରୁଥିବା ବିରୋଧୀ ଏ ବାବଦରେ ବିଚାର କରିବା ଆବଶ୍ୟକ। ଶାସକ ଦଳ ମଧ୍ୟ ସଂସଦ କେମିତି ଠିକ୍ ଭାବରେ ଚାଲିବ ସେକଥା ଦେଖିବା ଉଚିତ। ଏଥିପାଇଁ ବିରୋଧୀ ଦଳ କେମିତି ସରକାରଙ୍କ ଉପରେ ଭରଷା କରିପାରିବେ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କିପରି ଆଲୋଚନା ହୋଇପାରିବ ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ। ଶାସକ ଓ ବିରୋଧୀଙ୍କ ମଧ୍ୟରେ କଟୁତା ଦୂର ହେବା ଉଚିତ୍ ଓ ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଶାସକ ଓ ବିରୋଧୀ ଓ ଉଭୟେ ଉଭୟଙ୍କୁ ଆଦର ସମ୍ମାନ କରିବେ।

ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହ ହୋହାଲ୍ଲା ଯୋଗୁଁ ବାଧିତ ହୋଇଛି। ଏମିତି ହେବ ବୋଲି ମଧ୍ୟ ଆଗରୁ ଜଣାଥିଲା କାରଣ କଂଗ୍ରେସ ଏବଂ କିଛି ଅନ୍ୟଦଳ ମାନେ ଆଦାନୀ ପ୍ରକରଣ, ମଣିପୁର ହିଂସା ସମେତ ଅନ୍ୟ କେତେକ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବେ ବୋଲି କହି ସାରିଥିଲେ। ଏଥିରେ ସମ୍ଭଲରେ ଘଟିଥିବା ହିଂସାକାଣ୍ଡ ପ୍ରସଙ୍ଗ ମଧ୍ୟ ଯୋଡି ହୋଇଗଲା। ଆଦାନୀ ପ୍ରସଙ୍ଗ କିଛିଦିନ ପୂର୍ବରୁ ମୁଖ୍ୟ ଚର୍ଚ୍ଚାର ପ୍ରସଙ୍ଗ ଥିଲା। ଏହା ହୁଏତ ଦୁର୍ଭାଗ୍ୟ ହୋଇପାରେ ଯେ ଅଧିବେଶନ ପୂର୍ବରୁ ଏଭଳି ସମ୍ବେଦନଶୀଳ ମାମଲା ସାମ୍‌ନାକୁ ଆସିଯାଉଛି। ଅତୀତରେ ପେଗାସେସ ଗୁଇନ୍ଦା କାଣ୍ଡ ଏବଂ ଆଦାନୀ ଗ୍ରୁପ୍ ବାବଦରେ ହିଣ୍ଡେନବର୍ଗ ରିପୋର୍ଟ ମଧ୍ୟ ସଂସଦ ଅଧିବେଶନ ପୂର୍ବରୁ ଆସିଥିଲା।

କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳମାନେ ଅଚାନକ ଆସୁଥିବା ଏଭଳି ପ୍ରସଙ୍ଗକୁ ହାତଛଡା କରିବେ ବା କରିଥାନ୍ତେ କେମିତି ? କିନ୍ତୁ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ଅଧିବେଶନରୁ ଜନତା ଏବଂ ଦେଶକୁ କ'ଣ ମିଳିଲା ତା'ର ଉତ୍ତର ଶାସକ ଦଳ ବା ବିରୋଧୀ କେହି ଦେଇ ପାରିବେ ନାହିଁ। ସଂସଦରରେ ଲୋକଙ୍କ ସମସ୍ୟା ଉତ୍‌ଥାପନ କରାଯାଉନାହିଁ କାହିଁକି ? ଏକଥା ନୁହେଁ ଯେ ବିରୋଧୀ ଦଳ ପକ୍ଷରୁ ଜନଜୀବନ ସହ ଜଡିତ ପ୍ରସଙ୍ଗ ଉଠାଇବା ପାଇଁ ପ୍ରୟାସ କରାଯାଉ ନାହିଁ। କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ମୋଦୀ ସରକାର ବିପକ୍ଷ ମୁକ୍ତ ସଂସଦ ଚାହୁଁଛନ୍ତି ଯେଉଁଥିପାଇଁ ବିରୋଧୀମାନେ ଏପରି କରିବାକୁ ଏକପ୍ରକାର ବାଧ ହେଉଛନ୍ତି ବୋଲି ରାଜନୈତିକ ବିଶ୍ଲେଷକମାନଙ୍କ ମତ।

ସଂସଦର ଗୋଟିଏ ଦିନର ଅଧିବେଶନ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ସେ ବାବଦରେ ସମସ୍ତେ ଜାଣିବା ଉଚିତ୍। ଲୋକମାନଙ୍କ ଦ୍ୱାରା ନିର୍ବାଚିତ ନେତାମାନେ ସଂସଦରେ ହଟ୍ଟଗୋଳ କରି ଦେଶର ଅର୍ଥ ଅର୍ଥ ବ୍ୟବସ୍ଥାକୁ ଦୁରୁସ୍ତ କରୁଛନ୍ତି ବୋଲି ମଧ୍ୟ କୁହାଯାଇ ପାରିବ। ସଂସଦରେ ହଟ୍ଟଗୋଳ କାରଣରୁ ସଂସଦ ଚାଲି ନପାରିବାରୁ ଅଧିବେଶନର ପ୍ରତି ମିନିଟ ପାଇଁ ବ୍ୟୟ ହେଉଥିବା ଅଢ଼େଇ ଲକ୍ଷ ଟଙ୍କା ନଷ୍ଟ ହେଉଛି। ଅର୍ଥାତ୍ ସଂସଦର ଅଧିବେଶନ ବେଳେ ପ୍ରତିମିନିଟ ପାଇଁ ଅଢେଇ ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ ଓ ଏହି ବ୍ୟୟ ବାବଦ ଅର୍ଥ ହେଉଛି ଦେଶର ଟିକସଦାତା/ ଜନତାଙ୍କ ଅର୍ଥ। ଏଣୁ ସଂସଦ ନଚାଲିବାରୁ ପ୍ରତିମିନିଟରେ ଲୋକଙ୍କର ଅଢେଇଲକ୍ଷ ଟଙ୍କା ବରବାଦ ହେଉଛି ଅର୍ଥାତ୍ ପ୍ରତି ଘଣ୍ଟାରେ ଦେଢ଼ କୋଟି ଖର୍ଚ୍ଚ ହୋଇ ଯାଉଛି କିନ୍ତୁ ଫଳ ଶୂନ୍। ଏଣୁ ଶାସକ ଓ ବିରୋଧୀ ନିଜର ଉତ୍ତରଦାୟିତ୍ୱ ସ୍ଥିର କରିବା ଆବଶ୍ୟକତା ରହିଛି ଲୋକ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି, ଏଣୁ ସାବଧାନ ହେବା ଉଚିତ୍।

# ଶ୍ରୀହରି-ହର ଦର୍ଶନ




ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨


ଶ୍ରୀହରି ନିଜ ସୁଦର୍ଶନ ଚକ୍ର ସହାୟତାରେ ଭକ୍ତମାନଙ୍କ ରକ୍ଷା କରିଥାନ୍ତି। ତେବେ ଆପଣ ଜାଣନ୍ତି କି' ଶ୍ରୀହରି ଏହି ସୁଦର୍ଶନ ଚକ୍ର କେଉଁଠୁ ପାଇଲେ ? ଭଗବାନ ବିଷ୍ଣୁ ଶିବଙ୍କ ଉପାସନା କରନ୍ତି ଏବଂ ଶିବ ଶ୍ରୀହରିଙ୍କ ଉପାସନା କରିଥାନ୍ତି। ଥରେ ଶ୍ରୀହରି ବ୍ରତ ରଖିଥିଲେ। ତଦ୍‌ନୁଯାୟୀ ସେ ପ୍ରତିଦିନ ଏକ ହଜାର ପଦ୍ମ ଫୁଲରେ ଭଗବାନ ଶିବଙ୍କ ପୂଜା କରିଥିଲେ। ତେବେ ଶ୍ରୀହରିଙ୍କ ଏହି ପୂଜାକୁ ଅସମ୍ପୂର୍ଣ୍ଣ କରି ରଖିବା ପାଇଁ ଇନ୍ଦ୍ର ଗୋଟିଏ ପଦ୍ମଫୁଲ ଚୋରାଇ ନେଲେ। ମାତ୍ର ଶ୍ରୀହରି ବ୍ରତ ସମ୍ପୂର୍ଣ୍ଣ କରିବା ଲାଗି ନିଜ ପଦ୍ମଫୁଲ ଭଳି ଚକ୍ଷୁ ମହାଦେବଙ୍କ ପୂଜାରେ ଅର୍ପଣ କରିଥିଲେ। ଶ୍ରୀହରିଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାଦେବ ଦିବ୍ୟ ସ୍ୱରୂପ ଧାରଣ କରି ପ୍ରକଟ ହେଲେ ଏବଂ ସୁଦର୍ଶନ ଚକ୍ର ପ୍ରଦାନ କରିଥିଲେ। ଏଥିସହିତ ଶ୍ରୀହରିଙ୍କୁ ତାଙ୍କ ଚକ୍ଷୁ ଫେରାଇ ଦେଇଥିଲେ।

ଏହି କଥା ହରି ଓ ହରଙ୍କ ମଧ୍ୟରେ ଥିବା ପ୍ରଗାଢ଼ ସମ୍ପର୍କକୁ ସୂଚାଇ ଦେଇଥାଏ। ପୁରାଣରେ ଏମିତି ଅନେକ ଉଦାହରଣ ରହିଛି, ଯେଉଁଥିରେ ମହାଦେବ ନିଜେ ହରିଙ୍କ ପୂଜା ଏବଂ ଦର୍ଶନ କରିଛନ୍ତି। ବସ୍ତୁତଃ ହର ଏବଂ ହରି ହେଉଛନ୍ତି ଏକ ପରମତତ୍ତ୍ୱର ଦୁଇଟି ସ୍ୱରୂପ। ଏହି କାରଣରୁ ଭଗବାନ ଶ୍ରୀକୃଷ୍ଣ ଚନ୍ଦନ କାଠ ଏବଂ ରତ୍ନ ଜଡ଼ିତ ସୋମନାଥ ମନ୍ଦିର ନିର୍ମାଣ କରିଥିଲେ। ସେହିଠାରେ ଶ୍ରୀକୃଷ୍ଣ ନିଜ ଦିବ୍ୟ ଅବତାର ଲୀଳାର ସମ୍ବରଣ କରିଥିଲେ।

# ପିଲାଙ୍କ ମୂଲ୍ୟାଙ୍କନ




ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭



ଆଜିକାଲି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପିଲାଙ୍କ ବିଭିନ୍ନ ପ୍ରକାର ଫଟୋ ଦେଖିବାକୁ ମିଳୁଛି । ହସିବା, ଗାଇବା, କାନ୍ଦିବା, ଖେଳିବା, ଖାଇବା, ପିଇବା, ଦୁଷ୍ଟାମି କରିବା ସବୁ ପ୍ରକାର ଫଟୋ ଓ ଭିଡିଓ ଫେସବୁକ, ଇନଷ୍ଟାଗ୍ରାମ, ସ୍ନାପଚାଟ୍, ଟିକ୍ ଟକ୍, ୟୁଟ୍ୟୁବ୍ ଆଦି ସମସ୍ତ ପ୍ଲାଟଫର୍ମରେ ଉପଲବ୍ଧ । ଏହି ଫଟୋକୁ ଅନେକ ସମୟରେ ଅଭିଭାବକମାନେ ଶେୟାର କରିଥାନ୍ତି । ପ୍ରତିଦିନ ସାରା ବିଶ୍ୱରୁ ଏଭଳି ଲକ୍ଷ ଲକ୍ଷ ଫଟୋ ଓ ଭିଡିଓ ସେୟାର ହେଉଛି । ଏହାର ନାମ ସେୟାରିଂ ରଖାଯାଇଛି। ଶେୟାର ଏବଂ ରେଣ୍ଟିଂକୁ ମିଶାଇ ଏହି ଶବ୍ଦଟି ରଚିତ । ସୋସିଆଲ ମିଡିଆ ଆସିବା ପରଠାରୁ ଏଭଳି ଫଟୋ, ଭିଡିଓର ବନ୍ୟା ଦେଖିବାକୁ ମିଳୁଛି । ଏଥିରେ ଆମେରିକା, ବ୍ରିଟେନ, ସ୍ପେନ, ଫ୍ରାନ୍ସ, ଭାରତ ସମେତ ଅନେକ ଏସୀୟ ଦେଶ ସାମିଲ ଅଛନ୍ତି । ଏହାକୁ ଶେୟାର କରୁଥିବା ଅନେକ ପିତାମାତା ମଧ୍ୟ ବହୁତ ଟଙ୍କା ରୋଜଗାର କରୁଛନ୍ତି । ସେମାନେ ଲାଇକ୍ ଏବଂ ଭିୟୁଜ (ଦେଖିବା) ଆଧାରରେ ବିଜ୍ଞାପନ ମଧ୍ୟ ପାଇଥାନ୍ତି । ସବୁ ବଡ ବ୍ରାଣ୍ଡ ସେମାନଙ୍କ ଉପରେ ନଜର ରଖନ୍ତି ଏବଂ ଲୋକପ୍ରିୟ ଭିଡିଓ ଦେଖି ସେମାନେ ପିଲା ଏବଂ ପିତାମାତାଙ୍କ ସହ ଜଡିତ ଉତ୍ପାଦଗୁଡିକ ପାଇଁ ଏକ ବଡ ବଜାର ପାଆନ୍ତି। ଲୋକମାନେ ପିଲାମାନଙ୍କ ବିଷୟରେ ଦେଖିବାକୁ ପସନ୍ଦ କରନ୍ତି । ସେଥିପାଇଁ ଏହା ଏକ ସଫଳ ବ୍ୟବସାୟରେ ମଧ୍ୟ ପରିଣତ ହୋଇଛି । କିନ୍ତୁ ଏବେ ବଡ଼ ହୋଇଥିବା ଅନେକ ପିଲା ଏଭଳି ଜିନିଷକୁ ବିରୋଧ କରୁଛନ୍ତି। ପାଶ୍ଚାତ୍ୟରେ ଏମାନେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ କହୁଛନ୍ତି ଯେ ପିତାମାତା ପିଲାଙ୍କ ସହିତ ଏପରି କରିବା ଉଚିତ ନୁହେଁ । ଏପରିକି ସେମାନଙ୍କ ସହ ଜଡିତ ଛୋଟ ଛୋଟ କଥାକୁ ମଧ୍ୟ ସୋସିଆଲ ମିଡିଆରେ ସେୟାର କରାଯାଏ ଏବଂ ସେମାନଙ୍କ ଗୋପନୀୟତା ଏବଂ ଅଧିକାର ଉଲ୍ଲଂଘନ କରାଯାଏ । ଏହି ପିଲାମାନେ କିଶୋର ହେବା ବେଳକୁ ସେମାନଙ୍କର ହଜାର ହଜାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଦେଖା ସରିଥାଏ। ପିଲାମାନଙ୍କର ଲକ୍ଷ ଲକ୍ଷ ଅନୁଗାମୀ ଅଛନ୍ତି । ସେମାନେ ପିଲାମାନଙ୍କ ବିଷୟରେ ଅଧିକ ଜାଣିବାକୁ ଚାହାଁନ୍ତି । ପିଲାଙ୍କ ସୁରକ୍ଷା ପାଇଁ ଫଟୋ, ଭିଡିଓ ସେୟାର କରିବାରୁ ଦୂରେଇ ରହିବା ଉଚିତ୍ । ପିଲାଙ୍କ ଗୋପନୀୟତା ଉଲ୍ଲଂଘନ କରିବାକୁ ଆଇନ ମଧ୍ୟ ଅନୁମତି ଦେଇନାହିଁ। ତିନି ବର୍ଷର ଶିଶୁ ବନ୍ଧୁକ ଚାଳନା କରୁଥିବା ଦେଖିବାକୁ ମିଳେ। ଅନେକ ସମୟରେ ଗର୍ଭାବସ୍ଥା ଆରମ୍ଭ ହେବା ମାତ୍ରେ ଏଭଳି ଫଟୋ ଓ ଭିଡିଓ ସେୟାର କରାଯାଇଥାଏ। ପିଲାଟି କେମିତି ଜନ୍ମ ହେଲା, କେମିତି କାନ୍ଦିଲା, କ୍ଷୀର ପିଇବା ବେଳେ କେତେବେଳେ ଗାଧୋଇଲା, କେତେବେଳେ ଶୋଇଲା ଇତ୍ୟାଦି ଛୋଟ ଛୋଟ କଥା । ପିଲାଙ୍କ ଜରିଆରେ ପିତାମାତା ମଧ୍ୟ ନିଜ ପାଇଁ ପ୍ରସିଦ୍ଧି ଚାହାନ୍ତି। ସେମାନଙ୍କର ଇଚ୍ଛାକୁ ଛୋଟ ପିଲାଙ୍କ ଉପରେ ଏପରି ଭାବରେ ଲଦି ଦିଆଯାଇଛି ଯେ ସେମାନଙ୍କର ପ୍ରତିଟି ମୁହୂର୍ତ୍ତ ଅନ୍ୟମାନଙ୍କ ଆଖିରେ ଦେଖାଯାଏ । ସୋସିଆଲ ମିଡିଆରେ ପିଲାଙ୍କୁ ଏଭଳି ଭାବରେ ଚିତ୍ରଣ କରିବା ଅନେକ ଦେଶରେ ଶିଶୁ ଶ୍ରମିକ ଅଧୀନରେ ଏହା ଅପରାଧ ବୋଲି ବିବେଚନା କରାଯାଇଛି । ଶିଶୁ ଶ୍ରମିକ ବେଆଇନ। ସେଥିପାଇଁ ସରକାର ନିୟମ ତିଆରି କରୁଛନ୍ତି ଯେ ଯଦି ପିଲାମାନଙ୍କୁ ଏଭଳି ବ୍ୟବହାର କରାଯାଏ ତେବେ ଯେଉଁମାନେ ଏପରି କରିବେ ସେମାନଙ୍କୁ ଦଣ୍ଡ ମିଳିବ । ଏପରିକି ଏହି ଅପରାଧରେ ଜଣେ ଅଭିଭାବକ ଠାରୁ ନିଜ ପିଲାଙ୍କୁ ଛଡାଇ ନେଇଥିଲେ। ଅନେକ ମା' ମଧ୍ୟ ଏଭଳି ଜିନିଷକୁ ବିରୋଧ କରୁଛନ୍ତି। ଜଣେ ମା' କହିଛନ୍ତି ଯେ ସେ ଚାହୁଁନାହାନ୍ତି ଯେ ତାଙ୍କ ପିଲାମାନେ ପ୍ରଦର୍ଶନୀ ହୁଅନ୍ତୁ। ପିତାମାତା ପିଲାଙ୍କ ଖର୍ଚ୍ଚରେ ବଡ଼ ବଡ଼ ଘର ନିର୍ମାଣ କରୁଛନ୍ତି। ସେମାନେ ଅନେକ ଦାମୀ ଜିନିଷ କିଣୁଛନ୍ତି। ସାରା ବିଶ୍ୱରେ ଲକ୍ଷ ଲକ୍ଷ ପିଲା ଲକ୍ଷ ଲକ୍ଷ ଲୋକଙ୍କ ଆଖିରେ ଅଛନ୍ତି । ଅଂଶୀଦାର ବିରୋଧରେ ଅଭିଯାନ ମଧ୍ୟ ସମର୍ଥନ ହାସଲ କରୁଛି। ଜଣେ ଯୁବତୀ କହନ୍ତି, 'ଆସନ୍ତାକାଲି ଯଦି ମୁଁ ଚାକିରି ପାଇଁ ଯାଏ , ନିଯୁକ୍ତି ଦାତା ମୋ ବିଷୟରେ ସବୁ କିଛି ଜାଣିଥିବେ। ଯେତେବେଳେ ମୋତେ ୯ ବର୍ଷ ହୋଇଥିଲା, ମୋର ଋତୁସ୍ରାବ ଆରମ୍ଭ ହୋଇଥିଲା । ଅଭିଭାବକମାନେ ମଧ୍ୟ ଏହି ସୂଚନା ଦେଇଛନ୍ତି। ଆଉ ୯ ବର୍ଷ ବୟସରେ ଲୋକମାନେ ମହିଳା ହେବା ପାଇଁ ଅଭିନନ୍ଦନ କହିବା ଆରମ୍ଭ କରିଥିଲେ । ଏହା ମୋର ପିଲାଦିନକୁ ଏକ ପ୍ରକାର ଛଡାଇ ନେଇଥିଲା । ବିଶେଷଜ୍ଞ କହୁଛନ୍ତି ଯେ କୌଣସି ଅଜଣା ବ୍ୟକ୍ତିଙ୍କ ସହ ପିଲାଙ୍କ ବିବରଣୀ ସେୟାର କରନ୍ତୁ ନାହିଁ। ସେମାନଙ୍କୁ ଫଟୋ ଦିଅନ୍ତୁ ନାହିଁ। କିନ୍ତୁ ସୋସିଆଲ ମିଡିଆ ଜରିଆରେ ଲକ୍ଷ ଲକ୍ଷ ଲୋକ ପିଲାଙ୍କ ପ୍ରତ୍ୟେକ ଗତିବିଧି ଉପରେ ନଜର ରଖିଛନ୍ତି । ଅନେକ ବିଶେଷଜ୍ଞଙ୍କ ମତରେ, ଏହା ପିଲାମାନଙ୍କ ସହିତ ବାପା ମା ଙ୍କ ସମ୍ପର୍କକୁ ପ୍ରଭାବିତ କରିଥାଏ, ଏପରିକି ସେମାନଙ୍କ ସୁରକ୍ଷା ପ୍ରତି ବିପଦ ରହିଛି । ସେୟାରିଂ କୁ ନେଇ ବିଭିନ୍ନ ଦେଶରେ ଗବେଷଣା ଚାଲିଛି । ଏହାର ମାନସିକ ପ୍ରଭାବ ଉପରେ ମଧ୍ୟ ଅଧ୍ୟୟନ କରାଯାଉଛି। ଆମେରିକାରେ ଏଭଳି ଆଇନ ପ୍ରଣୟନ ପାଇଁ ପ୍ରସ୍ତୁତି ଚାଲିଛି, ଯାହା ସୋସିଆଲ ମିଡିଆ ଠାରୁ ପିଲାମାନଙ୍କୁ ରକ୍ଷା କରିପାରିବ ।

# ମହାଯୋଗୀ ଶ୍ରୀ ଅରବିନ୍ଦ




ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪
E-mail: drjyotiranjanchampatray123@gmail.com


କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ। ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି। ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି। ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି। ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ। ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ। ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧୀନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ। ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା। ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ। ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ। ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ। ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ। ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର। ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ। ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା। କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଇଙ୍କୁ ସମର୍ପି ଦେଲେ। ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ। ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ। ତେଣୁ ସେ କହୁଥିଲେ- 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ। ଏ ହେଉଛି ସ୍ୱୟଂ ଜଗଜ୍ଜନନୀ।



ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା। ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ। ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ। ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା। ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ। ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା। ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା। ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ। ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ। ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ। ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ। ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ। ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନିଶ୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ। ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା। ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ। ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା। ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ। ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ। ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା। ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ। ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ। ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ। ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ। ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା। ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା। ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ୍ୟ ସାର୍ଥକ ହୋଇପାରିବ। ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ। ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ। ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ।

# ନେଣ୍ଡେ ଗୋବର


ସୁଚରିତା ମହାନ୍ତି
ବାରିପଦା, ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨


କଥାରେ ଅଛି- 'କ୍ଷୀର ଯଦି ଖାଇ ବସିବ ଘରେ ଥିବ ଗାଇ, ଯୁଦ୍ଧ ଯଦି କରି ବସିବ ସଙ୍ଗେ ଥିବ ଭାଇ।' ଏବେ ପରା ସବୁ ଓଲଟା। ସମୟ ପରିବର୍ତ୍ତନ ହେଉକି ନହେଉ ମଣିଷ ତା' ସ୍ୱାର୍ଥ ପାଇଁ ନିଜକୁ ପରିବର୍ତ୍ତନ କରୁ କରୁ କାନ୍ତାରୁ ଯାଇ ମହରଗରେ ପଡ଼ିଲାଣି। କଂକ୍ରିଟ ସହର ଭିତରେ ସୁଖ ସାଉଁଟୁଥିବା ବେଳେ ସେ ଚିନ୍ତା କରିପାରେନି ନିତ୍ୟ ବ୍ୟବହାର୍ଯ୍ୟ ସାମାନ୍ୟ ସାମଗ୍ରୀ କଥା। ଚିକ୍କଣିଆ ମାର୍ବଲ ଘର ସବୁବେଳେ ଚାକଚକ୍ୟ ଦିଶୁଥାଏ, କେଉଁଠି ଟିକିଏ ଅଳନ୍ଧୁ କି ଅସନା ହେଲେ ସତେକି ଯେମିତି ପୃଥିବୀଟା ଓଲଟି ପଡ଼ିବ। ଘର, ବେଶ ପୋଷାକ କେଉଁଥିରେ ହେଲେ କମି ନଥାଏ। ସୌଖିନ ଜୀବନ ଶୈଳୀ ବିତେଇବାକୁ ଆଜିକାଲି ସମସ୍ତଙ୍କୁ ପସନ୍ଦ। ବିଭିନ୍ନ ନାମୀଦାମୀ ଗାଡ଼ି ଦାମୀ କୁକୁର ସାଙ୍ଗରେ ଥିଲେ କାହିଁରେ କେତେ। ପୂଜା ପର୍ବରେ ଦୁବଘାସ କେରାଏ କି ଗୋବର ନେଣ୍ଡେ ପାଇଁ ଲୋକେ ସାତ ହୀନସ୍ତା ହୁଅନ୍ତି। ଆ' ଘର ତା' ଘର ବୁଲି ହୁଅନ୍ତି। ବୁଲା ଗାଈ କେତେବେଳେ କେଉଁଠି ଯଦି ଝାଡ଼ା କଲା ତାକୁ କିଏ କେମିତି ସାଉଁଟି ରଖିଥାନ୍ତି। ଘର ଅସନା ହେବ ଗୋବର ଗନ୍ଧ ହେବ ଗାଈ ଗୋରୁ ନଥାନ୍ତି କି ଗୁହାଳ ନଥାଏ। ଆଗରୁ ଗାଁ ମାନଙ୍କରେ ବଡ଼ି ଭୋରରୁ ଜେଜେମା' ମା' ବଡ଼ ମା' ଇତ୍ୟାଦି ଯେଉଁ ସ୍ତ୍ରୀ ଲୋକମାନେ ଥାନ୍ତି ସେମାନେ ଗୋବର ପାଣି ପକେଇବା ପରେ ଘରବାଡ଼ି ଓଳେଇ ସଫାସୁତୁରା କରିଥାନ୍ତି। ଗୋବର ପାଣି ପକେଇବା ଦ୍ୱାରା ପବିତ୍ର ମନୋଭାବ ଆସିଥାଏ। ଘର ଲିପାପୋଛା କରି ଝିଅ ବୋହୂମାନେ କେଡ଼େ ସୁନ୍ଦର ସୁନ୍ଦର ଝୋଟି ଚିତା ପକେଇ ଥାନ୍ତି। ଯାହାକି ସମସ୍ତଙ୍କୁ ଆକର୍ଷିତ କରେ। ଗୋବରରେ ଘସି, ଗୁଣ୍ଡା ତିଆରି କରି ଜାଳେଣି ପାଇଁ ପ୍ରସ୍ତୁତ କରି ବର୍ଷ ବର୍ଷ ପାଇଁ ସାଇତି ରଖନ୍ତି। ଖତଗଦାରେ ଗୋବର ପକେଇ ଚାଷ ସମୟରେ କ୍ଷେତରେ ଭଲ ଫସଲ ପାଇଁ ଖତ ପକେଇ ଥାନ୍ତି, କିନ୍ତୁ ଏବେ ! ସହର ମୁହାଁ ମଣିଷ ଚାହେଁ ସବୁ କିଛି କିଣି ଆଣି କାମ ଚଳେଇଦେଲେ କଥା ଶେଷ। ଏତେ ଝାମେଲାରେ ମୁଣ୍ଡ ପୁରଉଚି କିଏ। ପାଖରେ ପଇସା ଥିଲେ କେଉଁଟା କ'ଣ ଅଭାବ ରହିବ। ହଁ ବେଳେ ବେଳେ ଅଭାବ ରହେ ଏଇ ଯେମିତି 'ନେଣ୍ଡେ ଗୋବର'।

ମାର୍ଗଶୀର ମାସ ଗୁରୁବାର, ମାଣବସା ହେବ ସେଥିପାଇଁ ଗାଁରୁ ସହର ସମସ୍ତେ ମା' ମହାଲକ୍ଷ୍ମୀଙ୍କ ପୂଜା ସାମଗ୍ରୀକୁ ନେଇ ବେଶ୍ ଚିନ୍ତିତ। ନୂଆ ଧାନ, ନୂଆ ଅରୁଆ ଚାଉଳରୁ ଆରମ୍ଭ କରି ବରକୋଳି ପତ୍ର, ଦୁବ, ଗେଣ୍ଡୁଫୁଲ, ନଡ଼ିଆ, କଦଳୀ, ଆମ୍ବଡାଳ, କ୍ଷୀର, ମହୁ ଇତ୍ୟାଦି ଏସବୁ ସିନା ବଜାର କିମ୍ବା କାହା ବାଡ଼ି ଘରୁ କିଛି କିଛି ମିଳିଯିବ ହେଲେ ଗୋବର କେଉଁଠି ମିଳିବ। ଫାଟକ ପାଖରେ ଗୋବର ଦେଇ ଲିପିବା ପାଇଁ ନେଣ୍ଡେ ଗୋବର ଖୋଜିବାରେ ସମସ୍ତେ ବ୍ୟସ୍ତ। ଲକ୍ଷ୍ମୀ ପାଦ ଝୋଟି ଚିତା ପକେଇ ଫୁଲ ଦେଇ ମା'ଙ୍କୁ ଆବାହନ କରିବାକୁ ଗୋବର ନାହିଁ କି ମାଟି ନାହିଁ। ଯେଉଁମାନଙ୍କର ଗାଈ ଗୋରୁ ଅଛନ୍ତି, ସେମାନେ ମଧ୍ୟ କାହାକୁ ଦେବା ପାଇଁ ମଙ୍ଗନ୍ତି ନାହିଁ। ଆମ ହିନ୍ଦୁମାନଙ୍କ ଘରେ ଗୋ-ମାତା ପୂଜାର ବିଧିବିଧାନ ଥିବାରୁ ଆମେ ସମସ୍ତେ ଗୋରୁମାନଙ୍କୁ ବନ୍ଦାପନା କରୁ। ପୁଣେଇଁ ପର୍ବ ହେଲେ ଗୋବରର ଆବଶ୍ୟକତା ରହିଥାଏ। ପବିତ୍ର ମନୋଭାବ ସୃଷ୍ଟି ହୋଇଥାଏ। କିନ୍ତୁ ଏବେ ଏଇ ଅଭାବନୀୟ ପରିସ୍ଥିତି ପ୍ରାୟତଃ ଅଧିକାଂଶ ଲୋକଙ୍କ ଘରେ ଦେଖାଯାଉଛି। ନିଜ ବାଡ଼ିରେ ଗଛଟିଏ ଲଗାଇବା ପାଇଁ ଜାଗା ଟିକେ ନାହିଁକି ଗୋରୁ ରଖିବା ପାଇଁ ଗୁହାଳଟିଏ ନାହିଁ। ଆଧୁନିକତାର ଜାଲରେ ଛନ୍ଦି ହୋଇ ମଣିଷ ଭୁଲିଯାଉଛି ତା'ର କର୍ତ୍ତବ୍ୟ ଏବଂ ଧର୍ମୀୟ ଭାବନା। ସବୁ ଯେମିତି ଅନିଚ୍ଛାକୃତ ଭାବରେ କାର୍ଯ୍ୟ କରିବା ଭଳି ମନେହୁଏ। ଯଦି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରନ୍ତା ତା'ହେଲେ ବର୍ତ୍ତମାନର ମଣିଷ ଗାଁକୁ ଛାଡ଼ି ସହର ମୁହାଁ ହୁଅନ୍ତା ନାହିଁ କି ଚାଷବାସ ଭୁଲି ଦରଦାମ ର ଶିକାର ହୁଅନ୍ତା ନାହିଁ। ଚାଷବାସ ଥିଲେ ଗୋରୁ ଗାଈମାନଙ୍କୁ ରଖିବା ସହିତ ଗୋବର, କ୍ଷୀର, ଦହି, ଘିଅ, ଛେନା କେଉଁଥିରେ ହେଲେ ଅଭାବ ରହିନଥାନ୍ତା। ସହରରେ ଅନେକ କିଛି ଥାଇ ମଧ୍ୟ ଅନେକ କିଛି ନଥିଲା ଭଳି ପରିଲକ୍ଷିତ ହୋଇଥାଏ। ଯାହା କି ମଣିଷ ଉପରେ ବିଶେଷ ଭାବେ ପ୍ରଭାବ ପକେଇ ଥାଏ। ଧୀରେ ଧୀରେ ମଣିଷ ନିଜକୁ ପ୍ରକୃତି, ସଂସ୍କୃତି ଓ ସଂସ୍କାର ଠାରୁ ଅନେକ ଦୂରକୁ ନେଇ ଯାଉଛି। ଆଧୁନିକତାର ଖୋଳପା ଭିତରେ ମଣିଷ ହରେଇ ବସୁଚି ନିଜକୁ ଓ ନିଜର ଜୀବନ ଶୈଳୀକୁ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ସରକାରଙ୍କ ପକ୍ଷରୁ କରଯାଇଥିବା ଲୋନ ୱରାଟୁ ଅଭିଯାନରେ ପ୍ରଭାବିତ ହୋଇ ଦୁଇ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସୂଚନା ଅନୁଯାୟୀ ଛତିଶଗଡର ଦାନ୍ତେୱାଡା ଜିଲ୍ଲା ଏସ୍‌ପି ଗୌରବ ରାୟ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଦୁଇ ଜଣ ମାଓବାଦୀ ମାଓ ସଂଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି । ମାଓ ପ୍ରଭାବିତ ଅଞ୍ଚଳରେ ମାଓ ଦମନ ଅଭିଯାନ ଜୋର ସୋରରେ ଚାଲିଥିବା ବେଳେ ମାଓ ସଂଗଠନ ମଧ୍ୟ ଦୁର୍ବଳ ଓ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାରୁ ଜଣେ ମହିଳା ଏବଂ ଜଣେ ପୁରୁଷ ମାଓବାଦୀ ସଂଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଉଭୟ ମାଓବାଦୀ ମାଓ ସଂଗଠନର ପୂର୍ବ ବସ୍ତର ଡିଭିଜନର ଆମଦଇ ଏରିଆ କମିଟି ଅଧୀନରେ ଥିବା ତୋଡମା ଆରପିସିରେ ସକ୍ରିୟ ରହି ମାଓ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ଦାନ୍ତେୱାଡା ପୋଲିସ ଠାରୁ ସୂଚନା ମିଳିଛି । ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ହେଲେ ପାୟକ ମାଣ୍ଡବି ଓ ଦଶରୁ କବାସୀ। ଆତ୍ମସମର୍ପଣ କରିଥିବା ଦୁଇ ମାଓବାଦୀଙ୍କୁ ୨୫ହାଜର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶିର ଚେକ ପ୍ରଦାନ କରାଯିବା ସହ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ସୁବିଧା ଆଗାମୀ କିଛିଦିନ ମଧ୍ୟରେ ଯୋଗାଇ ଦିଆଯିବ ବୋଲି ଦାନ୍ତେୱାଡା ପୋଲିସ ସୂଚନା ଦେଇଛି ।



ଯୋଗାଣ ବିଭାଗର ଚଢ଼ାଉ, ଲାଗିଲା ଦର ସୂଚକ

# ଖାଉଟିଙ୍କୁ ଶୋଷଣ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଖଟିଖିଆଙ୍କ ପରିବାରର ପ୍ରମୁଖ ଖାଦ୍ୟ ଆଳୁ, ପିଆଜ ଓ ରସୁଣ। ଘରେ କିଛି ନଥିଲେ ବି ଆଳୁ ସିଝା କିମ୍ବା ଖଣ୍ଡେ ପିଆଜରେ ପେଟ ପୂରିଯାଏ। ବର୍ତ୍ତମାନ ସେ ସମୟ ବଦଳିଯାଇଛି। ଗରିବ ଲୋକେ ବଜାରକୁ ଯାଇ ଚଢ଼ାଦରରେ ଆଳୁ, ପିଆଜ ହେଉକି ରସୁଣ କିଣିବାକୁ ସକ୍ଷମ ହୋଇପାରୁନାହାଁନ୍ତି। କାରଣ ଦୈନିକ ପରିବା ବଜାରରେ ହୁ ହୁ ହୋଇ ବଢୁଛି ଦରଦାମ୍। ଏବେ କୋଲକାତାରୁ ପ୍ରାୟତଃ ଆଳୁ ଆସି ପାରୁନଥିବାରୁ ଦର ଏବେ ଆକାଶଛୁଆଁ ହୋଇଛି। ପ୍ରତିଦିନ ୫ରୁ ୧୦ଟଙ୍କା ବଢୁଛି। ଖୁଚୁରା ବଜାରରେ ଆଳୁ କେଜି ୫୦ରୁ ୬୦ଟଙ୍କା। ପିଆଜ ଦର ୬୦ଟଙ୍କା, ରସୁଣ କେଜି ୪ଶହ ଟଙ୍କା ରହିଛି। ସାଧାରଣତଃ ବର୍ଷାଦିନେ ଏହି ଦର ସାମାନ୍ୟ ଉଚ୍ଚା ରହୁଥିବା ବେଳେ ନଭେମ୍ବର ଶେଷ ବେଳକୁ ଶସ୍ତା ହୋଇଯାଇଥାଏ। କାରଣ କିଛି ଦିନ ମଧ୍ୟରେ ନୂଆ ଆଳୁ, ପିଆଜ ଓ ରସୁଣ ବାହାରିବାକୁ ଯାଉଛି। ମାତ୍ର ଏବେ ଓଲଟା ସ୍ଥିତି ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଆଳୁ ସଙ୍କଟ ଦେଖାଦେଇଛି। ଆଳୁ କେଜିଏ ପାଇଁ ଲୋକମାନେ ନାହିଁନଥିବା ହନ୍ତସନ୍ତ ହୋଇଛନ୍ତି। ଯେଉଁ କିଛି ବେପାରୀ ଆଳୁ ଗଚ୍ଛିତ ରଖିଛନ୍ତି ଲୁଚାଛପାରେ ଚଢ଼ାଦରରେ ବିକୁଛନ୍ତି। କେଉଁଠି ୫୦ଟଙ୍କା ତ ଆଉ କେଉଁଠି ଭଲ ଆଳୁ କହି ୬୦ଟଙ୍କାରେ ବିକ୍ରି। ଏପରିକି ଆଳୁ ବଛାବଛି କରିବାକୁ ବାରଣ କରାଯାଉଛି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଦୋକାନ ଖୋଲି ଆଳୁ ଗଚ୍ଛିତ ରଖି ଚଢ଼ାଦରରେ ବିକ୍ରି ହେଉଥିବାରୁ କଳାବଜାରୀ ହେଉଛି। ଏ ନେଇ ଗତ ୩ରେ ଖବର ପ୍ରକାଶ ପରେ ଆକ୍ସନ ମୁଡ଼ରେ ଅସ୍ତରଙ୍ଗ ଯୋଗାଣ ଅଧିକାରୀ। ଅଚାନକ ବୁଧବାର ପୂର୍ବାହ୍ନରେ ଅସ୍ତରଙ୍ଗ ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ମହାନ୍ତି ଅସ୍ତରଙ୍ଗ ବଜାରରେ ଥିବା ବିଭିନ୍ନ ପନିପରିବା ଦୋକାନରେ ଚଢ଼ାଉ କରିବା ଶହ ପ୍ରତ୍ୟେକ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଦର ତାଲିକା ମାରିବା ଶହ ନିଜେ ଉପସ୍ଥିତ ରହି ଦର ତାଲିକା ମାରିଥିଲେ। ଏହା ଶହ ପାଇକାରୀ ବଜାରରେ ଆଳୁ କିଲୋ ୪୦ଟଙ୍କା ଓ ବଛାବଛି କରି ଆଳୁ ନେଲେ ୪୫ଟଙ୍କା ବୋଲି କହିଥିଲେ। ଯେଉଁ ଲାଭଖୋର ବ୍ୟବସାୟୀ ଅଧିକ ନେଉଛନ୍ତି ତୁରନ୍ତ ଜଣାଇବାକୁ ସୂଚନା ଦେଇଛନ୍ତି। ଯଦି ଆଗାମୀ ଦିନରେ କଳାବଜାରୀ ଆରମ୍ଭ କରିବେ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି।

## ବେଣାପୁର ଜାତୀୟ ରାଜପଥ ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ ସ୍ଥଗିତ



ବ୍ୟାସନଗର(ଭାସ୍କର ନ୍ୟୁଜ): ବେଣାପୁରସ୍ଥିତ ୨ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ କାର୍ଯ୍ୟକ୍ଷମ କରିବା ଓ ତଳ ବାଇପାସ୍‌ର ମରଣଯନ୍ତା ରାସ୍ତାର ସ୍ଥାୟୀ ନିର୍ମାଣ ଦାବିରେ କୋରାଇ ସଂଗ୍ରାମ ସମିତି ପକ୍ଷରୁ ବୁଧବାର ରାସ୍ତାରୋକ ଆନ୍ଦୋଳନକୁ ଆଖିଆଗରେ ରଖି ଯାଜପୁର ଜିଲ୍ଲାପାଳ ପି.ଅନୁଷା ରେଡିଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କ ତତ୍ତ୍ୱାବଧାନରେ ସଭାଗୃହରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ସ୍ଥାନୀୟ ପୋଲିସ, ଓପିଟିସିଏଲ ଓ ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର ଉପସଭାପତି ରାମଚନ୍ଦ୍ର ଦାଶ ଓ ସମ୍ପାଦକ ପଦ୍ମନାଭ ନାୟକ ପ୍ରମୁଖ ମିଳିତ ଆଲୋଚନା ଓ ବେଣାପୁର ରାସ୍ତାସ୍ଥଳ ପରିଦର୍ଶନ କରିଥିଲେ । ଉପସ୍ଥିତରେ ୨ନମ୍ବର ଜାତୀୟ ରାଜପଥର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ନାୟକ, କୋରାଇ ଥାନା ଆରକ୍ଷୀ ନିରୀକ୍ଷକ ସଞ୍ଜୟ କୁମାର ପରିଡା, ବ୍ୟାସନଗର ସହକାରୀ ତହସିଲଦାର ପ୍ରସନ କୁମାର ମହାନ୍ତି ଓ ଓପିଟିସିଏଲ ଅଧିକାରୀ ସେଠାରେ ଥିବା ବିଦ୍ୟୁତ୍ ଲାଇନକୁ ସ୍ଥାନାନ୍ତର ଓ ଘରୋଇ ଜମି ଅଧିଗ୍ରହଣ ଓ ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଲୋକିତ କରିବା ପାଇଁ ତୁରନ୍ତ ପଦକ୍ଷପ ନେଇ ଓଭରବ୍ରିଜ କାର୍ଯ୍ୟକ୍ଷମ ହେବ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତିଙ୍କୁ ବ୍ୟାସନଗର ତହସିଲଦାର ଦିବାଶିଷ ରାଉତ ଏକ ଲିଖିତ ସମୟ ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ସଂଗ୍ରାମ ସମିତି ପକ୍ଷରୁ ପ୍ରକାଶ କରାଯାଇଛି ।

## ଏନ୍‌ଟିପିସି ଏମ୍ପ୍ଲଇଜ୍ ୟୁନିୟନ ନିର୍ବାଚନ: ଆଇଏନ୍‌ଟିୟୁସି ବିଜୟୀ



କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁସ୍ଥ ଏନଟିପିସି ଏମ୍ପ୍ଲଇଜ୍ ୟୁନିୟନ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିର୍ବାଚନରେ ଏନଟିପିସି ଏମ୍ପ୍ଲଇଜ୍ ୟୁନିୟନ୍‌ର ବିଜୟୀ ହୋଇଛି । ଏଥିନେଇ ଆଇଏନଟିୟୁସି ସଙ୍ଗଠନ ମହଲରେ ଆନନ୍ଦ ଖେଳିଯାଇଛି । ବୁଧବାର ଏନଟିପିସି ପ୍ଲାଣ୍ଟ ଭିତରେ ଥିବା ଫାୟାର ଷ୍ଟେସନରେ ଭୋଟଗ୍ରହଣ କେନ୍ଦ୍ର କରାଯାଇଥିଲା । ସମୁଦାୟ ୫୩୬ ଭୋଟରଙ୍କ ମଧ୍ୟରୁ ୫୨୫ ଭୋଟର ମତଦାନ କରିଥିଲେ । ଆଇଏନଟିୟୁସି ୨୮୪ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ବିଏମଏସ ୨୨୧ ଖଣ୍ଡ ଭୋଟ ପାଇଥିଲା । ନିର୍ବାଚନରେ ଭାଗ ନେଇଥିବା ଅନ୍ୟ ଏକ ସଂଗଠନ ୟୁନାଇଟେଡ଼ ଏମ୍ପ୍ଲଇଜ ୟୁନିୟନ ୨୦ଖଣ୍ଡ ଭୋଟ ପାଇଥିବା ଜଣାଯାଇଛି । ୧୧ ଭୋଟର ଅନୁପସ୍ଥିତ ଥିଲେ । ଇଭିଏମ ମାଧ୍ୟମରେ ଭୋଟ ଗ୍ରହଣ କରାଯାଇଥିଲା । ନିର୍ବାଚନକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ଆସିଷ୍ଟାଣ୍ଟ ଲେବର କମିଶନର ବିକାଶ ସିଂହ, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ବାରଙ୍ଗରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ଼ (ନୂଆସାହି) ଗ୍ରାମରେ ଜଣେ ବିବାହିତ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଗତକାଲି ପ୍ରମିଳା ବେହେରା ନାମକ ଜଣେ ମହିଳା ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ରଜନୀକାନ୍ତ ବେହେରାଙ୍କୁ ଦ୍ୱିତୀୟ ପତ୍ନୀ ଓ ତାଙ୍କ ପରିବାର ଲୋକେ ହତ୍ୟା କରି ପୋତି ଦେଇଛନ୍ତି । ଲିଖିତ ଅଭିଯୋଗ ପାଇଲା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବାରଙ୍ଗ ଥାନା ପୋଲିସ ମାଟିତଳୁ ରଜନୀକାନ୍ତର ଶବ ବାହାର କରି କଟକ ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ରଜନୀକାନ୍ତଙ୍କ ଘର ଚନ୍ଦକା ଥାନା ଅଳସୁଆ ଗ୍ରାମରେ ଏବଂ ସେ ଦୀର୍ଘ ୧୨ ବର୍ଷ ତଳୁ ଆସି ରତାଗଡରେ ଏକ ଭଡାଘରେ ରହୁଥିଲେ । ସେ ଅଟୋ ଚଲାଇ ନିଜର ଜୀବିକା ନିର୍ବାହ କରି ଦ୍ୱିତୀୟ ସ୍ତ୍ରୀଙ୍କ ସହ ରହୁଥିଲେ । ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ପକ୍ଷରୁ ପ୍ରକାଶ । ସୂଚନାଯୋଗ୍ୟ ଗତକାଲି ରାତିରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା, ଝଗଡା ପରେ ସେ କେଉଁଆଡେ ଚାଲିଯାଇଥିଲେ । ପରେ ରଜନୀକାନ୍ତଙ୍କ ଶବ ଟ୍ରେନ ଲାଇନ୍‌ରେ ଦେଖିବାକୁ ମିଳିଥିଲା । ଏନେଇ ମୃତ ରଜନୀକାନ୍ତଙ୍କ ପ୍ରଥମ ପତ୍ନୀ ଓ ପରିବାରକୁ ଖବର ଦିଆଯାଇଥିଲା । ପ୍ରଥମ ପତ୍ନୀ ସ୍ୱାମୀର ଶବ ନ ପାଇବାରୁ ପ୍ରଶ୍ନ କରିଥିଲେ ଏବଂ ସେମାନେ ତାକୁ ପୋତିଦେଇଛନ୍ତି ବୋଲି କହିଥିଲେ । ପ୍ରଥମ ପତ୍ନୀଙ୍କ ସନ୍ଦେହ ହେବାରୁ ସେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କେସ୍ ନଂ ୪୭୧/୨୪ରେ ବାରଙ୍ଗ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା । ପୋଲିସ ଦ୍ୱିତୀୟ ପତ୍ନୀର ଭିଣୋଇ ଅର୍ଥାତ ରଜନୀକାନ୍ତର ସଢୁଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଇନ୍‌ଭର୍ଟର୍ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି



କଣ୍ଟାପଡା(ଭାସ୍କର ନ୍ୟୁଜ): ଗୋବିନ୍ଦପୁର ଥାନା ଅଧିନସ୍ଥ ଗୋବିନ୍ଦପୁରରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରୁ ୧ ତାରିଖ ରାତିରେ ଇନ୍‌ଭର୍ଟର, ବ୍ୟାଟେରୀ ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ଃ ଚନ୍ଦନ ମହାପାତ୍ର ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୋବିନ୍ଦପୁର ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ସ୍ୱାସ୍ଥକେନ୍ଦ୍ରର ଫାର୍ମାସିଷ୍ଟ କୈଳାସ ଚନ୍ଦ୍ର ସାହୁ ସରକାରୀ କ୍ୱାର୍ଟରରେ ରହୁନାହାନ୍ତି। ଏମିତିକି ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି କର୍ମଚାରୀ ନରହିବା ଯୋଗୁଁ ଏଭଳି ଘଟଣା ଜଣାପଡିଛି। ଏଠାରେ ସୂଚନା ଥାଉକି ଚୋରି ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର ୫୦୦ ମିଟର ଦୂରରେ ଗୋବିନ୍ଦପୁର ଥାନା ରହିଥିବା ସତ୍ତ୍ୱେ ଗୋବିନ୍ଦପୁର ପୋଲିସ୍ ରାତି ପାଟ୍ରୋଲିଂ କରୁନଥିବା ଯୋଗୁଁ ଅଞ୍ଚଳରେ ଦିନକୁ ଦିନ ଚୋରି ରାହାଜାନି ନିଶା କାରବାର ବୃଦ୍ଧି ପାଉଥିବା ବଜାରବାସୀ ଅଭିଯୋଗ ଆଣିଛନ୍ତି।

## କୋଣାର୍କ ମହୋତ୍ସବ ପାଇଁ ମନ୍ଦିରରେ ଏଚ୍‌ଏମ୍‌ଆଇପାର ଓ ମଞ୍ଚରେ ଡିଜିଟାଲ ଆଲୋକ ବ୍ୟବସ୍ଥା

କୋଣାର୍କ,୪.୧୨-ଆଲୋକ ସଂପାଦାନକୁ ନେଇ ଆନ୍ତର୍ଜାତିକସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଆ ପୁଅ ନରେନ୍ଦ୍ର କୁମାର ସାହୁ ଏଥର କୋଣାର୍କ ଉତ୍ସବକୁ ଆଲୋକର ମେଖଳାରେ ବାନ୍ଧି ରଖିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାକୁ ଆପଣେଇଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ଅତ୍ୟାଧୁନିକ ଏଚ୍‌ଏମ୍‌ଆଇ ପାର ଏବଂ ମଞ୍ଚ ପାଇଁ ଡିଜିଟାଲ ଆଲୋକର ବ୍ୟବସ୍ଥା ସେ କରିଛନ୍ତି । ସବୁବର୍ଷ ଭଳି ଏଥର ମଧ୍ୟ ବିଶ୍ୱପ୍ରସିଦ୍ଧ କୋଣାର୍କ ଉତ୍ସବ ଡିସେମ୍ବର୧ରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଆଲୋକ ସମ୍ପାଦନାର ଦାୟିତ୍ୱ ତୁଲାଉଛନ୍ତି ନରେନ୍ଦ୍ର । ଦୀର୍ଘ ୩୩ବର୍ଷ ଧରି ଏହି ଗୁରୁ ଦାୟିତ୍ୱକୁ ବହନ କରି ସେ କୋଣାର୍କ ଉତ୍ସବକୁ ନୂଆ ରୂପ ଦେଇ ଆସୁଛନ୍ତି ୧୯୯୧ ମସିହା କୋଣାର୍କ ଉତ୍ସବରେ ସହଯୋଗୀ ଆଲୋକ ସମ୍ପାଦକ ଭାବେ ତାଙ୍କର ପ୍ରବେଶ ଘଟିଥିଲେ ମଧ୍ୟ ସେହିବର୍ଷ କୋଣାର୍କ ମହୋତ୍ସବରେ ସେ ପ୍ରଥମ କରି ସୋଲାର ଲାଇଟ ବ୍ୟବହାର କରି ମହୋତ୍ସବରେ ଆଲୋକର କମ୍ପନ ସୃଷ୍ଟି କରିଥିଲେ । ୧୯୯୪ ମସିହା ପର୍ଯ୍ୟନ୍ତ ୪ବର୍ଷ ଧରି ଲଗାତାର ସେ ଏହା କରିଚାଲିଥିବା ବେଳେ ୧୯୯୭ରେ ଟେଣ୍ଡର ଜରିଆରେ ପ୍ରଥମ କରି କୋଣାର୍କ ମହୋତ୍ସବରେ ସ୍ୱାଧୀନ ଭାବେ ନିଜେ ଆଲୋକ ସଂପଦାନ କଲେ ଏବଂ ତିନିଗୋଟି ଅତ୍ୟାଧୁନିକ ଆଲୋକ ପାର ୬୧, ପାର ୬୨ ଓ ପାର ୬୪ ଆଲୋକ ବ୍ୟବହାର କରି ଇତିହାସ ରଚିଲେ ।

## ଦିବ୍ୟାଙ୍ଗ ସଶକ୍ତିକରଣରେ ରାଜ୍ୟରେ ପ୍ରଥମ: ଭଦ୍ରକ ଜିଲ୍ଲା ପାଇଁ ପୁରସ୍କାର ଗ୍ରହଣ କଲେ ଜିଲ୍ଲାପାଳ




ଭଦ୍ରକ(ଭାସ୍କର ନ୍ୟୁଜ): ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ପାଇଁ ପ୍ରଣୀତ ସରକାରୀ ଯୋଜନା ସବୁର କାର୍ଯ୍ୟାନ୍ୱୟନରେ ସର୍ବଶ୍ରେଷ୍ଠ ସଫଳତା ନେଇ ଭଦ୍ରକ ଜିଲ୍ଲା ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ରାଜ୍ୟ ସରକାରଙ୍କ ତରଫରୁ ପୂର୍ବରୁ ଘୋଷଣା କରାଯାଇଥିଲା। ସେହିପରି ଭଦ୍ରକ, ବାଲେଶ୍ୱର, ଯାଜପୁର ଓ କେନ୍ଦ୍ରପଡ଼ା ୪ଟି ଜିଲ୍ଲା ନିମନ୍ତେ ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକ କୃତ୍ରିମ ଅଙ୍ଗ ପ୍ରସ୍ତୁତି ଓ ପ୍ରଦାନ ଓ ବିଭିନ୍ନ ଉପକରଣ ବଣ୍ଟନ କ୍ଷେତ୍ରରେ ୨୦୨୧ରୁ କାର୍ଯ୍ୟ କରିଆସୁଥିବା ଜିଲ୍ଲା ସିଆରଏସ୍ଆର୍ ଅନୁଷ୍ଠାନ ମଧ୍ୟ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ପରିପ୍ରେକ୍ଷୀରେ ଡ଼ିସେମ୍ବର ୩ରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସଫଳ ଜିଲ୍ଲା ଓ ଅନୁଷ୍ଠାନମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କିଟ୍ ପରିସର ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ, ଗଣଶିକ୍ଷା ବିଭାଗ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ଭଦ୍ରକ ଜିଲ୍ଲା ପାଇଁ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ସିଆରଏସ୍ଆର୍ ପାଇଁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ଼ା ଭଗବାନ ପରୀଡ଼ା ପୁରସ୍କାର ରାଶି ୫୦ ହଜାର ଲେଖାଏ ଟଙ୍କା ସହ ପ୍ରମାଣପତ୍ର, ମମେଣ୍ଟୋ, ଉତ୍ତରୀୟ ଆଦି ଉପଢ଼ୌକନ ଗ୍ରହଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବ୍ୟାସ ଫାଉଣ୍ଡେସନ୍ ଓ ପୋଲିସ୍ ସହାୟତାରେ ବିତାଡିତ ବୃଦ୍ଧ ପିତାଙ୍କୁ ଗ୍ରହଣ କଲେ ପୁଅବୋହୂ



ପାରାଦୀପ(ଭାସ୍କର ନ୍ୟୁଜ): ଅଧୁନା ସମାଜରେ ବୃଦ୍ଧ ପିତାମାତାଙ୍କୁ ଅନେକ ପୁଅବୋହୂମାନେ ଅବହେଳା କରିବା ସହ ଘରୁ ବିତାଡିତ କରୁଥିବା ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି । ଏହିପରି ଏକ ଘଟଣା କ୍ରମରେ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର କଙ୍କରଦିଆ ଗ୍ରାମର ୮୦ ବର୍ଷ ବୟସ୍କ ଶୁକ ବାରିକଙ୍କୁ ପୁଅବୋହୂ ଘରୁ ବାହାର କରିଦେଇଥିଲେ । ତେବେ ନିରୁପାୟ ହୋଇ ଶୁକ ବାରିକ ବ୍ୟାସ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଭେଟି ନିଜ ଦୁଃଖ କାହାଣୀ ଜଣାଇଥିଲେ । ଏହାପରେ ଶ୍ରୀମତୀ ଆଚାର୍ଯ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଅସହାୟ ବୃଦ୍ଧଙ୍କୁ ତୁରନ୍ତ ତାଙ୍କ ଘରେ ଥଇଥାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ କୁଜଙ୍ଗ ଥାନାକୁ ନିର୍ଦ୍ଦେଶ ଦେଇଥିଲେ । ସୋମବାର ଥାନା ଅଧିକାରୀ ରଶ୍ମିରଂଜନ ଦାସ ଓ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ ବୃଦ୍ଧଙ୍କୁ ତାଙ୍କ ଘରେ ଛାଡିବାକୁ ନେଇଥିଲେ । ତେବେ କୌଣସି ସୂତ୍ରରୁ ଖବର ପାଇ ପୁଅବୋହୂ ଘରେ ତାଲା ପକାଇ କୁଆଡେ ଚାଲିଯାଇଥିଲେ । କିନ୍ତୁ ବୃଦ୍ଧ ପିତାଙ୍କୁ ଗ୍ରହଣ ନକଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଚେତାବନୀ ଖବର ପାଇବା ପରେ ପୁଅବୋହୂ ଥାନାରେ ପହଞ୍ଚି ବାପାଙ୍କୁ ଘରକୁ ଫେରାଇ ନେଇଥିଲେ । ତେବେ ବ୍ୟାସ ଫାଉଣ୍ଡେସନ ଓ ଏହାର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ନିରବଚ୍ଛିନ୍ନ ସେବା ମନୋଭାବକୁ ସାଧାରଣରେ ଉଚ୍ଚପ୍ରଶଂସା କରାଯାଇଛି ।

## ମୁଦୁପୁର ପଞ୍ଚାୟତ ମଧ୍ୟସ୍ଥଳରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବିପତ୍ର



ଜଗତସିଂହପୁର(ଭାସ୍କର ନ୍ୟୁଜ): ବୁଧବାର ଜଗତସିଂହପୁର ପଞ୍ଚାୟତ ସମିତି ଅନ୍ତର୍ଗତ ମୁଦୁପୁର ପଞ୍ଚାୟତରେ ଦୀର୍ଘ ଦିନ ହେବ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଦ୍ୱନ୍ଦ ଉପୁଜିଛି । ମୁଦୁପୁର ପଞ୍ଚାୟତ ହେଡ଼ କ୍ୱାଟରରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଦୁଇଟି ୱାର୍ଡର ୱାର୍ଡ ମେମ୍ବର ଦାବି କରୁଥିବା ବେଳେ ପଞ୍ଚାୟତର ମଧ୍ୟ ଭାଗ ସିଦ୍ଧଳ ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବାକୁ ୧୨ରୁ ଉର୍ଦ୍ଧ୍ୱ ୱାର୍ଡ ସଭ୍ୟ, ସଭ୍ୟା, ସରପଞ୍ଚ ଏବଂ ସମୂହ ଗ୍ରାମବାସୀ ଦୀର୍ଘ ଦିନ ହେବ ଦାବି କରିଛନ୍ତି । ଏହି ବିବାଦୀୟ ଘଟଣାର ଅବସାନ ନିମନ୍ତେ ବିଡିଓ ନିରପେକ୍ଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଦାସ ନେତୃତ୍ୱରେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟସଭ୍ୟା ଏବଂ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବିଡ଼ିଓ ଆଶୁତୋଷ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ପିଜି ଛାତ୍ରଙ୍କ ମୃତ୍ୟୁକୁ ନେଇ ଥମୁନି ବିବାଦ

## ସିସିଟିଭି ଆଧାରରେ ତଦନ୍ତ ଦାବି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଡ଼ାକ୍ତର ଅବହେଳାକୁ ନେଇ ପିଜି ଛାତ୍ରଙ୍କ ମୃତ୍ୟୁ ଘଟଣା ଏବେ ନିମାପଡ଼ାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କ'ଣ ପାଇଁ ଚିକିତ୍ସାରେ ଅବହେଳା ହେଲା ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସିସିଟିଭି ଲାଗିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ କ'ଣ ପାଇଁ ସିସିଟିଭି ଯାଞ୍ଚ କରୁନାହାନ୍ତି ତାହା ମଧ୍ୟ ସନ୍ଦେହ ଘେରରେ ରହିଛି । ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମାନ୍ୟ ରୋଗରେ ରୋଗୀ ଆସିଲେ ମଧ୍ୟ ଭୁବନେଶ୍ୱର ଓ କଟକକୁ ପଠାଯାଉଥିବା ବେଳେ କ'ଣ ପାଇଁ ସରକାର ଏଠାରେ ଯନ୍ତ୍ରପାତି ରଖିଛନ୍ତି । ଇସିଜି ପାଇଁ ମଧ୍ୟ ଅନେକ ଲୋକ ଆସି ଫେରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ସାତପଡ଼ା ଯଦୁପୁରର ଓମ୍ ପ୍ରସାଦ ଜେନା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ପିଜି ଛାତ୍ର ଭାବେ ଅଧ୍ୟୟନ କରୁଥିଲେ । ଗତ ମଙ୍ଗଳବାର ଜୁନିୟର ଓ ସିନିୟର ଛାତ୍ରଙ୍କ ମଧ୍ୟରେ ବିଷ୍ଣୁପୁର ଗ୍ରାମ ଖେଳ ପଡ଼ିଆରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବ୍ୟାଟିଂ କରୁଥିବା ଅବସ୍ଥାରେ ଓମ୍‌ପ୍ରସାଦ ଟଳି ପଡ଼ିଥିଲେ । ସାଙ୍ଗସାଥୀମାନେ ଗୁରୁତର ଅବସ୍ଥାରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡ଼ାକ୍ତର ମୃତ ଘୋଷଣା କରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖା ଦେଇଥିଲା । ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ ମୃତ ପିଜି ଛାତ୍ରଙ୍କ ପରିବାର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଡ଼ାକ୍ତରଙ୍କ ଅବହେଳାରୁ ତାଙ୍କ ପୁଅ ମରିଥିବା ଅଭିଯୋଗ କରିଥିଲେ । ଏ ସଂପର୍କରେ ଥାନାରେ ମଧ୍ୟ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । କ'ଣ ପାଇଁ ଛାତ୍ରଙ୍କ ଚିକିତ୍ସା ବିଳମ୍ବ ଘଟିଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଚିକିତ୍ସା ବିଳମ୍ବ ପାଇଁ କିଏ ଦାୟୀ ତାହା ତଦନ୍ତ ହେବା ଆବଶ୍ୟକ ବୋଲି ସଚେତନ ନାଗରିକମାନେ ଦାବି କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସିସିଟିଭି ଲାଗିଥିବା ବେଳେ ଏହି ସିସିଟିଭିକୁ ଯାଞ୍ଚ କଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଅନେକ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ରୋଗୀ ଚିକିତ୍ସା ଚାଲିଛି ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ରୋଗୀ ସଂପର୍କୀୟମାନେ ଅଭିଯୋଗ କରିଛନ୍ତି ।

## ପୁଅବୋହୂଙ୍କୁ ନିଆଁ ଲଗାଇବା ଘଟଣା: ଜେଲ୍ ଗଲା ବାପା




ବାରଙ୍ଗ(ଭାସ୍କର ନ୍ୟୁଜ): ଘରୋଇ କଳିରୁ ସବୁ ସୀମା ଟପିଯାଇ ନୃଶଂସ ବାପା ପୁଅବୋହୂକୁ ପେଟ୍ରୋଲ ପକାଇ ନିଆଁ ଲଗାଦେବା ଘଟଣାରେ ଗୋଡିସାହି ଫାଣ୍ଡି ପୋଲିସ ବୃଦ୍ଧଙ୍କୁ ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ବୃଦ୍ଧା ଜଣକ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ରାମଦାସପୁର ପଞ୍ଚାୟତ ବାରସିଂଘା ଗ୍ରାମର ଗୋବର୍ଦ୍ଧନ ରାଉତ। ସୂଚନାଯୋଗ୍ୟ ଗୋବର୍ଦ୍ଧନ ରାଉତ ନିଜର ଏକମାତ୍ର ପୁଅ ଦୀନବନ୍ଧୁ ଓ ବୋହୂ ପୂଜାଙ୍କୁ ପେଟ୍ରୋଲ ଢାଳି ଜାଳି ଦେବା ଘଟଣାରେ ଚିକିତ୍ସାଧିନ ବୋହୂ ପୂଜାର ମୃତ୍ୟୁ ପରେ ପୁଅ ଦୀନବନ୍ଧୁ କଟକ ବଡ଼ ଡାକ୍ତରଖାନାରେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି । ହେଲେ ସଇତାନ ବାପା ପୋଲିସ ହେପାଜତରେ ରହି ଏସ୍‌ସିବିରେ ତାର ଚିକିତ୍ସା ହେଉଥିଲା। ଗୋବର୍ଦ୍ଧନର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବା ପରେ ବୁଧବାର ବାରଙ୍ଗ ପୋଲିସ ଗୋବର୍ଦ୍ଧନକୁ କୋର୍ଟଚାଲାଣ କରିଛି।

# ଖଇରପୁଟ୍‌ରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ



ଖଇରପୁଟ(ଭାସ୍କର ନ୍ୟୁଜ): ଖଇରପୁଟ ବ୍ଲକ୍ ଅନ୍ତର୍ଗତ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ଟାରେ ବିଶାଳ ଶୋଭାଯାତ୍ରାରେ ଜଳକଳସ ଧରି ନିକଟସ୍ଥ ନଦୀରୁ ଜଳ ଆଣି ମିନି ଷ୍ଟାଡିୟମ ମଣ୍ଡପରେ ଅବସ୍ଥାପିତ କରାଯାଇଥିଲା । କଳସ ଯାତ୍ରାରେ ବ୍ଲକର ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀ, ମିଶନ ଶକ୍ତି ମହିଳା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ପାରମ୍ପରିକ ବାଦ୍ୟର ତାଳେ ତାଳେ ଢେମସା ନୃତ୍ୟ ପରିବେଷଣ କରି ମଣ୍ଡପରେ ପହଞ୍ଚିଥିଲେ । ମହୋତ୍ସବ ସଭାପତି ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ଡମ୍ବରୁ ଶିଷା, ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି, ଜିଲ୍ଲା ଆଦିବାସୀ ସଂଘ ସଭାପତି ବନ୍ଧୁ ମୁଦୁଲି, ମାଥିଲି ବିଡ଼ିଓ ହିମାଚଳ ମାଝୀ, କୋରକୋଣ୍ଡ ବିଡ଼ିଓ ସୁଜିତ କୁମାର ମିଶ୍ର, ତହସିଲଦାର ପ୍ରମୋଦ କୁମାର ବେହେରା, ଶିଶୁ ବିକାଶ ଅଧିକାରୀ ନୀହାର ବାଳା ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସମେତ ବ୍ଲକର ୧୧ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟାଙ୍କ ତତ୍ତ୍ୱାବଧାନରେ ଜଗତର ନାଥ ଜଗନ୍ନାଥ ଓ ଅଧିଷ୍ଠାତ୍ରୀ ଦେବୀ ମାଁ ଦାମଲଦେଈଙ୍କ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ଖିଲ କହିଥିଲେ ଆଜି ହେଉଛି ଆଦିବାସୀଙ୍କ ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ କାରଣ ବ୍ଲକରେ ବଣ୍ଡା ଓ ଡିଡାଇ ଭଳି ଦୁଇ ଅଦୀମ ଜନଜାତି ଅବସ୍ଥାପିତ । ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ପ୍ରଚାର ପ୍ରସାର ସହ ବିଭିନ୍ନ ଲୋକକଳା, ଲୋକନୃତ୍ୟ ଓ ଆଦିବାସୀ ସଂସ୍କୃତି ଉପରେ ଅବଗତ କରାଇଥିଲେ । ଶେଷରେ ଆବାହକ ତଥା ବ୍ଲକ ବିଡ଼ିଓ ଶ୍ରୀ କୋୟା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭାପତି ଶ୍ରୀ କିର୍ଷାନୀ ସଭାସାଙ୍ଗ କରିଥିଲେ । ଜନସାଧାରଣଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଭୁବନେଶ୍ୱରରୁ ଆସିଥିବା ମଞ୍ଜୁ ଛୁରୀଆ ଓ ତାଙ୍କ ସାଥି ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଭିନ୍ନକ୍ଷମଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଲେ ସମାଜସେବୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା କଥାରେ ଅଛି ବାପା ଥିଲା ପୁଅ ସଭାରେ ହାରେନି । ତାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ସଲଙ୍ଗ ପଞ୍ଚାୟତରେ । ବାପ ଗଛରୁ ପଡ଼ି ଭିନ୍ନକ୍ଷମ ହେବା ପରେ ଦୁଇମୁଠା ପଖାଳ ଖଣ୍ଡିଏ ପିଆଜରେ କ୍ଷୁଧା ମେଣ୍ଟାଉଛନ୍ତି ଭାଇଭଉଣୀ । ଏହାକୁ ଦେଖି ଜେଜେବାପାଙ୍କ ଆଖିରୁ ଶୁଖୁନି ଲୁହ । ଏପରି ଘଟଣାକୁ 'ଓଡ଼ିଶା ଭାସ୍କର' ଖବର ପ୍ରସାରଣ କରିବା ପରେ ତାହା ଓଡ଼ିଶାରେ ପ୍ରଭାବ ପକାଇଛି । ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ସଂଗଠନ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି । ନିମାପଡ଼ାର ଜଣାଶୁଣା ସମାଜସେବୀ ବିକ୍ରମ କେଶରୀ ସାମଲ ଏହି ପରିବାରକୁ ସହାୟତା ଦେଇଥିବା ବେଳେ ପୋଷ୍ୟ ପରିବାର ଭାବେ ଗ୍ରହଣ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ସଲଙ୍ଗ ପଞ୍ଚାୟତର ଓଢୁଆଳ ଗ୍ରାମର ପ୍ରତାପ ରାଉତ ମୂଳ ମଜୁରୀ ଲାଗି ନିଜ ପରିବାର ପୋଷିବା ସହ ନିଜର ଦୁଇଟି ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଉଥିଲେ । ଗତ ୩ ବର୍ଷ ତଳେ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ପରିସରରେ ଦିନ ମଜୁରୀଆ ଭାବେ କାର୍ଯ୍ୟ କରୁଥିବା ବେଳେ ନଡ଼ିଆ ଗଛରୁ ପଡ଼ି ଅଣ୍ଟାରେ ଗୁରୁତର ଆଘାତ ଲାଗିବାରୁ ସେହିଦିନଠାରୁ ଅଚଳ ହୋଇପଡ଼ିଲେ । ବହୁ ଡ଼ାକ୍ତରଙ୍କ ପାଖେ ଚିକିତ୍ସା ହେଉଥିଲେ ମଧ୍ୟ ଉପଶମ ମିଳିନଥିଲା । ଖଣ୍ଡିଏ ହ୍ୱିଲଚେୟାର ପ୍ରତାପଙ୍କ ପାଇଁ ପାଲଟିଛି ସାହାରା । ପ୍ରତାପଙ୍କ ପତ୍ନୀ ଯଶୋଦା କାଁ ଭାଁ ମଜୁରି ଲାଗିବାକୁ ଯାଇ ଯାହା ଆଣନ୍ତି ଓଳିଏ ଖାଇଲେ ଓଳିଏ ଉପାସ । କେଉଁଠୁ ବା ଅର୍ଥ ଆଣିବେ ସ୍ୱାମୀଙ୍କୁ ଚିକିତ୍ସା କରାଇବେ । ପ୍ରତାପଙ୍କର ବାପ-ମାଆ, ପତ୍ନୀ, ଦୁଇଟି ଛୋଟ ପୁଅ ଓ ଝିଅ ୬ ଜଣ ପରିବାର ବେଳାଏ ଖାଇଲେ ବେଳାଏ ଉପାସ ରୁହନ୍ତି । ଛୋଟ ଛୋଟ ଭାଇ ଭଉଣୀଙ୍କର ଦି'ମୁଠା ପଖାଳ ଖଣ୍ଡିଏ ପିଆଜ ପାଲଟିଛି ଆହାର । ଏପରି ଖବର ପାଇ 'ଓଡ଼ିଶା ଭାସ୍କର' ଟିମ୍ ଓଢୁଆଳ ଗ୍ରାମରେ ଏପରି କରୁଣ ଦୃଶ୍ୟକୁ ନିଜ କ୍ୟାମେରାରେ କଏଦ କରି ଖବର ବଜାଇଥିଲା । ଏହି ଖବର ବାଜିବା ପରେ ନିମାପଡ଼ାର ଜଣାଶୁଣା ସମାଜସେବୀ ବିକ୍ରମ କେଶରୀ ସାମଲ ପରିବାରକୁ ସହାୟତା ଯୋଗାଇବା ସହ ପୋଷ୍ୟ ପରିବାର ଭାବେ ଗ୍ରହଣ କରିଛନ୍ତି । ଭୁବନେଶ୍ୱରର ଏକ ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢ଼ାଇଛି । 'ଓଡ଼ିଶା ଭାସ୍କର'ରେ ଖବର ବାଜିବା ପରେ ଆମ୍ଭେମାନେ ଏଠାରେ ପହଞ୍ଚି ପାରିଲୁ ବୋଲି 'ଓଡ଼ିଶା ଭାସ୍କର' ପରିବାରକୁ ଧନ୍ୟବାଦ ଜଣାଇଛନ୍ତି । ନିମାପଡ଼ା ନିର୍ବାଚନ ମଣ୍ଡଳୀର ସମାଜସେବିକା କସ୍ତୁରୀବାଳା ସ୍ୱାଇଁ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ଏ କେଉଁ ଉପାନ୍ତ ଅଞ୍ଚଳର ଦୃଶ୍ୟ ହୋଇନଥିବା ବେଳେ ଖୋଦ୍ ନିମାପଡ଼ାର ହୃଦୟ ବିଦାରକ ଦୃଶ୍ୟ । ସରକାର ଏହି ଘଟଣା ଉପରେ ଗୁରୁତ୍ୱ ଦେଇ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ଚୋରା ବାଲିଘାଟ ରାସ୍ତା ଖୋଳିଲା ପ୍ରଶାସନ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ତହସିଲ୍ ଅଧିନସ୍ଥ କସର୍ଦା ରାଜସ୍ୱ ବିଭାଗ ଅଧିନରେ ଥିବା ରାଣୀଓଳା ପଞ୍ଚାୟତର ଅଳତଲଙ୍ଗ ଓ ଶଗଡାଇଲୋ ପଞ୍ଚାୟତର ଦୀଘି ଗ୍ରାମରେ ଦେବୀ ନଦୀରେ ଦୁଇଟି ଚୋରା ବାଲିଘାଟରେ ହୋଇଥିବା ରାସ୍ତାକୁ ନିଆଳି ତହସିଲ୍‌ଦାର୍ ଲିଲନ ପ୍ରସାଦ ସାହୁ ଓ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଦୁଇଟି ଜେସିବି ନେଇ ରାସ୍ତାକୁ ଖୋଳି ଦେଇଥିଲେ। ତହସିଲ୍‌ଦାର୍ ଅଳତଲଙ୍ଗ ଦୀଘି ବାଲିଘାଟକୁ ଡାଡି ଦେଇଥିବା ବେଳେ ପୋଲସରା ବାଲିଘାଟରେ ଦିନ ଦ୍ୱିପ୍ରହରରେ ନିଆଳି ଅଞ୍ଚଳକୁ ଶହ ଶହ ବାଲି



ଟ୍ରିପ୍ ଚୋରା ଚାଲାଣ ହୋଇଥିବା ବେଳେ ତହସିଲ୍‌ଦାର୍ ଓ ଆଇଆଇସି କାହିଁକି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ସରକାରୀ କର୍ମଚାରୀଙ୍କ ଏଭଳି ପାତରଅନ୍ତର ନେଇ ଅନ୍ୟ ବାଲି ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

## ହିନ୍ଦୋଳ ବ୍ଲକ୍‌ରେ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଉଦ୍‌ଯାପିତ



ହିନ୍ଦୋଳ(ଭାସ୍କର ନ୍ୟୁଜ): ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ମୋ ଢେଙ୍କାନାଳ ଡିଜିଟାଲ ଚ୍ୟାନେଲର ୬ଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ୨୦୨୪ ମୋ ପ୍ରତିଭା ମୋ ପରିଚୟ ସାଂସ୍କୃତିକ ଓ ଶିକ୍ଷା ଭିତିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକସ୍ତରୀୟ ମହୋତ୍ସବକୁ ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ସଂଯୁକ୍ତା ବେହେରା, ଶୁଭେନ୍ଦୁ କୁମାର ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନାଦି ଚରଣ ନାଏକ ଏବଂ ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ଉପ-ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୋ ଢେଙ୍କାନାଳର ଏହି ନିଆରା କାର୍ଯ୍ୟକ୍ରମ କରିଥିବାରୁ ଚ୍ୟାନେଲକୁ ଧନ୍ୟବାଦ୍ ଦେବା ସହ ଏହାର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କୁ ଭୂୟଂସି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାର ଦ୍ୱିତିକୃଷ୍ଣ ସାହୁ ପ୍ରମୁଖ ମୋ ଢେଙ୍କାନାଳର ଏହି ପ୍ରୟାସକୁ ସ୍ୱାଗତ ଜଣାଇବା ସହ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଯଥା ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ହିନ୍ଦୋଳ ବ୍ଲକର ବିଭିନ୍ନ ସ୍କୁଲର ପ୍ରାୟ ୨୦୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଚାରକ ବିଜୟ କୁମାର ମିଶ୍ର, ମମତା ମହନ୍ତଙ୍କ ସମେତ ବରିଷ୍ଠ ସଦସ୍ୟସଦସ୍ୟା ପ୍ରତିଭାର ମୂଲ୍ୟାଙ୍କନ କରି ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ କୃତି ପ୍ରତିଯୋଗୀଙ୍କୁ ମନୋନିତ କରିଥିଲେ । ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ମୋ ଢେଙ୍କାନାଳର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରଥମେ ମୋ ଢେଙ୍କାନାଳର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବରେ ଆଲୋକପାତ ପରେ ସମସ୍ତ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ସଦସ୍ୟସଦସ୍ୟା ଓ ସହଯୋଗୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁଦେବଜୀ ଫାଉଣ୍ଡେସନର ପ୍ରତାପ ନାଏକ, ଲିଙ୍କୁ ପତି ଓ ଲିଟୁ ଦେହୁରୀଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ଆବାହକ ତଥା ଯୁବ ସାମ୍ବାଦିକ ଶ୍ରୀକାନ୍ତ ମହାପାତ୍ର ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତିର ସମ୍ମିଳନୀ ଗୃହରେ କଟକ ଜିଲ୍ଲାପାଳଙ୍କ ସାଧାରଣ ଅଭିଯୋଗ ଓ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ୟକ୍ତିଗତ ୧୭୬ ଓ ସାମୂହିକ ୨୪ଟିକୁ ମିଶାଇ ମୋଟ ୨୦୦ଅଭିଯୋଗ ପଞ୍ଜିକୃତ ହୋଇଥିଲା। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ରାଉସାହେବ ସିନ୍ଦେ ସମସ୍ତ ଅଭିଯୋଗକୁ ପୁଙ୍ଖାନୁପୁଙ୍ଖ ଭାବେ ସମସ୍ତ ଅଭିଯୋଗକୁ ତର୍ଜମା କରିବା ସହ ଏହାର ପ୍ରତିକାର ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ତାଲିକାରେ ମୁଖ୍ୟତଃ ଭତ୍ତା ବଣ୍ଟନ, ରାସନ କାର୍ଡ଼, ଆବାସ ଯୋଜନା, ତହସିଲ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ସର୍ବାଧିକ ରହିଥିବା ବେଳେ ଅନ୍ୟାନ୍ୟ ପଂଚାୟତର ସମସ୍ୟା, ସୁଭଦ୍ରା ଯୋଜନା, ମେଡ଼ିକାଲ, ମିଶନ୍ ଶକ୍ତି, ଆଧାର, ପିଏମ୍ ବିଶ୍ୱକର୍ମା, ସ୍ୱଚ୍ଛଭାରତ ମିଶନ୍ ଭଳି ବିଭିନ୍ନ ଅଭିଯୋଗ ପ୍ରମୁଖ ସାମିଲ ଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତ କୁମାର ଜେନା ପରିଚାଳନା କରିଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ପ୍ରାଣୀଧନ ଅଧିକାରୀ ଡାକ୍ତର ବିଭୁରଞ୍ଜନ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତ, ବ୍ଲକ୍ ଅଧକ୍ଷା ମିନାକ୍ଷୀ ଦାସ, ଉପାଧକ୍ଷା ସୁପ୍ରିୟା ଜେଠୀ, ଚୌଦ୍ୱାର ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ବରିଷ୍ଠ ରାଜସ୍ୱ ସହାୟକ କରୁଣାକର ଖଟୁଆ ଓ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତିଶ୍ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।



## ଶୁଣିଲାଣି ପ୍ରଶାସନ

# ରାସ୍ତା କାମ କଲେ ଗ୍ରାମବାସୀ



ଆସିକା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ବାଲିଛାଇ ପଞ୍ଚାୟତ ଅନ୍ତର୍ଗତ ଝଗଡେଇ ଠାରୁ ସୋରଡ଼ାକୁ ସଂଯୋଗ କରୁଥିବା ଝଗଡେଇ ମୁଖ୍ୟ ରାସ୍ତା ଦୀର୍ଘ ଦିନ ଧରି ଖାଲଖମା ହୋଇପଡ଼ିରହିଥିବା ବେଳେ ବାରମ୍ବାର ଅଭିଯୋଗ ପରେବି ଶୁଣି ନଥିଲା ପ୍ରଶାସନ କି ଠିକାଦାର । ଶେଷରେ ଅତିଷ୍ଠ ହୋଇ ଆଜି ଗ୍ରାମବାସୀ ଚାନ୍ଦା ଭେଦା କରି ରାସ୍ତା ଉପରେ ମାଟି ପକେଇ ରାସ୍ତା କାମ କରୁଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧିନରେ ଥିବା ବେଳେ କଣ୍ଟେଇ ପଲ୍ଲୀ ସୋରଡ଼ା ରାସ୍ତା ନୂଆଁଗାଁ ଛକ ଠାରୁ ଭୟା ଝଗଡେଇ ଦେଇ ରାସ୍ତା ପ୍ରଶସ୍ତିକରଣ କାମ ସରିଥିବା ନେଇ ଫଳକ ରେ ଦର୍ଶାଯାଇଛି । ନିର୍ମାଣାଧୀନ ଫଳକରେ ୨୫.୭୬୭ କୋଟି ଟଙ୍କାର ପ୍ରକଳ୍ପ ରାଶି ଥିବାବେଳେ ୨୮-୧୦-୨୦୨୨ ରୁ କାର୍ଯ୍ୟ ଆରମ୍ଭ ହୋଇଥିବା ଓ କାର୍ଯ୍ୟ ସମାପ୍ତି ୨୭.୦୪.୨୦୨୪ ରେ ଶେଷ ହୋଇଥିବା ନେଇ ଫଳକରେ ଦର୍ଶା ହୋଇଛି । କିନ୍ତୁ ରାସ୍ତା କାମ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ । ଅନେକ ଜାଗାରେ ରାସ୍ତା କାମ ହୋଇନଥିବା ବେଳେ ରାସ୍ତା ଉପରେ ନିର୍ଭର କରୁଥିବା ଗାଁ ଲୋକ ମାନେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଗୋଚରକୁ ନେବା ସତ୍ତ୍ୱେ କୌଣସି ସୁଫଳ ମିଳିନି । ଫଳରେ ଆପଣାଇଛନ୍ତି ନୂଆଁ ତରିକା । ଏକାଠି ହୋଇଛନ୍ତି ଗାଁ ଲୋକ ରାସ୍ତାକୁ ସମତୁଲ କରି ସମସ୍ୟାର କରିବେ ସମାଧାନ । ଅନ୍ୟ ପଟେ ଠିକା ସଂସ୍ଥା କାହାକୁ ଖାତିରି ନକରି ବିଭାଗର କେତେକ ତଳିଆ କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ସମସ୍ୟାର ସମାଧାନ କରିଦେଉଛି। ଏହି ଠିକା ସଂସ୍ଥା ଆସିକା ଠାରୁ ଭଞ୍ଜନଗର ରାସ୍ତା କାମ କରୁଥିବା ବେଳେ ବହୁ କଲଭଟ ଅଧପନ୍ତରିଆ କାମ ବର୍ଷ ବର୍ଷ ଧରି କରୁଥିବା ସମୟରେ ବହୁ ଦୁର୍ଘାଟଣା ଘଟି ଲୋକ ପ୍ରାଣ ହରିଥିବା ଖବରକାଗଜ ଠାରୁ ଆରମ୍ଭ କରି ରାସ୍ତାରୋକ ମଧ ହୋଇଛି ।ଏଠି କୌଣସି ଫରକ୍ ପଡିନି ଠିକା ସଂସ୍ଥା ନା ବିଭାଗକୁ।

## ଚାକିରି କରାଇଦେବାକୁ କହି ଠକେଇ

# ମୁଖ୍ୟ ଅଭିଯୁକ୍ତ ସହ ୩ ଗିରଫ





ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ପୋଲିସ୍ ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ଜଣକୁ ଗିରଫ କରିଛି ବୈଦ୍ୟନାଥପୁର ଥାନା ପୋଲିସ । ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁରର ଜଗଦୀଶ ବେହେରା ଓ ତାର ୨ ଏଜେଣ୍ଟ ଆସିକା ଥାନା ଅନ୍ତର୍ଗତ କାଳଷଣ୍ଢପୁର ଗ୍ରାମର ହୃଦୟାନନ୍ଦ ମୁନି, ନଳବଣ୍ଟାର ସୂର୍ଯ୍ୟ ବେହେରା । ଏମାନଙ୍କ ସହ କେଉଁ କେଉଁ ମାନେ ଅଛନ୍ତି ଓ ଆଦାୟ କରିଥିବା ଟଙ୍କା କେଉଁଠି ବିନିଯୋଗ କରିଛନ୍ତି ତାହାର ସବିଶେଷ ତଥ୍ୟ ବାହାର କରୁଛି ପୁଲିସ୍ । ବିଶେଷସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ମୁଖ୍ୟ ଅଭିଯୁକ୍ତ ଜଗଦୀଶ ନିଜ ପୁଅର ଜନ୍ମଦିନ ଭୋଜିରେ ଯୋଗଦେବା ପାଇଁ ଗୋପାଳପୁର ଆସିଥିବା ଖବରପାଇ ପୁଲିସ୍ ଜଗଦୀଶକୁ ମାଡି ବସିଥିଲା । ତା'ଠାରୁ ତଥ୍ୟ ହାସଲ କରି କାଳଷଣ୍ଢପୁରର ହୃଦୟାନନ୍ଦ ଓ ନଳବଣ୍ଟାରୁ ସୂର୍ଯ୍ୟକୁ ଆଣି ବୈଦ୍ୟନାଥପୁର ଥାନାରେ ଗିରଫ । ପ୍ରାୟ ୫ କୋଟି ଟଙ୍କା ଏମାନେ ଚାକିରୀ ଦେବା ନାମରେ ଶିକ୍ଷିତ ବେକାର ଯୁବକଯୁବତୀଙ୍କ ଠାରୁ କୁଆଡେ ଆଦାୟ କରିଛନ୍ତି । ପଇସା ଆଦାୟପରେ ଚାକିରୀ ନ ମିଳିବା କାରଣରୁ ସେମାନେ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମଙ୍କ ନିକଟକୁ ଯାଇ ଅଭିଯୋଗ କରିବାପରେ ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ମୁଖ୍ୟ ଅଭିଯୁକ୍ତ ଜଗଦୀଶ ଓ ତାର ୨ ଏଜେଣ୍ଟ ତଥା ସହଯୋଗୀଙ୍କୁ ଧରି ଆଣି ପଚରା ଉଚୁରା କରୁଥିବା ଜଣାପଡିଛି । ତେବେ ଗିରଫ ହୋଇଥିବା ଜଗଦୀଶ ଓ ୨ ଏଜେଣ୍ଟଙ୍କ ସମ୍ପର୍କୀୟଙ୍କ ନାମରେ ଲକ୍ଷାଧିକ ଟଙ୍କା ଜମା ହୋଇଥିବା ବେଳେ ଜମି କିଣିଥିବା ମଧ୍ୟ ଜଣାପଡିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀ ରେ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ ସୂଚନା ଦେଇଛନ୍ତି।

## ଶ୍ରୀସତ୍ୟସାଇଙ୍କ ବାର୍ଷିକୋତ୍ସବ

ତିହିଡି, (ଭାସ୍କର ନ୍ୟୁଜ):: ଭଦ୍ରକ ଅପର୍ତ୍ତି ବିନ୍ଧା ଠାରେ ଥିବା ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ପରିସରରେ ଶ୍ରୀ ସତ୍ୟସାଇଙ୍କର ବାର୍ଷିକ ଉତ୍ସବ ଓ କୃତଜ୍ଞତା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ବିଦ୍ୟାବିହାରରେ ପରିଚାଳନା କମିଟି ସଭାପତି ମନୋଜ କୁମାର ନାୟକଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲିପ ରାଉତରାୟ ଯୋଗ ଦେଇ ଶିକ୍ଷା ଜୀବିକା ପାଇଁ ନୁହେଁ ଜୀବନ ପାଇଁ ବୋଲି କହିଥିଷଲ। ମୁଖ୍ୟବକ୍ତା ଭାବେ ରାଜ୍ୟ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡ. ସତ୍ୟ ସ୍ୱରୂପ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବେ ପୂର୍ବତନ ଜିଲାପାଳ ତଥା ରାଜ୍ୟ ସତ୍ୟସାଇ ଟ୍ରଷ୍ଟର ଆବାହକ ଅକ୍ଷୟ ପାଣି, ସମ୍ମାଦକ ପୂର୍ବତନ ବିଚାରପତି ସୁଶାନ୍ତ କୁମାର ପଟ୍ଟନାୟକ, ସଭ୍ୟ ଇଂ ସନାତନ ପାତ୍ର, ଜିଲା ସଭାପତି ନକୁଳ ଚନ୍ଦ୍ର ଜେନା, ଜିଲାସଭାପତି (୨) ବୃନ୍ଦାବନ ବେହେରା, ବିଦ୍ୟାବିହାରର ପରିଚାଳନା କମିଟି ସମ୍ପାଦକ ପାର୍ଥସାରଥି ନାୟକ, ଅଧକ୍ଷା କେ. ଲକ୍ଷ୍ମୀ, ପ୍ରଶାସନିକ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକ, ପ୍ରତିଷ୍ଠାତା ସଦସ୍ୟ ଅନିରୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇ ଭଦ୍ରକର ସର୍ବ ପୁରାତନ ବିଦ୍ୟାବିହାର ଇଂରାଜୀ ମାଧମ ସ୍କୁଲ ୧୯୮୯ ମସିହାରୁ ସ୍ଥାପିତ ହୋଇଥିଲେ ମଧ ୨୦୨୪ ମସିହାରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଅଛି। ଏହି ସ୍ୱୀକୃତି କେବଳ ଭଗବାନ ଶ୍ରୀ ସତ୍ୟସାଇଙ୍କ କୃପାରୁ ହୋଇ ଅଛି ବୋଲି କହିଥିଲେ। ଏଥିପାଇଁ ବାବା ଶ୍ରୀ ସତ୍ୟସାଇଙ୍କୁ ୧ଲକ୍ଷ ନାମ ଜପ କରାଇ ଉକ୍ତ ଦିବସରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରୀ ସ୍ମିତିମୟୀ ପ୍ରିୟଦର୍ଶିନୀଙ୍କ ସମେତ ୪ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପୁରାତନ ଛାତ୍ର ସାଇମନ ଶୁଭ୍ରଜ୍ୟୋତି ସାହୁଙ୍କୁ ଓଏଏସ ପରୀକ୍ଷାରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ଅଧକ୍ଷ ନରେନ୍ଦ୍ର ଦାସ, ଗଂଗାଧର ପଣ୍ଡା, ମୂରଲୀଧର ଲେଙ୍କା, ପୁଷ୍ପାଞ୍ଜଳି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର



ଚମ୍ପୁଆ, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପତ୍ର ସଂଖ୍ୟା ୨୭୫୮୪ ତା ୨୭.୧୧.୨୦୧୪ ରିଖ ଅନୁଯାୟୀ ପରିବର୍ତ୍ତିତ ଯୋଗ୍ୟତା ମାପଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁର କରିବା ଲକ୍ଷ୍ୟ ରେ ସରକାର ନୂତନ ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି । ପୂର୍ବର ସମସ୍ତ ସର୍ଭେ କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା ବେଳେ ଚଳିତ ସର୍ଭେ ରେ ଆଶାୟୀ ପରିବାର ମଧ ନିଜର ସର୍ଭେ କରି ପାରିବେ । ଏହାକୁ ଦୃଷ୍ଟିରେ ରଖି ଚମ୍ପୁଆ ପଞ୍ଚାୟତ ସମିତି ଦ୍ୱାରା ଗତ ୦୨.୧୨.୨୦୨୪ ରିଖ ରେ ଚମ୍ପୁଆ ବ୍ଲକର ବଡନଇ, ଭୂଇଁପୁର , ଚନ୍ଦ୍ରଶେଖରପୁର, ଜଜପୋଷି, ଜାଲି, ଜାମୁଦଳକ, କାଳିକାପ୍ରସାଦ, କରଞ୍ଜିଆ, କୋଦଗାଡିଆ, କୁଟାରିପୋଷି, ପଡୁଆ, ପର୍ଶଳା, ଷଡଙ୍ଗୀ, ସରେଇ , ସୁନାପୋଷି ପଞ୍ଚାୟତରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଆଜି ଭଣ୍ଡା, ଜ୍ୟୋତିପୁର, କାଶୀପାଳ, ରଜିଆ, ରଙ୍ଗାମାଟିଆ , ଉଛବାଲି ଓ ରିମୁଳି ପଞ୍ଚାୟତ ରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରିମୁଳି ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧରେ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଚମ୍ପୁଆ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳ ଯୋଗ ଦେଇ ଉପସ୍ଥିତ ରହିଥିବା ରିମୁଳି ପଞ୍ଚାୟତର ପୁରୁଷ ଓ ମହିଳା ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିପରି ଭାବରେ ସର୍ଭେ କରାଯିବ ଏବଂ ଏଥିରେ କେଉଁ ମାନଦଣ୍ଡ ଥିବା ବ୍ୟକ୍ତି ମାନେ ଯୋଗ୍ୟ ବିବେଚିତ ହେବେ ତାହା ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଉପସ୍ଥିତ ଥିବା ସାଧାରଣ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ତାଙ୍କ ସନ୍ଦେହ ମୋଚନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରିମୁଳି ପଞ୍ଚାୟତର ସରପଞ୍ଚ ଅମୃତି ମୁଣ୍ଡା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ମୁଦି, ଆକାଉଣ୍ଟାଣ୍ଟ କମ ଡାଟା ଏଣ୍ଟ୍ରି ଓପରେଟର ଯୁଗଳ କିଶୋର ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଂପାଦନ କରିବାରେ ସହଯୋଗ କରିଥିଲେ ।

# ୭ରୁ ଲୋକକଳା ମହୁରୀ ମହୋତ୍ସବ





ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଡାକ ବଙ୍ଗଳା ରେ ମହୁରୀ ମହୋତ୍ସବର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚଳିତ ଡିସେମ୍ବର ମାସ ୦୭ ତାରିଖ ଶନିବାର ଓ ୦୮ ତାରିଖ ରବିବାର ଦୁଇଦିନ ଧରି ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ହେବାକୁ ଥିବା ଲୋକକଳା ଲୋକସାହିତ୍ୟ ଓ ଲୋକନାଟ୍ୟର ପ୍ରସାର ପ୍ରଚାର ମହୁରୀ ମହୋତ୍ସବର ଭୂମିକା ଓ ଆଭିମୁଖ୍ୟ ଆଲୋଚନା ହୋଇଥିଲା । ମହୋତ୍ସବ ଅଧକ୍ଷ ଡ଼ଃ. ସନ୍ୟାସୀ ମହାରଣାଙ୍କ ପୌରହିତତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ମହୁରୀ ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତ ଗଣ ମାଧମ ବ୍ୟକ୍ତିତ୍ୱକୁ ଆହ୍ୱାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମିହିର କୁମାର ପାଣିଗ୍ରାହୀ ମହୋତ୍ସବ ବିବରଣୀ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦଣ୍ଡଚଢ଼େୟା , ଗାହାଣୀ , ଦାସକାଠିଆ ,ବାଘ ନାଟ୍ୟ ପିଲା ଖାଇ ଡାହାଣୀ ନାଟ୍ୟ ,ଘୁମୁରା ନାଟ୍ୟ, ରଣସ୍ପା ସିଂ ବାଦ୍ୟ, ଛୋଡ ଗାଜିଆ ଇତ୍ୟାଦି ଲୋକ ନୃତ୍ୟର ପ୍ରସାର ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି ଅନୁଷ୍ଠାନର କାର୍ଯ୍ୟକାରି ଅଧକ୍ଷ କାର୍ତ୍ତିକ ପାଣିଗ୍ରାହି ଉଲ୍ଲେଖ କରିଥିଲେ । ପାରମ୍ପରିକ ଝୋଟି ,ପିଠୋଉ ଝୋଟି , ରଙ୍ଗୋଲି ମାଧମରେ ଆମ ପରମ୍ପରାକୁ ଉଜ୍ଜୀବିତ କରିବାର ପ୍ରୟାସ ମହୁରୀ ମହୋତ୍ସବ ଆରମ୍ଭ କରିଥିଲା ଓ ଏହା ଆଗକୁ ବି ଜାରି ରହିବ ବୋଲି ପ୍ରତିଯୋଗିତା ମୁଖ୍ୟ ସ୍ମୃତି ରାଣୀ ପଟ୍ଟନାୟକ କହିଥିଲେ ।ଛୋଟ ଛୋଟ ପିଲାଙ୍କ ଭିତରେ ଲୁଚି ରହିଥିବା କଳାକୁ ଲୋକଲୋଚନକୁ ଆଣିବା ପାଇଁ ଚିତ୍ରକଳା , ପ୍ରବନ୍ଧ ଓ ଡିବେଟ ର ଏବଂ ଲୋକ ଗୀତ ଛନ୍ଦ ଚମ୍ପୁ ଚଉପଦୀ ପୁରାତନ ରଚନା ର ଗୀତ ପ୍ରତିଯୋଗିତାର ସମସ୍ତ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ମୁଖ୍ୟ ଟିକିରି ବେହେରା ପ୍ରକାଶ କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ଓ ସଂସ୍କୃତିକ କାର୍ଯ୍ୟକ୍ରମ ର ବିଧିବଦ୍ଧ ବିବରଣୀ ଅନୁଷ୍ଠାନ ର କୋଷଧକ୍ଷ ଶ୍ରୀମତୀ ରାମେଶ୍ୱରୀ ନନ୍ଦ ପ୍ରଦାନ କରିଥିଲେ । ଲୋକକଳା ଲୋକସାହିତ୍ୟ ଓ ସଂସ୍କୃତିକୁ ଆଖିରେ ରଖି ଓଡିଶାର ବିଭିନ୍ନ ପ୍ରାନ୍ତରେ କବି ଓ କବୟିତ୍ରୀ ମାନଙ୍କୁ ନେଇ ଏକ ସମୃଦ୍ଧ କବିତା ଆସର ର ଆୟୋଜନ କରାଯାଉଛି ବୋଲି ବିଭାଗୀୟ ମୁଖ୍ୟ ଶ୍ରୀ ମିହୀର ରଞ୍ଜନ ତ୍ରିପାଠୀ ସୂଚନା ଦେଇଥିଲେ ।ଉପଦେଷ୍ଟା ଶ୍ରୀ ଅଭୟେନ୍ଦୁ ପଟ୍ଟନାୟକ ଓ ଅନିଲ ପାତ୍ର କାର୍ଯ୍ୟକ୍ରମ କୁ ସଫଳ କରିବାକୁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ ।ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ସମସ୍ତ ଗଣମାଧମ ର ପ୍ରତିନିଧି ତଥା ଆଞ୍ଚଳିକ ମୁଖ୍ୟ ମାନେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅନିଲ ଚୌଧୁରୀ ,ଦିଲ୍ଲିପ ମହାରଣା , ଭବାନୀ ମିଶ୍ର , ସୁଶାନ୍ତ ପଣ୍ଡା , ଅଶ୍ୱିନୀ କୁମାର ,ପ୍ରଦୀପ କୁମାର ନାୟକ ,କୈଳାଶ ପାଣିଗ୍ରାହି ,ଶିବରାମ ପାଠୀ, ଅଶ୍ୱିନୀ ଜେନା, ସୁଦର୍ଶନ ପରିଡା ଏବଂ ମହୁରୀ ମହୋତ୍ସବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଉପ ସଭାପତି ପ୍ରଶାନ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ଝାରସୁଗୁଡ଼ା, (ଭାସ୍କର ନ୍ୟୁଜ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ବେହେରାମାଲସ୍ଥିତ ଏମସିଏଲ କମ୍ୟୁନିଟି ହଲ ଠାରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ - ୨୦୨୪ ପାଳିତ ହୋଇଛି । ସକାଳୁ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଏମସିଏଲ କମ୍ୟୁନିଟି ହଲ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ କୁ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ କିଶୋର ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଆଲୋକମୟୀ ପ୍ରଧାନ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ରାଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଣ୍ୟବତୀ ହେଲେନ ଖେସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା ବେଳେ ମହିମା କଳା ପରିଷଦର ଦିବ୍ୟାଙ୍ଗଙ୍କ ଉପରେ ଆଧାରିତ ନାଟକ ପରିବେଷଣ ଚିତ୍ତାକର୍ଷକ ହୋଇଥିଲା ଏବଂ ବିବେକ ତାଣ୍ଡିଙ୍କ ଦ୍ୱାରା ଆୟୋଜିତ ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ର ୦୪ ଟି ଦିବ୍ୟାଙ୍ଗ ସ୍କୁଲ ଯଥା :- ଝାଡେଶ୍ୱରୀ ସ୍ପେଶାଲ ସ୍କୁଲ , ବୁଡାପଡ଼ା/ ବୃନ୍ଦାମାଲ ସ୍ପେଶାଲ ସ୍କୁଲ / ପ୍ରେରଣା ସ୍ପେଶାଲ ସ୍କୁଲ, ବେଲପାହାଡ଼ / ଆଶା କିରଣ ଚେରିଟେବଲ ଟ୍ରଷ୍ଟ, ଦିପୁପଡା ଏବଂ ମିଶନ ଆଶ୍ରା ଓ ମିଶନ ଆଶାଲୋକ ର ଅନ୍ତେବାସୀ ମାନେ ଯୋଗଦାନ କରିଥିଲେ । ଜିଲ୍ଲା ସ୍ତରୀୟ କ୍ରିଡା ପ୍ରତିଯୋଗୀତା ଯଥା :- ମ୍ୟୁଜିକ ଚେୟାର , ମୁରୁଜ ,ବସ୍ତା ଡିଆଁ , ସ୍ପୁନ ରେସ, ଚିତ୍ରାଙ୍କନରେ ଉନ୍ନୀତ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିବା ବେଳେ ୨୭ ଥର ରକ୍ତ ଦାନ କରଥିବା ଲକ୍ଷ୍ମଣ ପଟେଲ (ଦିବ୍ୟାଙ୍ଗ )ଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ରେ ପ୍ରାୟ ୫୦୦ ଜଣ ଦିବ୍ୟାଙ୍ଗ ଓ ଅଭିଭାବକ ଯୋଗ ଦେଇଥିଲେ । ପରିଶେଷ ରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଣ୍ୟବତୀ ହେଲେନ ଖେସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସାମାଜିକ ସୁରକ୍ଷା ବିଭାଗ ର ସମସ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଭିନ୍ନକ୍ଷମ ଦିବସ ପାଳିତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ମଙ୍ଗଳବାର ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ତରଫରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବଡଖିର ଗୋପପୁରସ୍ଥିତ ବାବା ମୁକୁନ୍ଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ସିଆରସିସି ନରେନ୍ଦ୍ରନାଥ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦ ଯୋଗଦାନ କରି ସରକାରଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କ ନିମନ୍ତେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିବା ସହ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଶିକ୍ଷକ ଓ ଅଭିଭାବକଙ୍କର ଗୁରୁ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତାଭାବେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବାରିକ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ସ୍ୱାଇଁ, ସମ୍ବଳ ଶିକ୍ଷକ ଗାୟତ୍ରୀ ବଳ , ଅନିଳା ଷଡଙ୍ଗୀ,ରଞ୍ଜିତ ମଲିକ,ଶିକ୍ଷୟିତ୍ରୀ ଶର୍ମିଷ୍ଠା ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଛାତ୍ର ଛାତ୍ରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଦ୍ୟାଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ,ଅନ୍ତର୍ନିବେଶୀ ,ଶିକ୍ଷକ ଶିକ୍ଷୟିତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ବିରଞ୍ଚି ନାରାୟଣଙ୍କ ଇତିହାସକୁ ମନେ ପକେଇବ 'ବିରଞ୍ଚି କ୍ଷେତ୍ର'

ତିହିଡି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ ଅଧିନ ଗଣ୍ଡପଡା ଗ୍ରାମର କବି ତଥା ବିଶିଷ୍ଟ ଔପନ୍ୟାସିକ ମନୋଜ କୁମାର ମହାପାତ୍ରଙ୍କ ଗାଥା କାବ୍ୟ 'ବିରଞ୍ଚି କ୍ଷେତ୍ର' ମଙ୍ଗଳବାର ବିରଞ୍ଚି ନାରାୟଣଙ୍କ ପାଦପଦ୍ମରେ ସମର୍ପିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ଅତିଥି ଭବନରେ ଟ୍ରଷ୍ଟି ତଥା ସାହିତ୍ୟପ୍ରେମୀ ବସନ୍ତ କୁମାର ନାୟକଙ୍କ ପୌରହିତ୍ୟରେ ଏକ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ପ୍ରାଧାପକ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, ଅଧାପକ ଡ଼. ବିଶ୍ୱରଞ୍ଜନ ଦାସ,ହରିଶ୍ଚନ୍ଦ୍ର ଦାସ,ଗୋବର୍ଦ୍ଧନ ସାମଲ,କବି ସଞ୍ଜିତ ବଳ ଓ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ,ଶିକ୍ଷାବିତ ଭରତ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିରଞ୍ଚି ନାରାୟଣଙ୍କ ସହ ଯୋଡିହୋଇ ରହିଛି ଅନେକ କଥା ଓ ଗାଥା । ଯାହା ପ୍ରାଚୀନ ଐତିହ୍ୟ ଓ ପରମ୍ପରାକୁ ଉଦଜୀବିତ କରିଆସିଛି । ତେବେ ସେହି କଥା ଓ ଗାଥାକୁ ନେଇ ବିଶିଷ୍ଟ କଥାକାର ମନୋଜ କୁମାର ମହାପାତ୍ରଙ୍କ ରଚିତ କାବ୍ୟ ବିରଞ୍ଚି କ୍ଷେତ୍ର ଓଡ଼ିଆ ସାହିତ୍ୟରେ ଉଲ୍ଲେଖନୀୟ ହୋଇ ରହିବ ବୋଲି କହିଥିଲେ । ସ୍ରଷ୍ଟା ଶ୍ରୀ ମହାପାତ୍ର ପୁସ୍ତକ ସମର୍ପଣ କରି କହିଥିଲେଯେ, ଗାଥା କାବ୍ୟ ବିରଞ୍ଚି କ୍ଷେତ୍ର ତିହିଡି ଅଞ୍ଚଳର ଇତିହାସ ଓ ପରମ୍ପରାର ମୂକସାକ୍ଷୀ ହୋଇରହିବ । କବି ଗୋଲକ ପ୍ରସାଦ ବୟାରୀ ବିରଞ୍ଚି ନାରାୟଣଙ୍କ ଉପରେ ଆଧାରିତ



ଏକ ଭକ୍ତି କବିତା ଆବୃତ୍ତି କରିଥିଲେ । ପଣ୍ଡିତ ମୃତ୍ୟୁଞ୍ଜୟ ପଣ୍ଡା ସୂର୍ଯ୍ୟ ସ୍ତୁତି ପାଠ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଗାୟତ୍ରୀ ବେହେରା, ଶିକ୍ଷାବିତ ସୋମନାଥ ମିଶ୍ର, ଦେବବ୍ରତ ତ୍ରିପାଠୀ, ହରେକୃଷ୍ଣ ଜେନା, ଦୁର୍ଗାପ୍ରସାଦ ମହାପାତ୍ର, ମନୋରଞ୍ଜନ ଖୁଣ୍ଟିଆ, ସୁରେଶ ଚନ୍ଦ୍ର ପାତ୍ର, ଗଜେନ୍ଦ୍ର ପଲାଇ, ବାବାଜୀ ଚରଣ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ମଣ୍ଡେଇ ଉତ୍ସବ



ରାଇଘର,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ମିନିଷ୍ଟାଡିୟମ ପଡ଼ିଆ ଠାରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳିତ ହୋଇଛି । ଏହି ଅବସରରେ ରେ କଳସୀ ଗୁଡ଼ି ମା ଠାକୁରାଣୀ ମନ୍ଦିର ଠାରେ ଦିନ ୧୨ଟାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଘଣ୍ଟ କାହାଳୀ ବାଜା ବଜେଇ, ବାଣ ଫୁଟେଇ, ଦେବା ଦେବୀଙ୍କ ବିମାନ ଲାଠି ନେଇ ବିରାଟ ଶୋଭାଯାତ୍ରାରେ ମଶାଲକୁ ଆଣି ନଗର ପରିକର୍ମା ପରେ ମଶାଲ କୁ ମଣ୍ଡେଇ ମଞ୍ଚ ରେ ରଖାଯାଇଥିଲା । ଏହା ପରେ ସନ୍ଧ୍ୟା ସମୟରେ ଅତିଥି ମାନଙ୍କ ଉପସ୍ଥିତି ରେ ପ୍ରଦୀପ ପ୍ରଜ୍ଜଳନ କରିଯାଇଥିଲା । ତା ପରେ ଖୋଲା ଯାଇଥିବା ବିଭିନ୍ନ ବିଭାଗର ଷ୍ଟଲକୁ ଉଦଘାଟନ କରିଥିଲେ । ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀସାଗର ମାଝୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ,ଉପାଧକ୍ଷ ଲିପିକା ବାରୋଇ, ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ପ୍ରୀତିସ୍ମିତା ମହାପାତ୍ର, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁଦର୍ଶନ ମାଝୀ, ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ ପ୍ରମୁଖ ମଞ୍ଚାସନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ରନାଥ ଗଣ୍ଡ, ନାନାର ଖରା, ଖଗେଶ୍ୱର ହରିଜନ, ରାଇଘର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ତହସିଲ୍ ଦାର ରିତୁ ସିଂ ଉମରକୋଟ ପୌରପାଳିକା ଅଧକ୍ଷା ରାଧା ଭତ୍ରା, ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ନବରଙ୍ଗପୁର ବ୍ଲକ ଅଧକ୍ଷ ଶରଦ ମାଝୀ, ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝୀ । ନନ୍ଦାହାଣ୍ଡି, ଗୋଷ୍ଠି ଉନ୍ନୟନ ଅଧିକାରୀ, କସଗୁମୁଡା ଗୋଷ୍ଠି ଉନ୍ନୟନ ଅଧିକାରୀ, ପାପଡ଼ା ହାଣ୍ଡି, ଝରୀଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଲୋକ ମହୋତ୍ସବ ମଣ୍ଡେଇ ଆମ ସଂସ୍କୃତି, ଐତିହ୍ୟକୁ ବଜାୟ ରଖିଛି । ଏହା ଏବେ ଜାତୀୟସ୍ତରରେ ନାମ ରଖିଛି । ନାଚ, ଗୀତ, ଖେଳ ଆଦି ପ୍ରତିଭା ସହ ଅଞ୍ଚଳର ଲୋକଙ୍କ ବିକାଶ କରିବା ମଣ୍ଡେଇର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ । ରାଇଘର ପଞ୍ଚାୟତ ସମିତି କଲେଜର ଅଧକ୍ଷ କବି ପରୀକ୍ଷିତ ସାହୁ ମଣ୍ଡେଇର ସଂସ୍କୃତି ଓ ପ୍ରକୃତି ଛବି କବିତା ପଠନ କରିଥିଲେ । ଶେଷରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଢେମସା ନୃତ୍ୟ, ବିଭିନ୍ନ ବିଦ୍ୟାଳୟର ନୃତ୍ୟ ଓ ବିଭିନ୍ନ ଗ୍ରାମର ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ସ୍ୱାଗତିକା ବାହିନୀପତି ଓ ସଂଗ୍ରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ ।

# ଶଗଡ଼ାଇଲୋ ପାଣିଟାଙ୍କି କାମ ନିମ୍ନମାନର ଅଭିଯୋଗ

**ଗ୍ରାମବାସୀଙ୍କ ଅସନ୍ତୋଷ**

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ଶଗଡାଇଲୋ ପଞ୍ଚାୟତ ଶଗଡାଇଲୋ ଗ୍ରାମରେ ନିର୍ମାଣ କରାଯାଉଥିବା ଓଭରହେଡିଂ ପାଣି ଟାଙ୍କି କାମ ନିମ୍ନମାନର ହୋଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ଏମିତିକି ଗ୍ରାମକୁ ପାଣି ଦେବା ନିମନ୍ତେ ବିଛା ଯାଇଥିବା ପାଇପ୍ ଘରୋଇ ଜାଗାରେ ପଡୁଥିବା ମଧ ଅଭିଯୋଗ ହୋଇଛି । ସମ୍ପୃକ୍ତ ଠିକାଦାର ପାଣି ଟାଙ୍କି ନିର୍ମାଣ ପାଇଁ କାମ କରିବାକୁ ଆସୁଥିବା ଶ୍ରମିକମାନଙ୍କୁ ସୁରକ୍ଷା ଜ୍ୟାକେଟ୍, ହେଲ୍‌ମେଟ୍ ପିନ୍ଧୁ ନାହାନ୍ତି । ଏହି ଟାଙ୍କି କାମରେ ବ୍ୟବହୃତ ହୋଇଥିବା ରଡ ମଧ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବସୁଧା ଯୋଜନାରେ ଲୋକମାନଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ନିମନ୍ତେ ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଠିକାଦାର ଓ ବିଭାଗର ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ହରିଲୁଟ୍ କରୁଛନ୍ତି । ଏ ନେଇ ଗ୍ରାମବାସୀ ପକ୍ଷରୁ ବିଶ୍ୱନାଥ ସ୍ୱାଇଁ, ତୁଷାରକାନ୍ତ ସ୍ୱାଇଁ, ବୁଲା ସ୍ୱାଇଁ, ସୂର୍ଯ୍ୟ ନାରାୟଣ ସ୍ୱାଇଁ, ଅରବିନ୍ଦ ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ଦିପ୍ତି ରଞ୍ଜନ ପରିଡା, ରବିନ୍ଦ୍ର ସ୍ୱାଇଁ ସମେତ ୨୦ରୁ ଉର୍ଦ୍ଧ୍ୱ ପରିବାର ଅଭିଯୋଗ ଆଣିଛନ୍ତି ।



ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ମାଲକାନାଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସଦର ମହକୁମା ସ୍ଥିତ ସଂସ୍କୃତି ଭବନ ଠାରେ ଜ଼ିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସାଶକ୍ତି କରଣ ବିଭାଗ ତରଫରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୪ ଅତି ଆଡମ୍ବର ଭାବରେ ପାଳନ କରାଯାଇଅଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜ଼ିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଉପଜ଼ିଲ୍ଲାପାଳ, ଡାକ୍ତର ହୁସେନ, ଏପିଡେର୍ମିଓଲୋଜିଷ୍ଟ ଡ. ରାଜ, ଆର୍ ବି ଏସ କେ ମ୍ୟାନେଜେର ହାରିବନ୍ଧୁ ଦେଶିଆ ନାୟକ, ଜଗତଜିବନ ପତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଜ଼ିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନିର୍ମଳ ଧରୁଆ, କାର୍ଯ୍ୟକ୍ରମକୁ ଆବାହନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫୦ ଦିବ୍ୟାଙ୍ଗ ଯୋଗ ଦେଇଥିବା ବେଳେ ୦୪ ଜଣ ଦିବ୍ୟାଙ୍ଗ ଥିବା ଦମ୍ପତ୍ତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରସ୍ତାହନ ରାଶି ପ୍ରଦାନ କରାଯଇଥିଲା, ୦୨ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା, ୦୨ ଜଣଙ୍କୁ ତିନିଚକିଆ ସାଇକଲ ପ୍ରଦାନ କରାଯାଇଥିଲା, ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦିବ୍ୟାଙ୍ଗ ମାନଙ୍କ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା ପ୍ରତଯୋଗୀତା ଆଦି କରାଯାଇଥିଲା। ଶେଷରେ ଶ୍ରୀମତୀ ସସ୍ମିତା ସ୍ୱାଇଁ, ଉପଖଣ୍ଡ ସାମାଜିକ ସୁରକ୍ଷା ଆଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ଜ଼ିଲ୍ଲା ଓ ବ୍ଲକ ର ସମସ୍ତ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତା ସହଯୋଗ କରିଥିଲେ।



## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ତାମିଲନାଡୁ ଦମ୍ପତି



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରୁ ୬୨ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ତାମିଲନାଡୁ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶକ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ଏକ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୩ ବର୍ଷ ବୟସ ଏବଂ କନ୍ୟା ଶିଶୁ ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀଣୀ ଶୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଅରବିଏସକେ ଡକ୍ଟର ମିଳନ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପରିସର ମଧ୍ୟରେ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନ କ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳେ ଏକ ଶୋଭାଯାତ୍ରା ରେ ବାହାରି ବଜାର ପରିକର୍ମା ଥିଲେ। ତାପରେ ଏକ ସଭାର ଅୟୋଜନ ହୋଇଥିଲା ଏହି ସଭାରେ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଈଶ୍ୱର ମାଝୀଙ୍କ ସଭାପତିତ୍ୱ ରେ ଆୟୋଜିତ ଶିବିର ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଅନନ୍ତ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୋନା ମାଝୀ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। । ଅତିଥି ମାନେ ଭିନ୍ନ କ୍ଷମ ଛାତ୍ର ଛାତ୍ରୀ ମାନେ ସମାଜରେ ସମ୍ମାନ ସହ ସମାନ ଭାବରେ ସାମିଲ୍ ହୋଇରହିପାରିବେ। ତଥା ପିତା ମାତା, ପାରିବାର ର ସମସ୍ତ ସଦସ୍ୟ ତଥା ସରକାରଙ୍କ ସମସ୍ତ ସୁବିଧା ଏବଂ ସେମାନଙ୍କ ଭୂମିକା ଉପରେ ଉପରେ ଆଲୋକପାତ କରିଥିଲେ। ଏହା ପରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଯଥା ଚିତ୍ରାଙ୍କନ ପ୍ରତିଯୋଗିତା , ନାଚ ଗୀତ , ଆଦି ଅନୁଷ୍ଠିତ ହୋଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରଯାଇଥିଲା। ବ୍ଲକର କେତେକ ଶିକ୍ଷକ ଶିକ୍ଷୟତ୍ରୀ, ସିଆରସିସି, ଓଆଇଇଡି ସରୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ସହଯୋଗ କରିଥିଲେ। ବହୁ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଙ୍କ ସହ ଅଭିଭାବକ ଉପସ୍ଥିତ ଥିଲେ। ଗୋଷ୍ଠି ସମ୍ବଳ ଶିକ୍ଷକ ଶୁକଦେବ ମଲିକ କାର୍ଯ୍ୟକମ ର ଉଦେଶ୍ୟ ସମ୍ପର୍କ ରେ ଅବଗତ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମାଲକାନଗିରିରେ ମୃଦୁ ଭୂମିକମ୍ପ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସହିତ ସୀମାନ୍ତ ଛତିଶଗଡ଼ ରାଜ୍ୟର ସୁକୁମା ଓ ବିଜାପୁର ଜିଲ୍ଲାରେ ବୁଧବାର ସକାଳେ ମୃଦୁ ଭୂମିକମ୍ପ ଲୋକମାନେ ଅନୁଭବ କରିଛନ୍ତି । ବୁଧବାର ସକାଳ ୭ଟାରୁ ୭ଟା ୨୮ ମିନିଟ ମଧ୍ୟରେ ପ୍ରାୟ ୩ରୁ ୪ ସେକେଣ୍ଡ ଧରି ମୃଦୁ ଭୂମିକମ୍ପ ହୋଇଥିବାର ଲୋକମାନେ କହିଛନ୍ତି। ମାଲକାନଗିରି ଜିଲ୍ଲା ସଦର ମହାକୁମା ସ୍ଥିତ ଡିଏନକେ କଲୋନୀ, ମାଲକାନଗିରି କାଲିମେଲା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଘର ଓ ରେଭିନ୍ୟୁ କଲୋନୀ, ବଣ୍ଡା ବାକୁଲି ଗୁଡା ସାହି ସହିତ ପଡିଆ ବ୍ଲକର କିଛି ଗ୍ରାମରେ ଘର, ଭୂଇଁ, ଖଟ, ପଲଙ୍କ, ଟେବୁଲ, ଚେୟାର ଥରିବା ସହିତ ଟେବୁଲ ଉପରେ ଥିବା ଫୁଲ ଦାନୀ ଥରି ଥରି ତଳକୁ ଖସିପଡ଼ିଥିଲା । ଏହି ଭୂମିକମ୍ପରେ କିଛି କ୍ଷୟକ୍ଷତି ଘଟି ନଥିବା ବେଳେ ବସ୍ତିବାସିନ୍ଦା କିଛି ମାତ୍ରାରେ ଭୟଭୀତ ହୋଇଥିବାର ଜଣା ପଡିଛି । ସୂଚନା ଯୋଗ୍ୟ ଯେ, ଗତ ୪ବର୍ଷ ତଳେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୂମିକମ୍ପ ହୋଇ କିଛି ମାତ୍ରାରେ କ୍ଷୟ କ୍ଷତି ଘଟିଥିଲା । ବିଶେଷ କରି ମାଲକାନଗିରି ଏସପିଙ୍କ କାର୍ଯ୍ୟାଳୟ କାନ୍ଥ ଫାଟି ଯିବା ସହିତ ଅନେକ ଲୋକଙ୍କ ଘର କାନ୍ଥ ମଧ୍ୟ ଫାଟି ଯାଇ ଥିବାର ଦେଖିବାକୁ ମିଳିଥିଲା ।

## ପଞ୍ଚାୟତକୁ ନଳକୂପ ମରାମତି ସାମଗ୍ରୀ ଯୋଗାଇବାକୁ ଦାବି



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ପନ୍ଦରଟି ପଞ୍ଚାୟତର ସମସ୍ତ ସରପଞ୍ଚ ବିଡ଼ିଓଙ୍କୁ ନଳକୂପ ସାମଗ୍ରୀ ଯୋଗାଇ ଦେବା ପାଇଁ ଏକ ଦାବିପତ୍ର ଦେଇଛନ୍ତି । ପ୍ରାୟ ଏକ ବର୍ଷ ହେବ ପଞ୍ଚାୟତ ଗୁଡିକରେ ମରାମତି ସାମଗ୍ରୀ ନ ଥିବା ଯୋଗିଲୁଁ ଠିକ୍ ଭାବେ ମରାମତି ହୋଇ ପରୁ ନାହିଁ। ତେଣୁ ନଳକୂପ ମରାମତି ପାଇଁ ସାମଗ୍ରୀ ଯଥା ବେରିଂ,ସିଲିଣ୍ଡର, ପାଇପ , ଆଦି ପଞ୍ଚାୟତଗୁଡ଼ିକୁ ଯୋଗାଇ ଦିଆଯାଉନି। ଏଥିପାଇଁ ନଳକୂପ ମରାମତି ହୋଇପାରୁନି,। ଜନସାଧାରଣ ତଥା ନଳକୂପ ଉପରେ ନିର୍ଭର କରୁଥିବା ଲୋକ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।ଏଥିପାଇଁ ସରପଞ୍ଚ ମାନେ ପଞ୍ଚାୟତ ମୁଖ୍ୟ ଯୋଗୁଁ ସଦାବେଳେ ଜନଅସନ୍ତୋଷ ର ଶିକାର ହେଉଛନ୍ତି । ମରାମତି ସାମଗ୍ରୀ ପ୍ରଦାନ ପାଇଁ ବିଡ଼ିଓ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଯାଇ ଥିଲେ ମଧ୍ୟ ସୁଫଳ ମିଳୁନି। ଜିଲ୍ଲାପାଳ ଙ୍କୁ ଅଭିଯୋଗ ଶୁଣାଣି ରେ ଅବଗତ କରିଥିଲେ ମଧ୍ୟ ଏହାର ସମାଧାନ ହୋଇ ନାହିଁ । ଆଜି ବିଡ଼ିଓ ଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ଦେଇ ଆସନ୍ତା ପନ୍ଦର ଦିନ ମଧ୍ୟରେ ସୁଫଳ ନ ମିଳିଲେ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ସରପଞ୍ଚ ସଂଘ ସଭାପତି ମନ ମୋହନ ଦଳପତି ସମ୍ପାଦକ କିଶୋର ନାୟକ କହିଛନ୍ତି। ତେବେ ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ବ୍ୟସ୍ତ ଥିବାରୁ ଦାବି ପତ୍ର ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ ଓ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର କାଡ୍ରାକା ଗ୍ରହଣ କରିଛନ୍ତି।

## ସ୍ୱାସ୍ଥ୍ୟ ହିଁ ସମ୍ପଦ: ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ହି ସମ୍ପଦ । ଏହା ହେଉଛି ସବୁଠାରୁ ମୂଳ ମନ୍ତ୍ର ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀ। କ୍ଲବ୍ ଫୁଲବାଣୀ ତରଫରୁ ସ୍ଥାନୀୟ ପବ୍ଲିକ୍ ସ୍କୁଲ ପରିସରରେ 'ପ୍ରତିଷେଧକ ପଦକ୍ଷେପ ରୋଗଠୁ ଦୂରରେ ରହିବାରେ ସହାୟକ ହୋଇଥାଏ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। କ୍ଲବ୍ ସଭାପତି ବିପ୍ରଚରଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢୀ ଓ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସ୍ ଶୃଂଖଳିତ ଜୀବନଶୈଳୀ ଓ ଖାଦ୍ୟ ଗ୍ରହଣ ସହ ସୁସ୍ଥ ପରିବେଶ ମଧ୍ୟରେ ଜୀବନଯାପନ ରୋଗଠୁ ଦୂରରେ ରହିବାର ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। ରୋଟାରୀ କ୍ଲବ୍ ସଦସ୍ୟଙ୍କ ତରଫରୁ କୋଡ଼ିଏଟି ଫୁଲ କୁଣ୍ଡ ସହ ଗଛ ଡାକ୍ତରଖାନାରେ ସୁନ୍ଦର ପରିବେଶ ପାଇଁ ପ୍ରଦାନ କରିବା ସହ ରୋଗୀ କଲ୍ୟାଣ ସମିତି ନିମନ୍ତେ ଆର୍ଥିକ ସହାୟତା ଦିଆଯାଇଥିଲା। ରୋଟାରୀ କ୍ଲବ୍ ତରଫରୁ ଏପରି ସହଯୋଗ ଏବଂ ପ୍ରୟାସ ନିମନ୍ତେ ଡାକ୍ତର ପାଢ଼ୀ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ବିଜୟ କୃଷ୍ଣ ପଟ୍ଟନାୟକ ଏପରି ଆଲୋଚନାଚକ୍ର ସଂପର୍କରେ ସୂଚନା ଦେଇଥିଲେ ଏବଂ ଶେଷରେ ରୋଟାରୀଆନ୍ ସର୍ବେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ୍ ପ୍ରକାଶ ପଣ୍ଡା, ମନୋରଞ୍ଜନ ପଟ୍ଟନାୟକ, ହରଶ୍ଚନ୍ଦ୍ର ମହାରଣା, ଜ୍ଞାନ କୁମାର ଦୋରା, ବିରଜା ନାହାକ, ସନ୍ତୋଷ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରୂପକ ମହାନ୍ତିଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଗୁଣପୁରରେ ଗଡିଲା ଚାଷୀ ସଚେତନତା ରଥ

ଗୁଣୁପୁର, (ଭାସ୍କର ନ୍ୟୁଜ୍): ଗୁଣପୁରରେ ଚାଷୀ ସଚେତନତା ରଥ ଗଡିଲା। ଡିସେମ୍ବର ୧୭ ତାରିଖରୁ ରାୟଗଡା ଜିଲ୍ଲାରେ ଖରିଫ ଧାନ ମଣ୍ଡି ଆରମ୍ଭ ହେବ। ଏହି ଅବସରରେ ଗୁଣୁପୁର ଉପଖଣ୍ଡର ଚାଷୀଙ୍କୁ ସଚେତନ କରିବା ନିମନ୍ତେ ଗୁଣପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ ଚାଷୀ ସଚେତନତା ରଥ ଆୟୋଜନ କରାଯାଇଛି । ଏହି ସଚେତନ ରଥକୁ ଗୁଣୁପୁର ଉପଜିଲ୍ଲାପାଳ କିରନ ଦୀପ କୌର ସାହୋଟା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନ ରଥ ଗାଁ ଗାଁ ବୁଲି ଚାଷୀଙ୍କୁ ଧାନ ମଣ୍ଡି ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବ । ପଞ୍ଜିକୃତ ଚାଷୀ ଧାନ ମଣ୍ଡିକୁ ଏଫଏକ୍ୟୁ ମାନର ଧାନ ଆଣି ଓ ସରକାରଙ୍କ ଧାର୍ଯ୍ୟ ୩୧ଶହ ଟଙ୍କା ଇନପୁଟ୍ ସବ୍ସିଡି ରାଶି ପାଇବା ନେଇ ଏହି ସଚେତନତା ରଥ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯିବ ବୋଲି ଗୁଣୁପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦଳପତି କାର୍ଜୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆରସିଏସର ନିରିକ୍ଷ୍ୟକ ସମିର କୁମାର ସ୍ୱାଇଂ, ବି ସ୍ୱାତି, ଆରଏମସି ଆକାଉଟାଣ୍ଟ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ କଂଗ୍ରେସର ନ୍ୟାୟ ପଦଯାତ୍ରା

ଖାଡ଼ିଆଳ,(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସର ନ୍ୟାୟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଖାଡ଼ିଆଳ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଲୋକଙ୍କ ବିଭିନ୍ନ ସମସ୍ୟାଗୁଡିକୁ ନେଇ ନଭେମ୍ବର ୨ ତାରିଖ କଂଗ୍ରେସର ବିଧାୟକ ପାର୍ଥୀ କମଳ ଚରଣ ତାଣ୍ଡି ଙ୍କ ନେତୃତ୍ୱରେ ବୋଡ଼େନ ବ୍ଲକ ଠାରୁ ଆରମ୍ଭ କରି ସିନାପାଲି ଦେଇ ୩ ତାରିଖ ସନ୍ଧ୍ୟାରେ ଖାଡ଼ିଆଳ ଠାରେ କଂଗ୍ରେସର ନ୍ୟାୟ ପଦଯାତ୍ରାର ସମାପନ ହୋଇଛି। ଏହି ନ୍ୟାୟ ପଦଯାତ୍ରାକୁ ସ୍ୱାଗତ କରାଯାଇଥିଲା। ସମସ୍ତ ଦାବିକୁ ସମର୍ଥନ ଜଣାଇ ପଶ୍ଚିମ ଓଡ଼ିଶାର ଅନେକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସ୍ୱାଗତ କରିବା ସହ ନ୍ୟାୟ ପଦଯାତ୍ରାରେ ସାମିଲ ହୋଇଥିଲେ। ସୋନପୁର ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ,ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଦିଲୀପ ଦୁରିଆ,ଅତାବିରା ବିଧାୟକ ପ୍ରାର୍ଥୀ ଅଭିଷେକ ସେଠ,ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ପୂର୍ବତନ ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ ଏହି ପଦଯାତ୍ରାରେ ସାମିଲ୍ ହୋଇଥିବା ବେଳେ କଂଗ୍ରେସ ପ୍ରେମୀ ଖାଡ଼ିଆଳ କଂଗ୍ରେସର ବରିଷ୍ଠ ନେତା ପ୍ରବୀଣ ପଟ୍ଟନାୟକ ମଧ୍ୟ ସାମିଲ ଥିଲେ। ଏହି ନୂଆପଡା ନ୍ୟାୟ ପଦଯାତ୍ରାକୁ ସଫଳ କରିଥିବା କଂଗ୍ରେସର ସଂଗ୍ରାମୀ ସାଥିମାନେ,ବୋଡ଼େନ,ସିନାପାଲି ଓ ଖଡ଼ିଆଳ ବିଧାନସଭା ମଣ୍ଡଳୀର ମାଆ, ଭଉଣୀ ଦାଦା ଭାଇ ପାଖାପାଖି ଏହି ନ୍ୟାୟ ପଦଯାତ୍ର ରେ ୧୦୦ କିମି ପର୍ଯ୍ୟନ୍ତ ଚାଲିଥିଲେ। ସମସ୍ତଙ୍କ ଆଶୀର୍ବାଦ ନେଇ ଶ୍ରୀ ତାଣ୍ଡି ଅନେକ ଅନେକ ଧନ୍ୟବାଦ ଜଣାଇ ନ୍ୟାୟ ପଦଯାତ୍ରା କୁ ଖାଡ଼ିଆଳ ଠାରେ ସୋମବାର ସନ୍ଧ୍ୟାରେ ସମାପନ କରଯାଇଥିଲା। କଂଗ୍ରେସର ସଂଗ୍ରାମୀମାନେ ଓଡିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଦେବୁ ବୋଲି ଶ୍ରୀ ତାଣ୍ଡି ପ୍ରକାଶ କରିଥିଲେ।

## ମଳ ଉପଚାର କେନ୍ଦ୍ର ପରିଦର୍ଶନ କଲେ ପିଡି



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ଗସ୍ତରେ ଆସିଥିଲେ ମାଲକାନଗିରି ପିଡ଼ି ନରେଶ ଚନ୍ଦ୍ର ଶବର। ପ୍ରଥମେ ଏନଏସି କାର୍ଯ୍ୟାଳୟକୁ ଯାଇ ସେଠାରେ କର୍ମଚାରୀ ମାନଙ୍କ ସହ ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଏହାପରେ ସେ ୧୧ ନଂ ୱାର୍ଡ ସ୍ଥିତ ମଳ ଉପଚାର କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ ନିୟୋଜିତ ଥିବା ବନଦୁର୍ଗା ଏସଏଚଜି ର ସଦସ୍ୟା ମାନଙ୍କୁ କିପରି ଏହି କେନ୍ଦ୍ର ଚଳାଉଛନ୍ତି। ଏଥିସହ ମଳରୁ କିପରି ମେସିନ ଯୋଗେ ଖତ ଏବଂ ଜଳ ପ୍ରସ୍ତୁତ ହେଉଛି ତାହା ପଚାରିବା ସହ ପ୍ରୟୋଗଶାଳା ପରିଦର୍ଶନ କରିଥିଲେ। ଏହା ସହ ସଦସ୍ୟା ମାନେ ମାସ୍କ ନ ପିନ୍ଧିଥିବା ହେତୁ ବିଗିଡିଥିଲେ। ପରେ ଏହି କେନ୍ଦ୍ର ମଧ୍ୟରେ ୬୨ ଲକ୍ଷ ଟଙ୍କାର ନୂତନ କୋଠା ନିର୍ମାଣ କାର୍ଯ୍ୟ କିପରି ଚାଲିଛି ତାହାର ସମୀକ୍ଷା କରିଥିଲେ। ଏଥିସହ ଠିକାଦାର ଙ୍କୁ ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଡ଼ିଙ୍କ ଏହି ଗସ୍ତ ସମୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଯନ୍ତ୍ରୀ କୁମୁଦିନୀ ସେଠୀ, ତୁଡା ଏକ୍ସପର୍ଟ ରଶ୍ମି ରଞ୍ଜନ ମହାନ୍ତି, ଏମ୍ଆଇଏସ ସୁଶାନ୍ତ କୁମାର ଦାସ, ସାନିଟେସନ ଏକ୍ସପର୍ଟ ସନ୍ତୋଷ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଳୁଦର ଚିନ୍ତାରୁ ବହୁ ଦୂରରେ ମାଲକାନାଗିରି ଜିଲ୍ଲାର ଖାଉଟି

ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଳୁ ଦର ୩୫ ଟପି ଯାଇଥିବା ବେଳେ କିଛି ସ୍ଥାନରେ ୪୦ରୁ ୪୫ ଟଙ୍କା ମଧ୍ୟ ବିକ୍ରି ହେଉଛି । ଏଥିପାଇଁ ବିଭିନ୍ନ ଜିଲ୍ଲାରେ ପ୍ରଶାସନ ପକ୍ଷରୁ କଳା ବଜାରୀ ଓ ଦର ନିୟନ୍ତ୍ରଣ ପାଇଁ ବଜାର ଏବଂ ଆଳୁ ଗୋଦାମ ଉପରେ ଚଢାଉ କରୁଥିବା ବେଳେ ଏପରି ସ୍ଥିତିରେ ମାଲକାନଗିରି ଜିଲ୍ଲାରେ ହୋଲସେଲରେ ଆଳୁ କିଣିଲେ ଗ୍ରାହକଙ୍କୁ ଦେବାକୁ ପଡୁଛି ମାତ୍ର ୨୮ ଟଙ୍କା ୫୦ ପଇସା, ଖୁଚୁରା ରେ କିଲେ ଆଳୁ ନେଲେ ଦେବାକୁ ପଡୁଛି ୩୫ ଟଙ୍କା , ସେହିପରି ୩ କିଲୋ ଆଳୁ ୧୦୦ ଟଙ୍କାରେ ମଧ୍ୟ ମିଳି ଯାଉଛି। ଅନ୍ୟ ଜିଲ୍ଲା ପରି ମାଲକାନଗିରି ଜିଲ୍ଲାକୁ ମଧ୍ୟ ୟୁପିରୁ ଆଳୁ ଆସୁଥିବା ବେଳେ ଏଠାରେ ଲୋକଙ୍କୁ ଅନ୍ୟ ଜିଲ୍ଲା ତୁଳନାରେ ଶସ୍ତାରେ ଆଳୁ ମିଳୁଥିବା କୁହାଯାଉଛି। ଏ ବିଷୟରେ କିଛି ବ୍ୟବସାୟୀଙ୍କୁ ପଚାରିବାରୁ ସେମାନେ ପ୍ରକାଶ କରିଛନ୍ତି କି , ଆଳୁ ଦର କମ ଥିବା ବେଳେ ଆମେ ସେଠିକାର ବ୍ୟବସାୟୀଙ୍କ ମାଧ୍ୟମରେ ଉତ୍ତର ପ୍ରଦେଶ ରେ ଆଳୁ କିଣି ଗଚ୍ଛିତ ରଖିଛୁ , ଏହାସହ ଯେଉଁ ଗାଡିରେ ଆଳୁ ୟୁପିରୁ ଆସୁଛି ସେହି ଗାଡି ଫେରିବା ସମୟରେ ମଧ୍ୟ ଭଡା ଯୋଗାଇ ଦେଉଥିବାରୁ ଆମକୁ ଗାଡି ଭଡା ମଧ୍ୟ କମି ଯାଉଛି। ଯେଉଁଥି ପାଇଁ ଆମେ ଲୋକଙ୍କୁ ଅନ୍ୟ ଜିଲ୍ଲା ତୁଳନାରେ ଆଳୁ କମ ଦରରେ ଯୋଗାଇ ଦେଇ ପାରୁଛୁ । ତେବେ ସବୁଠାରୁ ବଡ କଥା ହେଉଛି ମାଲକାନଗିରି ଜିଲ୍ଲାକୁ ଅଧିକାଂଶ ସମୟରେ ୟୁପି ରୁ ହିଁ ଆଳୁ ଆସୁଥିବା ବେଳେ ପଶ୍ଚିମବଙ୍ଗ ସରକାର ଆଳୁ ବନ୍ଦ କଲେ ମଧ୍ୟ ଜିଲ୍ଲାରେ ଏହାର ବିଶେଷ ପ୍ରଭାବ ପଡୁ ନଥିବା ଦେଖିବାକୁ ମିଳୁଛି ।

### ପାହାଡ ଇଲାକାରେ ବିକାଶ ଅପହଞ୍ଚ

## ମୌଳିକ ସୁବିଧାରୁ ବଞ୍ଚିତ ସିଉନା ପଦର ଓ କର୍ଡାସ ଅଞ୍ଚଳବାସୀ





ବୋରିଗୁମ୍ମା, (ଭାସ୍କର ନ୍ୟୁଜ): ଆଜିବି ପାହାଡିଆ ଗାଁକୁ ପହଞ୍ଚିନି ବିକାଶ । ଯଦ୍ୱାରା ବଦଳି ପାରିଲାନି ପାହାଡିଆ ଗାଁର ନକ୍ସା। ଆଜିବି ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ବୋରିଗୁମ୍ମା ବ୍ଲକର ହରଡ଼ା ଗୁଡା ପଞ୍ଚାୟତର ପଞ୍ଚାୟତର ଦୁଇ ଗାଁ ସିଉନା ପଦର ଓ କର୍ଡାସ । ପ୍ରକୃତିର କୋଳରେ ବିତୁଛି ଅଭିସପ୍ତ ଜୀବନ। ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ..ନା ପାନୀୟ ଜଳର ର ସୁବିଧା ହେଇଛି। ଜୀବନ ଜୀଇବା ପାଇଁ କୌଣସି ଜୀବିକା ବି ନାହିଁ। ବାଧ ହୋଇ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ତିନିଟି ପାହାଡ ଦେଇ ସେବୁକୁ ଅନ୍ୟ ଗାଁରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଣ୍ଟାନ୍ତି ଏମାନେ ।କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ ସୁଆ ଓ ପନିପରିବା ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି। ଗାଁରେ ବିଦ୍ୟୁତ ସେବା ୮ମାସ ହେବ ବନ୍ଦ। ଦୁଇ ଗାଁ ରେ ସନ୍ଧ୍ୟା ହେବା କ୍ଷଣି ଅନ୍ଧାର ର ରାଜୁତୁ କରେ। ଶିକ୍ଷା ,ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଞ୍ଚଳରେ ଅପହଞ୍ଚ। ଏଭଳି ଦୁଇ ପାହାଡିଆ ଗାଁ ହେଉଛି ବୋରିଗୁମ୍ମା ବ୍ଲକର ସିଉନା ପଦର ଓ କର୍ଡାସ। ।ପଞ୍ଚାୟତ ସଦର ମୋହକୁମ୍ମା ଠାରୁ ୧୨ କିମି ଦୂରରେ ଅବସ୍ଥାପିତ ଏହି ଗାଁ।ଗା କୁ ଯିବାକୁ ହେଲେ ଭାଲୁ ମହଲ ଠାରୁ ୫କିଲୋ ମିଟର ଘଞ୍ଚ ଜଙ୍ଗଲ ମଝିରେ ଅଙ୍କା ବଙ୍କା ସଂକୀର୍ଣ୍ଣ ପଥରିଆ ପଦଚଲା ରାସ୍ତା ରେ ତିନିଟି ପାହାଡ଼ ଅତିକ୍ରମ କରିବ ପରେ ପଡେ ଏହି ଦୁଇ ଗାଁ ସିଉନା ପଦର ଓ କର୍ଡାସ। ସ୍ୱାଧିନତା ର ୭୭ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇ ପାରିନି। ସିଉନା ପଦର ଗାଁ ରେ ୩୦ପରିବାର ୧୫୦ ରୁ ଉର୍ଦ୍ଧ ସଦସ୍ୟ ବସବାସ କରୁଥିବା ବେଳେ ସେହି ଗାଁ ପାଖକୁ ଲାଗି ରହିଛି ସିଙ୍ଗାରି ନଦୀ।ନଦୀ ସେପଟ ହେଉଛି କର୍ଡାସ ଗାଁ। ଏହି ଗାଁ ରେ ୨୦ରୁ ଉର୍ଦ୍ଧ ପରିବାର ରୁହନ୍ତି। ଦୁଇଟି ଯାକ ଗାଁ ରେ କନ୍ଧ ସମ୍ପ୍ରଦାୟର ୫୦ପରିବାର ରୁହନ୍ତି। ବର୍ଷ ବର୍ଷ ଧରି ଗ୍ରାମ କୁ ଖଣ୍ଡିଏ ରାସ୍ତା ବି ସଂଯୋଗ ହୋଇପାରୁନି । ପାଦଚଲା ସଂକୀର୍ଣ୍ଣ ଜଙ୍ଗଲ ପଥରିଆ ରାସ୍ତା ହି ଏମାନଙ୍କ ଗମନାଗମନର ମାଧ୍ୟମ। ସ୍କୁଲ ପିଲା ଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପଥରିଆ ରାସ୍ତା ରେ ୫କିମି ଯିବାକୁ ପଡେ। ପ୍ରତି ମାସ ବୃଦ୍ଧା ,ବୃଦ୍ଧ ହିତାଧିକାରୀମାନେ ପଞ୍ଚାୟତରୁ ଚାଉଳ ଓ ବିଧବା ଭତ୍ତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି। ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଉଚିତ ବ୍ୟବସ୍ଥା ହୋଇନି।ବହୁ ବର୍ଷତଳର ଏକ ନଳ କୂପ ରହିଛି ସେଥିରୁ ପାଣି ବାହାରୁନି। ଫଳରେ ଗାଁ ନିକଟରେ ଥିବା ସିଙ୍ଗାରି ନଦୀର ପାଣି ଏମାନଙ୍କ ଭରସା। ଦୁଇ ଗାଁ ରେ କୌଣସି ପରିବାର ଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ଘର ମିଳିନାହିଁ।ଗାଁ ରେ ଅଙ୍ଗନୱାଡି କେନ୍ଦ୍ର ନାହିଁ କି ସ୍କୁଲ ନାହିଁ।ଫଳରେ କୁନି କୁନି ଶିଶୁ ଓ ଗର୍ଭବତୀ ମହିଳାମାନେ ପୃଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି କ୍ଷ ପିଲାମାନେ ବହି ଧରିବା ବୟସ ରେ ଗାଈ ଗୋରୁ ଚାରାଳୀ ପାଲଟିଛନ୍ତି। ଶିକ୍ଷା ର ଅଭାବ କାରଣରୁ ଏମାନଙ୍କ ଭାଷା ଗତ ସମସ୍ୟା ସବୁ ବେଳେ ଉପୁଜେ କ୍ଷ ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି। ଫଳରେ ଗର୍ଭବତୀ ମହିଳା ଓ ରୋଗୀ କୁ ୫ କିମି ପାହାଡିଆ ରାସ୍ତାରେ କାନ୍ଧରେ ବୋହି ଭାଲୁମହାଲ କିମ୍ବା ଲାଠି କଟାର ଆଣିଲେ ସେଠାରୁ ଆମ୍ବୁଲାନ୍ସ ରେ କାଠର ଗଡା ମେଡ଼ିକାଲ ଯାଆନ୍ତି। ।ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲ ଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ କ୍ଷ ଗତ ବର୍ଷ ଏହି ଦୁଇ ଗାଁ କୁ ବିଦ୍ୟୁତ ସଂଯୋଗ ହୋଇଥିଲା କିନ୍ତି ଏକ ମାସ ମଧ୍ୟରେ ବିଦ୍ୟୁତ ସେବା ବନ୍ଦ ହୋଇଗଲା। ୧୦ମାସ ହେବ ଦୁଇ ଗାଁ ପୁରା ଅନ୍ଧାର ରେ ରହିଛି। ଗାଁ ରେ ବିଦ୍ୟୁତ ସେବା ସ୍ୱାଭାବିକ କରିବା, ଭାଲୁ ମହଲ ଠାରୁ ସିଉନା ପଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ,ବନ୍ଦ ହୋଇ ପଡ଼ିଥିବା ପାଣିପାଇପ ରେ ପାନୀୟ ଜଳର ଯୋଗାଣ କରିବା ପାଇଁ ଗ୍ରାମର ମହିଳା ହଳିତା ସାନ୍ତା,।ଲା ସନ୍ତା,, ଦାବି କରିଛନ୍ତି ।ସେପଟେ ଗାଁ କୁ ରାସ୍ତା, ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଞ୍ଚି ପାରୁନି। କିଛି ହିତାଧିକାରୀ ପ୍ରଧାନ ମନ୍ତ୍ରୀ ଆଭାସ ଯୋଜନାରେ ଘର ପାଇଥିଲେ ବି ଘର ନିର୍ମାଣ ପାଇଁ ବାଲି ରଡ଼ ଓ ସିମେଣ୍ଟ ନେଇ ପାରୁ ନାହାନ୍ତି ଏଣୁ ସମସ୍ତ ଘର ନିର୍ମାଣ କାର୍ଯ୍ୟ ହୋଇ ପାରିନୀ।ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ଭି ପଡୁନି ଏହି ଦଦୁ ଗାଁ ରେ । ଏସବୁ ସମସ୍ୟା କୁ ନେଇ ପ୍ରଶାସନ ଓ ରାଜ ନେତା ଙ୍କୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି କେବଳ ଭୋଟ ସମୟ ରେ ଦେଖା ଦେଉଛନ୍ତି ପରେ ଭୁଲି ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପାଳ, ଉପଜିଲ୍ଲା ପାଳଙ୍କ ପାଖରେ ଅନେକ ଥର ଦାବି ପତ୍ର ଦେଇଛନ୍ତି ଗ୍ରାମବାସୀ। ଏଣୁ ରାଜ୍ୟର ନୂଆ ବିଜେପି ସରକାର ଙ୍କୁ ଗାଁ ରେ ବିଦ୍ୟୁତ, ରାସ୍ତା ଓ ପିଇବା ପାଣି ର ସୁବିଧା କରିବା ନେଇ ଗ୍ରାମର ୱାର୍ଡ ସଭ୍ୟ , ନାଥ ସାନ୍ତା ନିବେଦନ କରିଛନ୍ତି ।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧକ୍ଷ ପ୍ରଫେସର ଡ.ପ୍ରସନ୍ନଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଟ୍ଟାରୀ କଲିକତାର ପ୍ରଧାନ ବୈଜ୍ଞାନିକ ଡ. ଅଭିଜିତ ହାଲଦାର ଆଭାସୀ ମାଧ୍ୟମ ରେ ଯୋଗଦାନ କରିଥିଲେ। ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଶାନ୍ତ କୁମାର ମହାନ୍ତି , ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଡ.ଅମିତ୍ ଫଙ୍ଗଲଶା, ସେମିଳିଗୁଡା ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଗବେଷଣା ଡ.ପର୍ଶୁରାମ ସିୟାଲ ,ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଶଶାଙ୍କ ଲେଙ୍କା କୃଷି ବିଜ୍ଞାନ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ବର୍ଷର କାର୍ଯ୍ୟକ୍ରମ ଖସଡ଼ା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏଥିରେ କେବିକେ ମାଲକାନଗିରି ମୁଖ୍ୟ ବୈଜ୍ଞାନିକ ଡ.ଦେବୀପ୍ରସାଦ ଦାସ , କେବିକେ କୋରାପୁଟ ମୁଖ୍ୟ ବୈଜ୍ଞାନିକ ଡଃ ବିଶ୍ୱନାଥ ସାହୁ, ଉମରକୋଟ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ ଉପ କେନ୍ଦ୍ରର ମୁଖ୍ୟ ଡ.ବିମାନ ରଞ୍ଜନ ବେହେରା, ନବରଙ୍ଗପୁର ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଗୋପାଳ ପଣ୍ଡା, ଡି ଡି ଏମ୍ ନାବାର୍ଡ ବିକାଶ ଟିଗା, ସହକାରୀ ମତ୍ସ୍ୟ ଅଧିକାରୀ, ସହକାରୀ କୃଷି ଅଧିକାରୀ, ଆଇ ସି ଏ ଆର କୋରାପୁଟ ବୈଜ୍ଞାନିକ ମୁଖ୍ୟ ଡ. ବିଶ୍ୱନାଥ ସାହୁ, ବନପାଳ, ଐତିହ ଧାନ ଗବେଷଣା କେନ୍ଦ୍ର ଜୟପୁର ମୁଖ୍ୟ ମିହିର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଯୋଗଦେଇ ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ । ଏହି ଜିଲ୍ଲାର ଅଗ୍ରଣୀ ଚାଷୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ତ୍ରୟ ମାସିକ କୃଷି ଭତ୍ତିକ ସମାଚାର ପତ୍ରିକା ସବୁଜ ସାଥୀ, ବର୍ଷା ଦିନିଆ ପିଆଜ ଚାଷ, ବୈଜ୍ଞାନିକ ପଦ୍ଧତିରେ ସୁଗନ୍ଧିତ ଧାନ ଚାଷ, ଛତୁ ଚାଷ ଆଦି ଉପାଦେୟ ପୁସ୍ତକ ଉନ୍ମୋଚନ ହୋଇଥିଲା ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ରୁଦ୍ର ପ୍ରସନ୍ନ ମହାଳିକ, ବୀଣାପାଣି ତରିଆ, କୃଷି ଯନ୍ତ୍ରପାତି ଇଂ ସ୍ୱାଗତିକା ମଲ୍ଲିକ ପ୍ରମୁଖ ଯୋଗଦେଇ ଉନ୍ନତ ମାନର ବିହନ ଅମଳ ସହ ଫସଲର ରୋଗ ପୋକ ନିୟନ୍ତ୍ରଣ ପରିଚାଳନା, ମାଣ୍ଡିଆ ଚାଷର ସମ୍ପ୍ରସାରଣ ଆଦି ବିଷୟରେ ଆଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ବୈଠକ ରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ବୈଜ୍ଞାନିକ ଡ. ପରିତୋଷ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତ ଅଧିକାରୀ ଓ ଚାଷିଙ୍କୁ ନେଇ କୃଷି ବିଜ୍ଞାନ କେନ୍ଦ୍ର ପରିସରର କ୍ଷେତ୍ର ପରିଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କେବିକେ ର ରତି ରଞ୍ଜନ ବେହେରା ଓ ବିନୁ ବିନାୟକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ଖେଳ ଖବର



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଘୋଷଦା ପଞ୍ଚାୟତ ଅଧିନସ୍ଥ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଚଢେଇଭୋଳ ଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା -୨୦୨୪ ଉଦଘାଟିତ ହୋଇଅଛି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏମଡି. ସବୀର ଅଲ୍ଲୀ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ବନିତା ବେହେରା ଓ ସମସ୍ତ ସଭ୍ୟ / ସଭ୍ୟା ଏଥିରେ ସହଯୋଗ କରିଥିଲେ । ସଭ୍ୟ ଅଜୟ ଦେହୁରୀ ଛାତ୍ରଛାତ୍ରୀଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ ହେବା ଓ ଶୃଙ୍ଖଳାର ସହିତ ନିଜକୁ ଭଲ ଖେଳାଳିର ପରିଚୟ ରଖିବାକୁ ଉପଦେଶ ଦେଇଥିଲେ । ପ୍ରଧାନ ଶିକ୍ଷକ ଶ ଲଳିତ କୁମାର ମହାନ୍ତ, କ୍ରୀଡା ଶିକ୍ଷୟିତ୍ରୀ ଶ୍ୱେତପର୍ଣ୍ଣା ନାଏକ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ମିଳିତ ପ୍ରୟାସ ଓ ସହଯୋଗରେ ଖେଳ ପରିଚାଳନା କରାଯାଇଥିଲା ।



# ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ଦଣ୍ଡିତ କଲା ଆଇସିସି



ନୂଆଦିଲ୍ଲୀ: ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ଖେଳିବାକୁ ଆଶା ରଖିଥିବା ନ୍ୟୁଜିଲାଣ୍ଡକୁ ବଡ଼ ଝଟକା ଲାଗିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଧିମା ଓଭର ରେଟ ପାଇଁ କ୍ୱିୱି ଟିମକୁ ଆଇସିସି ଦଣ୍ଡିତ କରିଛି। ଡବ୍ଲୁଟିସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକା(୫୯.୨୬), ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ(୫୭.୨୬) ଓ ୪ର୍ଥ ସ୍ଥାନରେ ଶ୍ରୀଲଙ୍କା(୫୦) ରହିଛି। ମ୍ୟାଚ ଫି' ସହ ଆଇସିସି ନ୍ୟୁଜିଲାଣ୍ଡର ଡବ୍ଲୁଟିସି ପଏଣ୍ଟକୁ ମଧ କାଟି ଦେଇଛି। ନ୍ୟୁଜିଲାଣ୍ଡ ୩ ପଏଣ୍ଟ ହରାଇବାରୁ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଖସି ଯାଇଛି । ଶ୍ରୀଲଙ୍କା ୫୦% ବିଜୟ ପ୍ରତିଶତ ପଏଣ୍ଟ ସହ ୪ର୍ଥକୁ ଉଠିଛି। ନ୍ୟୁଜିଲାଣ୍ଡର ପଏଣ୍ଟ କଟିଥିବାରୁ ଏହା ଭାରତ ପାଇଁ ଭଲ ଖବର। ବର୍ତ୍ତମାନ ୬୧.୧୧ ବିଜୟ ପ୍ରତିଶତ ପଏଣ୍ଟ ସହ ଭାରତ ତାଲିକାର ୧ ନଂରେ ରହିଛି। ୪୭.୯୨ ପଏଣ୍ଟ ପାଇଥିବା ନ୍ୟୁଜିଲାଣ୍ଡ ଚଳିତ ଡବ୍ଲୁଟିସି ସାଇକେଲରେ ସର୍ବାଧିକ ୫୫.୩୬ ପଏଣ୍ଟ ପାଇପାରିବ। ଇଂଲଣ୍ଡ ବିପକ୍ଷ ଦୁଇଟି ଯାକ ଟେଷ୍ଟ ଜିତିଲେ ଦଳକୁ ଏପରି ପଏଣ୍ଟ ମିଳିବ। ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୮ ୱିକେଟରେ ଜିତିଥିଲା। ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକା(୫୯.୨୬), ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ(୫୭.୨୬) ଓ ୪ର୍ଥ ସ୍ଥାନରେ ଶ୍ରୀଲଙ୍କା(୫୦) ରହିଛି। ଧିମା ଓଭର ରେଟ ପାଇଁ ଇଂଲଣ୍ଡ ମଧ ଦଣ୍ଡିତ ହୋଇଛି। ଆଇସିସିର ଦଳର ୩ ପଏଣ୍ଟ ହ୍ରାସ କରିଛି। ହେଲେ ଇଂଲଣ୍ଡ ଡବ୍ଲୁଟିସି ଫାଇନାଲ ଦୌଡ଼ରୁ ବାଦ ପଡ଼ିଥିବାରୁ ଦଳ ଉପରେ ପଏଣ୍ଟ ହ୍ରାସର ପ୍ରଭାବ ସେତେଟା ପଡ଼ିବ ନାହିଁ। କିନ୍ତୁ ନ୍ୟୁଜିଲାଣ୍ଡ ଫାଇନାଲ ଦୌଡ଼ରେ ଥିବାରୁ ପଏଣ୍ଟ ହ୍ରାସ ଦଳକୁ ଶକ୍ତ ଝଟକା ଦେଇଛି। ଆଇସିସି ପକ୍ଷରୁ କୁହାଯାଇଛି ଯେ ଆସନ୍ତା ବର୍ଷ ଲର୍ଡରେ ହେବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟସିପ ଫାଇନାଲରେ ନୂଆ ଟ୍ୱିଷ୍ଟ ଆସିଛି। କାରଣ ଖ୍ରୀଷ୍ଟଚର୍ଚ୍ଚରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଧିମା ଓଭର ରେଟ ପାଇଁ ଉଭୟ ଟିମ ଦଣ୍ଡିତ ହୋଇଛନ୍ତି। ଉଭୟ ଟିମର ମ୍ୟାଚ୍ ଫି' ୧୫% ଲେଖାଏ କଟିଛି। ସେହିପରି ଉଭୟ ଟିମ ଗୁରୁତ୍ୱପୂର୍ଣ୍ଣ ୩ ପଏଣ୍ଟ ଲେଖାଏ ହରାଇଛନ୍ତି ବୋଲି ଆଇସିସି କହିଛି।

# ଆର୍‌ଏସ୍‌ପି ଓପନ୍ ସ୍କୁଲ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ରାଉରକେଲା (ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ଆରଏସପି ଓପନ ସ୍କୁଲ ଚେସ ଟୁର୍ଣ୍ଣାମେଣ୍ଟ - ୨୦୨୪ ନଭେମ୍ବର ୩୦ ତାରିଖରେ ଉଦଯାପିତ ହୋଇଯାଇଛି। ଏହାର ଉଦଯାପନୀ ସମାରୋହରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ପି କେ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସହର ସେବା ଶିକ୍ଷା ବିଭାଗର ଜିଏମ ଅସୀମ ସାବତ ଏବଂ ଅନ୍ୟ ଅଧିକାରୀ, ଛାତ୍ରଛାତ୍ରୀ, ମାତପିତା ଓ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସ୍ୱାଇଁ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଅନ୍ୟ ଅଂଶଗ୍ରହଣକାରୀଙ୍କ ପ୍ରୟାସ ଆରଭି ପ୍ରଶଂସା କରିଥିଲେ। ଅସୀମ ସାବତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଆର ଏନ ପାଢି ଧନ୍ୟବାଦ ଅର୍ପଣ କରିଥିଲେ। ଅନିଲ ମଳିକ ସମାରୋହ ସଂଯୋଜନା କରିଥିଲେ। ବାଳକ ବିଭାଗରେ ବିଭିନ୍ନ ବର୍ଗ ଅଧୀନରେ ପ୍ରଥମ ପୁରସ୍କାର ବିଜେତାମାନେ ୫ ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର ସିଦ୍ଧାର୍ଥ ସମ୍ବିତ ଜେନା, ୭ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର ଯୁଗଳ ଗୁପ୍ତା, ୯ ବର୍ଷରୁ କମ ବର୍ଗରେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସାହିଲ କୁମାର ବେହେରା, ୧୧ ବର୍ଷରୁ କମ ବର୍ଗରେ ଶୁଭାଶିଷ ବାରିକ, ୧୩ ବର୍ଷରୁ କମ ବର୍ଗରେ ଚିନ୍ମୟ ବିଦ୍ୟାଳୟର ରାଉଳ କାଶ୍ୟପ, ଏବଂ ୧୫ ବର୍ଷରୁ କମ ବର୍ଗରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦିପ୍ତେଶ କୁମାର ତନ୍ତି। ବାଳିକା ବିଭାଗରେ ବିଭିନ୍ନ ବର୍ଗରେ ପ୍ରଥମ ପୁରସ୍କାର ବିଜେତାମାନେ ୯ ବର୍ଷରୁ କମ ବର୍ଗରେ ସେଣ୍ଟ ପଲ ସ୍କୁଲର କାମାକ୍ଷା ବହୁବଲେନ୍ଦ୍ରନୀ, ୧୧ ବର୍ଷରୁ କମ ବର୍ଗରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ତନ୍ମୟୀ ସାହୁ, ୧୩ ବର୍ଷରୁ କମ ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲର ନିର୍ଲିପ୍ତା ଧଳ ଏବଂ ୧୫ ବର୍ଷରୁ କମ ବର୍ଗରେ ସେଣ୍ଟ ପଲ୍ ସ୍କୁଲ୍ ର ସାନୋଜା ଖେସ। ସୂଚନାଯୋଗ୍ୟ ଯେ, ୨୦ରୁ ଅଧିକ ବିଦ୍ୟାଳୟର ୨୧୨ ଜଣ ଛାତ୍ରଛାତ୍ରୀ ଏହି ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିଲେ।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଭାଲୁମୁଣ୍ଡା ଛକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ପାଇଁ ବୁଧବାର ଦିନ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ ମିଶି ଏକ ମଶାଲ ଶୋଭାଯାତ୍ରାରେ ଅନୁଷ୍ଠାନ ପରିସରରୁ ବାହାରି ନିକଟସ୍ଥ ଭାଲୁମୁଣ୍ଡା ଛକ ନିକଟରେ ରହିଥିବା ଏକ ମନ୍ଦିରରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା ସାରି ଅନୁଷ୍ଠାନ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ । ଅନୁଷ୍ଠାନ ପରିସରରେ ଅଧ୍ୟକ୍ଷ ପ୍ରଦୀପ କୁମାର ବାରିକ ବାର୍ଷିକ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ସମ୍ପର୍କିତ କାର୍ଯ୍ୟକ୍ରମ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଟ୍ରେନିଂ ଅଧିକାରୀ ସଞ୍ଜୀବ କୁମାର ତ୍ରିପାଠୀ ଓ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ । ଉଦଘାଟନୀ ଦିବସରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଭଲି , ବ୍ୟାଡମିଟନ, ବକ୍ତୃତା ,ସଙ୍ଗୀତ ଓ ନୃତ୍ୟ ପରିବେଷଣ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ପ୍ରଶିକ୍ଷକ ତାପସ କୁମାର ମଣ୍ଡଳ କାର୍ଯ୍ୟକ୍ରମ ସଞ୍ଚାଳନ କାର୍ଯ୍ୟ ନିର୍ବାହ କରିଥିଲେ ।

# ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ ତିନି ଦିନିଆ କ୍ରୀଡା ଉତ୍ସବ ଉଦ୍‌ଯାପିତ




ବ୍ୟାସନଗର (ଭାସ୍କର ନିଉଜ ): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳ କୁସୁନପୁର ସ୍ଥିତ " ଦେବ ଇଣ୍ଟର ନ୍ୟାସ ସ୍କୁଲରେ ୩ ଦିନିଆ କ୍ରୀଡା ଉତ୍ସବ ଶେଷ ହୋଇଛି। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲା ଘୋଡାଦୌଡ। ଶୁକ୍ରବାର ସକାଳ ୮ଘଟିକାରୁ ଆରମ୍ଭ ହୋଇ ୨ଘଟିକା ସମୟରେ ଶେଷ ହୋଇଥିଲା। ଏହି ଉତ୍ସବରେ ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଡ଼ ପ୍ରସନ୍ନ କୁମାର ସାହୁ ଯୋଗଦେଇଥିବା ବେଳେ ଉଦ୍ଯାପନୀ ଦିବସରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ର ପୂର୍ବତନ ଜେନେରାଲ ମ୍ୟାନେଜର(ନିରାପତ୍ତା ଓ ସୁରକ୍ଷା ) ଭାରତ ସ୍କାଉଟ ଏବଂ ଗାଇଡ ଓଡ଼ିଶା ଶାଖାର ଦୁଃସାହାସିକ କାର୍ଯ୍ୟକ୍ରମର ଚେୟାରମ୍ୟାନ ସ୍ୱାଧୀନ ପଣ୍ଡା ଯୋଗ ଦେଇଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ , ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା,ଉପ- ପ୍ରଧାନାଚାର୍ଯ୍ୟ ଆର ଏନ ରୟତ ସିଂ , ସିନିଅର ସେକେଣ୍ଡାରୀ ଏକାଡେମୀକ ମୁଖ୍ୟ ଚକ୍ରଧର ପାଣି ପତାକା ଉତ୍ତୋଳନ କରିବା ସହ ଶେଷରେ ମଶାଲ ଜ୍ୟୋତିକୁ ବୁଜାଇଥିଲେ। ଏକାଡେମୀକ ମୁଖ୍ୟ ସୋନିଆ ବେଦୀ ଓ ବଳବୀର ସିଂ ସମସ୍ତ ଦାଇତ୍ୱକୁ ଆପଣାଇ ଥିବାବେଳେ ନୃତ୍ୟ ଶିକ୍ଷିକା ପ୍ରିୟଙ୍କାଙ୍କ ନିର୍ଦ୍ଦେଶନା ରେ ପିଲାଙ୍କ ଦ୍ୱାରା ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା।ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପୂର୍ଣ୍ଣ ସହଯୋଗରେ ଚାରୋଟି ହାଉସ ଯଥା ରେଡ଼,ଗ୍ରୀନ,ୟେଲୋ,ବ୍ଲୁ ର ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥଲେ। ଖେଳ ଶିକ୍ଷକ ସୁକାନ୍ତ ପାତ୍ର , ସର୍ଫରାଜ୍ ଖାନ , ଭବାନୀ ଶଙ୍କର ଦାସ,ଶିକ୍ଷିକା ସୁଚିତ୍ରା ମନ୍ତ୍ରୀ, ଫୁଲ ବିଶ୍ୱାଳ ,କରାଟେ ଶିକ୍ଷକ ଶିବ କୁମାର କାଳୀଚରଣ ବାସ୍କେ , ସ୍କାଉଟ୍ ମାଷ୍ଟର ଶ୍ରୀମନ୍ତ କୁମାର ରାୟ ଙ୍କ ଦ୍ୱାରା ପରିଚାଳିତ ସମସ୍ତ ଖେଳ ର ମାର୍ଗ ଦର୍ଶନ କ୍ରମେ , କଳା ଶିକ୍ଷକ ଉଦୟ ଓଝା ଓ ଅରୁଣ କୁମାର ଜେନାଙ୍କ ମଞ୍ଚ ତଥା ପାରିପାର୍ଶ୍ୱିକ ସାଜସଜ୍ଜା ସହ କାର୍ଯ୍ୟକ୍ରମ ବେଶ ସଫଳ ହୋଇଥିଲା। ଖେଳ ପରିଚାଳନା ରେ ସତ୍ୟନାରାୟଣ ପଣ୍ଡା , ଶୁଭାଶିଷ ପତି ,ବିଦ୍ୟାଧର ପରିଡ଼ା, ସାରଦା ମହାନ୍ତି, ତୁଷାରକାନ୍ତ ଶତପଥୀ,ଦୀପକ ରଞ୍ଜନ ପାଣିଗ୍ରାହୀ, ସହଦେବ ପଣ୍ଡା ,ବିଶ୍ୱଜିତ୍ ପଣ୍ଡା, ମଦନ ମୋହନ ମଲ୍ଲିକ, ଅନିନ୍ଦିତା ବେହୁରା, ସୁଭଦ୍ରା ମହାନ୍ତିଙ୍କ ସହ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ। ପିଲାଙ୍କ ଦ୍ୱାରା ଘୋଡା ଦୌଡ଼ ପ୍ରତିଯୋଗିତା କାର୍ଯ୍ୟକ୍ରମ ର ବିଶେଷ ଆକର୍ଷଣ ପାଲଟିଥିଲା। ନାଚ ଗୀତରେ ବି ମଞ୍ଚ ଆକର୍ଷିତ ଥିଲା।ପିଲାମାନେ ଖେଳକୁଦରେ ବେଶ ଆନନ୍ଦ ଉପଭୋଗ କରିଥିଲେ। ଶେଷରେ ଖେଳରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଳଙ୍କୃତ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା।ପିଲା ଠାରୁ ଅଭିଭାବକ ପର୍ଯ୍ୟନ୍ତ ସମସ୍ତେ ଖୁବ ଆନନ୍ଦ ଉତ୍ସାହର ସହ ଖେଳର ମଜା ନେଇଥିଲେ। ଶେଷରେ ସୋନିଆ ବେଦୀ ଧନ୍ୟବାଦ ଅର୍ପଣ କରିବା ସହ ବିଦ୍ୟାଳୟ ର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।


GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
HASDEO CANAL W/M DIVISION, JANJGIR
DISTT. JANJGIR-CHAMPA (C.G.)
CORRIGENDUM NO. 3

| S.No. | Nit No. and System No. | Amendments |
|---|---|---|
| 1. | IN NIT No. : 20/SAC/2024-25, Janjgir, Dated 05-11-2024 System Tender No. 160538 (1st Call) G.No.-242503606 Date-07.11.2024, 21/SAC/2024-25, Janjgir, Dated 05-11-2024 System Tender No.160540 (1st Call) G.No.-242503606 Dated 07.11.2024 and 22/SAC/2024-25, Janjgir, Dated 06-11-2024 System Tender No. 160847 (1st Call) G.No.-242503653 Date-09.11.2024 | (1) Clause 2.8.1 of Form "B" as per Govt of C.G., W.R.D., Raipur's order No. 4515/F-7-7/S-2/31/2001,Nawa Raipur Dtd. 25.11.2024 (2) Clause 4.3.36 of Form-"B" as per Govt. of Chhattisgarh, Water Resources Department, Raipur order no. 4504/F-7-7/S-2/31/2001, Nawa Raipur Dated 22.11.2024 |

Note:- Datailed Amendments can be viewed on the web site https://eproc.cgstate.gov.in. All other terms and conditions of NIT will remain unchanged.

G-242504285/ 6

Sd/- Executive Engineer
Hasdeo Canal W/M Division
Janjgir (C.G.)

OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Email – eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SEDKL (R&B). 25 / 2024-25
Invitation for Bids
B-724

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Bridge Rehabilitation Work |
| 3. | No. of work | : | 01 Nos. |
| 4. | Bid Cost. | : | ₹.10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 AM of 06.12.2024 to 5.00 PM of 21.12.2024 |
| 7. | Date of Opening of Bid | : | Dt. 23.12.2024 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR 34016/11/0020/2425

Sd/- Superintending Engineer
Dhenkanal (R&B) Division, Dhenkanal

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE
CONTACT NO :- 06782-263149
E Mail ID :- eepwdbls2@gmail.com
SHORT TENDER CALL NOTICE
BID INVITATION NO. SE (R and B) BLS-II- 24/ 2024-25
B-726
No. 8463 dt. 02.12.2024

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in ONLINE MODE only for Roads & Buildings works . | | |
| 2 | No. of Work | : | 1 No |
| 3 | Nature of work : | : | Bridge Work of Balasore (R&B) Division-II |
| 4 | Class of Contractor : | : | "C" and "B" |
| 5 | Approx. value of work | : | Rs. 22.14 Lakhs |
| 6 | Tender Cost. : . | : | Rs.6000.00 |
| 7 | Availability of Bid Documents in the website : | : | From 10.00 AM of 05.12.2024 to 4.00 PM of 16.12.2024 |
| 8 | Date of Opening of Bid : | : | Dt. 16.12.2024 at 4.30 PM. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR 34155/11/0014/2425

Sd/-P.P Swain
Superintending Engineer,
Balasore (R&B) Division-II

C-1172
Phone No. 06672-243247
OFFICE OF THE NOTIFIED AREA COUNCIL, JUNAGARH.
At/Po-Junagarh, Near New Bus Stand, Dist-Kalahandi, Odisha, Pin-766014.
E-mail: nacjunagarh@gmail.com
*****
No. 1875 / NAC (J) Dated. 02/12/2022

Detailed Tender call Notice

Sealed tenders in percentage bid are invited in conformity with the Detailed Tender Call Notice to be eventually drawn up in the PWD prescribed Form F-2 for the following works of NAC, Junagarh from the Govt. license holder of D & C Class Contractors. The Tender papers will be available in the Office of the Junagarh NAC during office hour on payment of cost (Non-refundable) in cash or Bank draft as indicated in column 4 below **up to 5.00 P.M.** on all working days till **12.12.2024** and will be received **up to 1.00PM on 13.12.2024** in the specified tender Box placed in the office of the undersigned. The tender will be opened on **13.12.2024 at 4.00 pm.** in presence of the bidders or their authorized representatives who wish to remain present. **Earnest money as indicated in col. 5 need not require to be deposited in any form with the tender paper. But, a bid security declaration form duly signed by the bidders shall be accompanied with the tender (enclosed here with).** Valid GST, PAN and Valid Contractor registration Certificate issued by the competent authority must be accompanied with the tender papers. **The tender received after due date and time shall not be entertained in any case and authority shall not be responsible for any delay or missing of tender papers.** Additional Performance Security Deposit shall be obtained from the bidder when the bid amount is less than the estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount (as mentioned memorandum no. 07556900052021 (Pt.) 4559/W Dated. 05.04.2021 of Government of Odisha Works Department attached herewith) as Additional Performance Security (APS) in shape of demand draft/term deposit/receipt pledged in favor of the Executive Officer, NAC Junagarh within seven days, otherwise the bid shall be cancelled. Further, proceeding for blacklisting shall be initiated against defaulting bidder. Any other information can be had from the office of the NAC, Junagarh during office hours on all working days only. The Authority reserves the rights to rejects any or all the tenders without assigning any reason there to. The details of works may be seen from the Notice Board of NAC, Junagarh and District website www.junagarhnac.in

OIPR 13133/11/0004/2425

Sd/- Executive Officer,
N.A.C., Junagarh

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION,CUTTACK
MAHANADIBIHAR: CUTTACK-753004
Govt. of Odisha e-procurement Notice
O-770
Bid Identification No. rwssctc- 06 /2023-24

The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

1. Nature of work : PWS Schemes under RWSS , Division, Cuttack.
2. No. of tenders : 1 Nos.
3. Tender Paper Cost : 10000/-
4. Value of Work : Rs. 207.17
5. Class of Contractor : "B"& "A" Class
6. Date and time of availability of bid document in portal : 11 hour of 09.12.24 to 21.12.24 up to 17 hours.
7. Date & time of seeking tender clarification : 20.12.24 up to 17 hours
8. Date & time of opening of tender : 23.12.24 at 11:30 Hours in the office of the Superintending Engineer, RWS&S Division, Cuttack
9. Time of completion : 9 months
10. The bidders have to participate in online biding only. Further details can be seen from the website https://www.tendersorissa.gov.in.

OIPR 25022/11/0007/2425

Sd/- Superintending Engineer
RWS&S Division, Cuttack

GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION KHORDHA
Tel No. (06755) 221502E-mail: eemidkhurda@yahoo.co.in
Letter No. 4640 Dt.30.11.2024
A-668
Invitation for Bids
Bid Identification No. SEMIDKHD 10/2024-25

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha, on behalf of the Governor of Odisha,invitesPercentage Rate Bids in Single and double Cover system in Online Mode only for civil works in Buildings under Maintenance to Non-Res.Building Scheme asdetailedinthetable belowfromthe eligibleClass of Contractors. | | |
| 2 | NatureofWork | :- | Civil works in Buildings under maintenance to Non-Res.Building Scheme in different Blocks of Khordha District |
| 3 | No.of Works | :- | 01(One)No.Only |
| 4 | Cost of Bid Document | :- | Rs.6,000/- through online)only. |
| 5 | Tender Value | :- | Rs. |
| 6 | ClassofContractor | :- | "C "Class,& "B"Class as applicable |
| 7 | Availability of Bid Documents Online | :- | 10.00A.MofDt.07.12.2024 to5.00P.M of Dt.16.12.2024 |
| 8 | Last Date and Time for receipt of Bids in the Portal | :- | 5.00 P.M of Dt. 16.12.2024 |
| 9 | DateofOpeningofBids | :- | 11.00A.Mof Dt.17.12.2024 |
| 10 | TheBiddersshallhavetoparticipateinonlinebiddingonly.Furtherdetailscanbeseen fromthewebsitehttps://tendersodisha.gov.in.Anyaddendum/Corrigendum/CancellationofBidcanalsobeseeninthesaidwebsite.TheAuthorityreserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

OIPR 32042/11/0007/2425

Sd/-Superintending Engineer
Minor Irrigation Division
Khordha.

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ
OFFICE OF THE DIVISIONAL FOREST OFFICER, RAIRANGPUR DIVISION
Tel. No.:- (06794) – 222036 (O) 222008 (R) FAX No.:- (06794) – 222836, e-mail-dforrp@gmail.com
Tender Call Notice
MM-301
Identification No. 162 /DFO, RRP-1F/2024-25 Dt,03.12.2024.

The DIVISIONAL FOREST OFFICER, RAIRANGPUR FOREST DIVISION, RAIRANGPUR on behalf of Governor of Odisha invites **Percentage Rate bids** to be received in offline mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1. | Nature of work | :- | 1.R.O. Quarter at Ichinda, 2.Fr. Quarter at Ichinda, 3.F.G. Quarter at Ruansi & 4.F.G. Quarter at Rairangpur. |
| 2. | No. of work | :- | 04 (Four) |
| 3. | Period of Completion | :- | 03 (Three) Months |
| 4. | Cost of tender | :- | Rs.6000/- (Six Thousand) only for each work |
| 5. | Estimated Cost | :- | 1.Rs.20.63Lakh, 2.Rs.17.08Lakh, 3.Rs.12.74Lakh & 4.Rs.12.74Lakh |
| 6. | Class of Contractor | :- | "B" & "C" Class for R.O. Residence "C" & "D" Class for Forester / Forest Guard Quarter |
| 7. | Date & time of availability of tender document | :- | Tender Document will be available in the O/o the Divisional Forest Officer, Rairangpur on payment of cost of Tender Document each work in shape of non-refundable Bank Draft in favour of Divisional Forest Officer, Rairangpur Division payable at Rairangpur from 11 hours of 09.12.2024 to 17.30 hours of 15.12.2024. |
| 8. | Receipt of bid documents | :- | Through direct deposit by hand / registered post / speed post to the Divisional Forest Officer, Rairangpur Forest Division, Rairangpur, Mayurbhanj, PIN-757043 on or before 16.12.2024 by 11.00 AM. |
| 9. | Receipt of EMD | :- | Earnest Money Deposit (EMD) @1% of the value of the work shall be submitted along with Tender, EMD will be in the shape of Demand Draft in favour of Divisional Forest Officer, Rairangpur Division payable at Rairangpur. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the work. |
| 10. | Date & time of opening of technical bid | :- | Dt.16.12.2024 at 15.30 hours onwards |
| 11. | Other Documents | :- | (As mentioned in DTCN) |
| 12. | Any addendum / Corrigendum / Cancellation of tender can also be published if, required. | | |
| 13. | **The undersigned reserves the right to accept / reject any or all Tender without assigning any reason thereof.** | | |

OIPR 08055/11/0005/2425

Sd/-Divisional Forest officer,
Rairangpur Division.



ପ୍ରୋଟିନ୍ ଶରୀରକୁ ଶକ୍ତି ଯୋଗାଇବା ସହ ମାଂସପେଶୀ ବିକାଶରେ ସହାୟକ ହୋଇଥାଏ। ସେହିପରି ସ୍ନାୟୁଗୁଡ଼ିକୁ ଉପଯୁକ୍ତ କାର୍ଯ୍ୟକ୍ଷମ ରଖିବା ସହ ରୋଗପ୍ରତିଷେଧକ ଶକ୍ତି ବୃଦ୍ଧି ନିମନ୍ତେ ପ୍ରୋଟିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାଂସ, ଅଣ୍ଡା ପରି ଆମିଷ ଖାଦ୍ୟରୁ ବହୁ ପରିମାଣରେ ପ୍ରୋଟିନ ରହିଥାଏ। ତେବେ ନିରାମିଷାଶୀଙ୍କ ପ୍ରୋଟିନ ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ଏକାଧିକ ଖାଦ୍ୟ ରହିଛି। ନିରାମିଷାଶୀଙ୍କ ନିମନ୍ତେ ସୋୟାବିନ ପ୍ରୋଟିନର ଏକ ପ୍ରମୁଖ ଉତ୍ସ। ୭୦ ଗ୍ରାମ୍ ସୋୟାବିନରୁ ୩୬ ଗ୍ରାମ ପ୍ରୋଟିନ ମିଳିଥାଏ। ସୋୟାବିନ ବ୍ୟତୀତ ୧୦୦ ଗ୍ରାମ ପନିରରୁ ୧୮ ଗ୍ରାମ, ୧୦୦ ଗ୍ରାମ ବେସନରୁ ୨୨ଗ୍ରାମ ପ୍ରୋଟିନ ମିଳିଥାଏ। ଏହାବାଦ୍ ଏକ ଲିଟର କ୍ଷୀରରୁ ୩ ଗ୍ରାମ, ୧୦୦ ଗ୍ରାମ ଦହିରୁ ୧୧ ଗ୍ରାମ, ୧୦୦ ଗ୍ରାମ ବାଦାମରୁ ୨୬ ଗ୍ରାମ୍ ପ୍ରୋଟିନ ମିଳିଥାଏ। ବିଭିନ୍ନ ପ୍ରକାର ଡାଲିରୁ ମଧ୍ୟ ପରିବ୍ୟାପ୍ତ ପ୍ରୋଟିନ ମିଳିଥାଏ। ୧୦୦ ଗ୍ରାମ ହରଡ଼ ଡାଲିରୁ ୨୨ ଗ୍ରାମ ପ୍ରୋଟିନ ମିଳିଥାଏ। ଏହା ବାଦ୍ ଅନ୍ୟ ପ୍ରକାରର ଡାଲିରୁ ମଧ୍ୟ ଭଲ ପରିମାଣରେ ପ୍ରୋଟିନ ମିଳିଥାଏ।




## ମେ'ରେ ରିଲିଜ୍ ହେବ ଅଜୟଙ୍କ 'ରେଡ-୨'

ବଲିଉଡ୍‌ର ଭର୍ସାଟାଇଲ ଅଭିନେତା ଅଜୟ ଦେବଗନ । 'ଶୈତାନ' ପରେ ଏକ ନୂଆ ମିଶନ ଆରମ୍ଭ କରିବାକୁ ପ୍ରସ୍ତୁତ। ସୋସିଆଲ ମିଡିଆରେ 'ରେଡ-୨'ର ନୂଆ ପୋଷ୍ଟର ସେୟାର କରି ଅଭିନେତା ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ଇନଷ୍ଟାଗ୍ରାମରେ 'ରେଡ ୨'ର ପୋଷ୍ଟର ସେୟାର କରି ଅଜୟ ଦେବଗନ୍ କ୍ୟାପସନରେ ଲେଖିଛନ୍ତି,' ଅମୟ ପଟ୍ଟନାୟକଙ୍କ ପରବର୍ତ୍ତୀ ମିଶନ ମେ ୨୦୨୫ରୁ ଆରମ୍ଭ ହେବ! 'ରେଡ ୨' ୧ ମଇ ୨୦୨୫ ରେ ରିଲିଜ୍ ହେବାକୁ ଯାଉଛି ! ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରେଡ୍ ୨'ର ଲାଟେଷ୍ଟ ପୋଷ୍ଟର ପ୍ରଶଂସକଙ୍କୁ ଉତ୍ସାହିତ କରିଛି। ସୂଚନା ଅନୁଯାୟୀ, ଅଜୟ ଦେବଗନଙ୍କ ସହ ରିତେଶ ଦେଶମୁଖ, ବାଣୀ କପୁର, ସୌରଭ ଶୁକ୍ଲା, ବରଣ ଶର୍ମା, ଅରବାଜ ଖାନ ଏବଂ ଅନ୍ୟ ତାରକାମାନେ ଆଗାମୀ ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର କାହାଣୀ ରାଜ କୁମାର ଗୁପ୍ତାଙ୍କ ସହ ଆଦିତ୍ୟ ବେଲନେକର, ରିତେଶ ଶାହା ଲେଖିଛନ୍ତି। ରିତେଶ ଶାହା 'ପିଙ୍କ' ଏବଂ 'ଏୟାରଲିଫ୍ଟ'ର କାହାଣୀ ମଧ୍ୟ ଲେଖିଥିଲେ। ୨୦୧୮ରେ ରିଲିଜ୍ ହୋଇଥିବା କ୍ରାଇମ୍ ଥ୍ରୀଲର ରେଡର ସିକ୍ୱେଲ ହେଉଛି 'ରେଡ-୨'। ଫିଲ୍ମ 'ରେଡ' ମଧ୍ୟ ରାଜକୁମାର ଗୁପ୍ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ଯାହା ବକ୍ସ ଅଫିସରେ ସଫଳ ହୋଇଥିଲା । ଏହି ଚଳଚ୍ଚିତ୍ରରେ ଅଜୟ ଦେବଗନଙ୍କ ସହ ଇଲିଆନା ଡି'କ୍ରୁଜ, ସାନନ୍ଦ ବର୍ମା ଏବଂ ସୌରଭ ଶୁକ୍ଲା ପ୍ରମୁଖ ଭୂମିକାରେ ଥିଲେ। ଏହି ଚଳଚ୍ଚିତ୍ରରେ ଅଜୟ ଦେବଗନ୍ ଜଣେ ଆୟକର ଅଧିକାରୀ ଭୂମିକାରେ ଅଭିନୟ କରିଛନ୍ତି। ଯାହାର ନାମ ଅମୟ ପଟ୍ଟନାୟକ। ଏହା ଇନକମ ଟ୍ୟାକ୍ସ ରେଡ୍ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରଟି ଏକ ପ୍ରକୃତ ଘଟଣା ଉପରେ ଆଧାରିତ ।



## ଆପଣଙ୍କ ପିଲା ଚିପ୍ସ ଖାଉଥିଲେ ସାବଧାନ!

*ପାଟିକୁ ଚଟପଟା ଏବଂ କୁଡକୁଡ୍ ଲାଗୁଥିବା ଚିପ୍ସ କାହାକୁ ବା ପସନ୍ଦ ନୁହଁ । କିନ୍ତୁ ବାହାରୁ କିଣୁଥିବା ପ୍ୟାକେଟବନ୍ଦ ଚିପ୍ସ ଶରୀର ପାଇଁ କେତେ ହାନିକାରକ ଏହା ଆମେ ଜାଣି ସୁଦ୍ଧା ପିଲାଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼େ । ଘର ଖାଇବାକୁ ନାକ ଟେକୁଥିବା ପିଲା ବାହାରକୁ ଗଲେ ଚିପ୍ସ ଖାଇବା ପାଇଁ ଯେମିତି ଜିଦ୍ ଧରୁଛନ୍ତି ବାପରେ କିଏ ଏତେ ଲୋକଲଜ୍ଜା ହେବ । ଧରେଇଦିଅ ହାତରେ ଚିପ୍ସ , ଗୋଟିଏ ପ୍ୟାକେଟ୍ ଚିପ୍ସର ତ କଥା କ'ଣ ହୋଇଯିବ ଭାବି ଆମେ ଚିପ୍ସ ପ୍ୟାକେଟଟି କିଣି ପିଲାଙ୍କ ହାତରେ ଦେଇଦେଉ । ହେଲେ ଏହି ଗୋଟିଏ ପ୍ୟାକେଟ୍ ଚିପ୍ସ କେତେ ରୋଗଙ୍କୁ ନିମନ୍ତ୍ରଣ ଦିଏ କେବେ ଭାବିଛନ୍ତି ?*





ଗବେଷଣାରୁ ଜଣାପଡ଼ିଛି, ମେଦବହୁଳତା,ଡାଇବେଟିସ୍ ଠାରୁ ଆରମ୍ଭ କରି କ୍ୟାନ୍ସର ପର୍ଯ୍ୟନ୍ତ ଏହି ପ୍ୟାକେଟବନ୍ଦ ଚିପ୍ସ ଶରୀରରେ କ୍ଷୀପ୍ର ଗରଳ ଭଳି କାମ କରିଥାଏ। ଷ୍ଟଡିରୁ ଏହା ମଧ୍ୟ ଜଣାପଡ଼ିଛି ଯେ ହୃଦୟ ସହିତ ଜଡ଼ିତ ରୋଗର ବିଭିନ୍ନ କାରଣ ମଧ୍ୟରୁ ଚିପ୍ସ ଖାଇବା ଅନ୍ୟତମ । ତେବେ ଆସନ୍ତୁ ଜାଣିବା ପାଟିକୁ ସୁଆଦିଆ ଲାଗୁଥିବା ଏହି ଚିପ୍ସ ଆପଣଙ୍କ ପିଲାର ଶରୀରରେ କିପରି ପ୍ରଭାବ ପକାଉଛି ।

■ ଚିପ୍ସରେ ଫ୍ୟାଟ୍ ଏବଂ କ୍ୟାଲୋରିଜର ମାତ୍ରା ଅତ୍ୟଧିକ ଥିବାରୁ କମ୍ ବୟସରେ ଓଜନ ବଢିବା ତଥା ମେଦବହୁଳତାର ଶିକାର ମଧ୍ୟ ହେବାକୁ ପଡ଼ିଥାଏ । ୨୮ ଗ୍ରାମ୍ ଆଳୁ ଚିପ୍ସରେ ୧୫ ରୁ ୨୦ ଗ୍ରାମ୍ ଫ୍ୟାଟ୍ ଏବଂ ୧୫୪ ଗ୍ରାମ୍ କ୍ୟାଲୋରିଜ୍ ରହିଥାଏ । ୨୦୧୫ ରେ ହୋଇଥିବା ଏକ ଗବେଷଣା ଅନୁସାରେ , ତେଲରେ ଡିପ୍ ଫ୍ରାଏ ହୋଇଥିବା ଆଳୁ ଚିପ୍ସ ଓଜନ ବଢିବାର ପ୍ରମୁଖ କାରଣ ହୋଇଥାଏ । ଏଥିରେ ଡାଇବେଟିସ୍ , ହୃଦୟ ଜନିତ ସମସ୍ୟା ଏମିତିକି କର୍କଟ ଭଳି ଦୁଃସାଧ ରୋଗ ହେବାର ମଧ୍ୟ ସମ୍ଭାବନା ରହିଛି ।

■ ପିଲା ଯଦି ଲଗାତାର ପ୍ୟାକେଟବନ୍ଦ ଚିପ୍ସ ଖାଉଛନ୍ତି ତାଙ୍କ ପୋଷଣରେ ମଧ୍ୟ ଅଭାବ ଦେଖାଯାଏ । ଭିଟାମିନ୍ ଏବଂ ମିନେରାଲ୍ ନଥିବାରୁ ପୋଷଣ ତତ୍ତ୍ୱ ମଧ୍ୟ ଶରୀରକୁ ମିଳେନାହିଁ । ସୋଡିୟମର ମାତ୍ରା ଅଧିକ ଥିବାରୁ ସ୍ୱାସ୍ଥ୍ୟ ପାଇଁ ଚିପ୍ସ ଆଦୌ ଭଲ ନୁହଁ । ଉଚ୍ଚ ରକ୍ତଚାପ,ଷ୍ଟ୍ରୋକ୍,ହାର୍ଟ ଏବଂ କିଡନୀ ରୋଗ ପାଇଁ ସୋଡିୟମ୍ ଦାୟୀ । ୨୮ ଗ୍ରାମ୍ ଆଳୁ ଚିପ୍ସରେ ୧୨୦ ମିଲିଗ୍ରାମରୁ ଆରମ୍ଭ କରି ୧୮୦ ମିଲିଗ୍ରାମ୍ ସୋଡିୟମ୍ ରହିଥାଏ । ୨୦୧୦ ମସିହାରେ ଆମେରିକାରେ ଏକ ଗାଇଡଲାଇନ୍ ଜାରି ହୋଇଥିଲା । ଯେଉଁଥିରେ ସାରାଦିନରେ କେତେ ପରିମାଣରେ ଲୁଣ ଖାଇହେବ ସୂଚନା ଦିଆଯାଇଥିଲା । ଏହି ଗାଇଡଲାଇନ୍ ଅନୁସାରେ ଦିନକୁ ୨୩୦୦ ମିଲିଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ୍ ନୁହେଁ । ଯଦି ଅଧିକ ଲୁଣ ଖାଇବେ ଉଚ୍ଚ ରକ୍ତଚାପରୁ ଆରମ୍ଭ କରି କିଡନୀ ଜନିତ ରୋଗ ମଧ୍ୟ ହୋଇପାରେ । ପ୍ୟାକେଟବନ୍ଦ ଚିପ୍ସ ପିଲାଙ୍କ କୋଲେଷ୍ଟ୍ରୋଲ୍ ମାତ୍ରାକୁ ମଧ୍ୟ ବଢାଇଥାଏ । ଚିପ୍ସରେ ଅତ୍ୟଧିକ ପରିମାଣରେ ଥିବା ଫ୍ୟାଟ୍ ପିଲାଙ୍କ କୋଲେଷ୍ଟ୍ରୋଲ୍ ସ୍ତରକୁ ବିଗାଡିଦିଏ । ତେଣୁ ପିଲା ତ ଜିଦ୍ କରିବେ ହେଲେ ଜାଣିଶୁଣି କେମିତି ପିଲାଙ୍କ ଦେହ ଖରାପ କରିବା ? ଚିପ୍ସର ବିକଳ୍ପ ବାହାର କରନ୍ତୁ , ପିଲାଙ୍କୁ ରୋଗମୁକ୍ତ ଜୀବନ ଦେବା ପାଇଁ ଚେଷ୍ଟା କରନ୍ତୁ ।

## ଜାନୁଆରୀରେ ମୁକ୍ତିଲାଭ କରିବ 'ସନାତନୀ'




ଓଡ଼ିଆ ଫିଲ୍ମ 'ସନାତନୀ'ର ମୋସନ୍ ପୋଷ୍ଟର ରିଲିଜ୍ ହୋଇଯାଇଛି । ବିଦିଶା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ସନାତନୀ', କର୍ମ ହିଁ ଧର୍ମର ମୋସନ୍ ପୋଷ୍ଟର ମୁକ୍ତିଲାଭ କରିଛି । ଫିଲ୍ମ ଧର୍ମାନ୍ତରୀକରଣ ଉପରେ ଆଧାରିତ ହୋଇଛି । ଏଥିରେ ନାୟକ ରୂପେ ସମ୍ବିତ ଭିନ୍ନ ଭିନ୍ନ ଅବତାରରେ ନଜର ଆସିବେ । ଫିଲ୍ମଟି ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଧାରିତ । ସେ କିଭଳି ସବୁ ଧର୍ମ ପାଇଁ ଲଢେଇ କରୁଥିଲେ ତାହା ଏହି ଫିଲ୍ମରେ ନଜର ଆସିବ । ଦର୍ଶକ ନିଶ୍ଚିତ ଫିଲ୍ମକୁ ଉପଭୋଗ କରିବେ ବୋଲି କହିବା ସହ କୌଣସି ଧର୍ମକୁ ଅପମାନ କରାଯାଇନି ବୋଲି କହିଛନ୍ତି । ଫିଲ୍ମଟି ଜାନୁୟାରୀରେ ମୁକ୍ତିଲାଭ କରିବ । ସିନେମାରେ ହିରୋ ଭୂମିକାରେ ସମ୍ବିତ୍ ନଜର ଆସିବେ । ଅର୍ଲିନ ଅଙ୍କିତାଙ୍କୁ ନାୟିକା ଭାବେ ଦେଖିବାକୁ ପାଇବେ ଦର୍ଶକ । ପୂର୍ବରୁ ସେ ୩ରୁ ଅଧିକ ସିନେମାରେ ଅଭିନୟ କରିସାରିଛନ୍ତି । ତାଙ୍କ ବ୍ୟତୀତ ପପି ସନ୍ତୁଟୁକା, ଗୁଡ୍ଡୁ, ଜଗନ୍ନାଥ ସେଠ୍, ଗୋପାଳ, ପ୍ରକାଶ ମହାନ୍ତି, ବବୁଲ ମୁଖ୍ୟ ଭୂମିକାରେ ନଜର ଆସିବେ । ଫିଲ୍ମର ପ୍ରଯୋଜକ ବିଜୟ କନ୍ଦୋଇ ଏହାର ପ୍ରଯୋଜନା ଦେଉଛନ୍ତି । ପୂର୍ବରୁ ସେ ୧୫ରୁ ଅଧିକ ସିନେମା ଓ ୨୦ରୁ ଅଧିକ ଧାରାବାହିକର ପ୍ରଯୋଜନା ଦେଇଛନ୍ତି । ଫିଲ୍ମର ସଂଳାପ ଲେଖିଛନ୍ତି ମାନସ ରଞ୍ଜନ ସାମଲ ଓ ଦିପ୍ତୀ ପଟ୍ଟନାୟକ । ସିନେମାଟୋଗ୍ରାଫର ଧ୍ରୁବାନନ୍ଦ ପଣ୍ଡା । ସଙ୍ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ୍ ମଜୁମଦାର୍ । ଗୀତ ରଚନା କରିଛନ୍ତି ନିର୍ମଳ ନାୟକ । ଦର୍ଶକ ସିନେମାକୁ ବଡ ପରଦାରେ ଆଗାମୀ ବର୍ଷ ଜାନୁଆରୀ ମାସରେ ଦେଖିବାକୁ ପାଇବେ ।

## ଦହିରେ ଚିନି ମିଶାଇ ଖାଉଥିଲେ ଭୋଗିବେ ସମସ୍ୟା



*ସାଧାରଣତଃ କୌଣସି ନୂଆ ଜିନିଷର ଆରମ୍ଭ ବା ଶୁଭକାମ ପୂର୍ବରୁ ଆମେ ଦହିରେ ଚିନି ମିଶାଇ ଖାଇଥାଉ। ଏପରି କରିଲେ ଉକ୍ତ କାମ ସଫଳ ହେବ ବୋଲି ବିଶ୍ୱାସ ରହିଛି। ଦହି ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଭଲ। ବହୁତ ଲୋକ ଏଥିରେ ଚିନି ମିଶାଇ ଖାଇବାକୁ ପସନ୍ଦ କରିଥାନ୍ତି। ଯଦି ସବୁବେଳେ ଏପରି ଖାଉଛନ୍ତି,ତେବେ ଏହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇପାରେ। ଏହା ଆପଣଙ୍କ ଶରୀରକୁ କ୍ଷତି ପହଞ୍ଚାଇପାରେ। ସେଥିପାଇଁ ପ୍ରତ୍ୟେକ ଦିନ ଦହିରେ ଚିନି ମିଶାଇ ଖାଆନ୍ତୁ ନାହିଁ।*

### ଦହି ସହ ଚିନି ମିଶାଇ ଖାଇବାର ପରିଣାମ

**ବଢିଥାଏ ଓଜନ:** ଯଦି ଆପଣ ପ୍ରତ୍ୟେକ ଦିନ ଦହିରେ ଚିନି ମିଶାଇ ଖାଉଛନ୍ତି,ତେବେ ଆପଣଙ୍କର ପେଟ ବଢିପାରେ। ଚିନି ଅଧିକ ମାତ୍ରାରେ କ୍ୟାଲୋରି ରହିଥାଏ, ଯାହା ଆପଣଙ୍କର ଓଜନ ଖବ୍ ଶୀଘ୍ର ବଢାଇଥାଏ। ଏହାଦ୍ୱାରା ମୋଟାପଣ ବଢିଥାଏ। ପରେ ଏହି ମୋଟାପଣ ଅନେକ ରୋଗର କାରଣ ହୋଇଥାଏ।

**ମଧୁମେହର ବିପଦ:** ଅଧିକ ଚିନି ଖାଇବାଦ୍ୱାରା ଶରୀରରେ ଶର୍କରାର ମାତ୍ରା ବଢିଥାଏ। ଏହାଦ୍ୱାରା ଟାଇପ୍ ୨ ମଧୁମେହର ବିପଦ ରହିଥାଏ। ଦହିରେ ପ୍ରାକୃତିକ ଲାକ୍ଟୋଜ୍ ରହିଥାଏ, ଯାହା ଏକ ପ୍ରକାରର ଶର୍କରା ଅଟେ। ତେବେ ଏଥିରେ ଯଦି ଆପଣ ଚିନି ମିଶାଇ ଖାଉଛନ୍ତି ତେବେ ଶରୀରରେ ଶର୍କରାର ମାତ୍ରା ଖୁବ୍ ଶୀଘ୍ର ବଢିଥାଏ।

**ଟାଣିଆଣେ ହୃଦ୍‌ରୋଗ:** ଅଧିକ ମାତ୍ରାରେ ଚିନି ଖାଇବା ଦ୍ୱାରା ରକ୍ତରେ ଟ୍ରାଇଗ୍ଲିସରାଇଡସ ଏବଂ ଅନ୍ୟ ହାନିକାରକ ଫ୍ୟାଟ୍ ବଢିଥାଏ। ଯାହାଦ୍ୱାରା ହୃଦ୍ରୋଗର ବିପଦ ବଢିଥାଏ। ନିଜ ହୃଦୟର ଉତ୍ତମ ସ୍ୱାସ୍ଥ୍ୟପାଇଁ ଦହିରେ ଚିନି ମିଶାଇ ଖାଆନ୍ତୁନାହିଁ।

**ଦାନ୍ତ ସମ୍ବନ୍ଧୀୟ ରୋଗ:** ଦହିରେ ଚିନି ମିଶାଇ ଖାଇବା ଦ୍ୱାରା ଦାନ୍ତ ଖରାପ ହୋଇଥାଏ। ଚିନି ବ୍ୟାକ୍ଟେରିଆର ପ୍ରମୁଖ ସ୍ରୋତ ଅଟେ। ଯାହା ଏସିଡ୍ ଉତ୍ପନ୍ନ କରିଥାଏ ଏବଂ ଦାନ୍ତର କ୍ଷତି କରାଇଥାଏ। ଏହାଦ୍ୱାରା ଦାନ୍ତର ଗହ୍ୱରରେ ଗର୍ତ୍ତ ସୃଷ୍ଟି ହୋଇଥାଏ ଏବଂ ଆହୁରି ଅନେକ ରୋଗ କରାଇ ଦାନ୍ତର କ୍ଷତି କରାଇଥାଏ।

**ପାଚନକ୍ରିୟାରେ ସମସ୍ୟା:** ଚିନିର ମାତ୍ରାଧିକ ସେବନ ପାଚନକ୍ରିୟାରେ ସମସ୍ୟା ଆଣିପାରେ। ଏହା କାରଣରୁ ବ୍ଲୋଟିଙ୍ଗ, ଗ୍ୟାସ ଏବଂ ଏସିଡିଟିର ସମସ୍ୟା ଦେଖାଦେଇପାରେ। ସେଥିପାଇଁ ପ୍ରତ୍ୟେକ ଦିନ ମାତ୍ରାଧିକ ଚିନି ଖାଇବା ଅନୁଚିତ। ଏହା ପେଟକୁ ନାନାଦି ରୂପରେ କ୍ଷତି ପହଞ୍ଚାଇଥାଏ।



## ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ,କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା,ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର, କଟା ଧନିଆ ପତ୍ର, ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ।

ଏବେ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢ଼ି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ। ପ୍ରସ୍ତୁତ ହୋଇଗଲା ସୁଆଦିଆ 'ଛତୁ ପରଟା'। ଏହାକୁ ଚଟଣି, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପକ୍ଷରୁ ସଠିଲୋ ସ୍କୁଲ ପରିସରରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ବେତନଟୀ ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ବିଜୟ କୁମାର ପରିଡା ଓ ଭରତ ଚନ୍ଦ୍ର କାଣ୍ଡିଙ୍କ ସଂଯୋଜନା ଓ ପରିଚାଳନାରେ ଅୟୋଜିତ କାର୍ଯ୍ୟକ୍ରମକୁ ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ । ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ଦ୍ୱାରା ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ସନ୍ଦର୍ଭରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ମ୍ୟୁଜିକ୍ ଚେଆର, ଜିଲାପି ଦୌଡ଼ ସମେତ ବିଭିନ୍ନ ପ୍ରକାରର ଖେଳକୁଦ କରାଯାଇଥିଲା । ତେବେ ଦିନତମାମ୍ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଖେଳକୁଦ, ନାଚଗୀତ ସମେତ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମଉଜ ମଜଲିସରେ ବିତାଇଥିବା ବେଳେ ସେମାନଙ୍କ ଭିତରେ ମନବଳ ସାଙ୍ଗକୁ ସୃଜନଶକ୍ତିର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା । ଶିକ୍ଷକ ରବୀନ୍ଦ୍ର ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ସଠିଲୋ ପଞ୍ଚାୟତ ସମିତି ସଭ୍ୟ କିଶୋର କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ପ୍ରମୁଖ ଅତିଥି ଅଧିକାରୀଗଣ କୃତି ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ପାଇଁ ବିନା ପଲ୍ଲୀସଭାରେ ଟେଣ୍ଡର

## ଗ୍ରାମବାସୀଙ୍କ ପ୍ରତିବାଦ




କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଭୀମକୁଣ୍ଡ ଏକ ପ୍ରଖ୍ୟାତ ପର୍ଯ୍ୟଟନସ୍ଥଳୀ ଏଠାକୁ ଏବେ ପର୍ଯ୍ୟଟନ ଋତୁରେ ହଜାର ହଜାର ପର୍ଯ୍ୟଟକ ଆସିବେ। ବୈତରଣୀ ନଦୀର ପଥୁରିଆ ଶଯ୍ୟାରେ ନଦୀ ଜଳ ଘୋ ଘୋ ଶବ୍ଦ କରି ଭୀମକାୟ ରୂପ ନେଇ ବହି ଚାଲିଛି । ଏଠାରେ ବୈତରଣୀ ଯେତିକି ସୁନ୍ଦର ସେତିକି ଭୟଙ୍କର। ଅସାବଧାନତା ଲାଗି ପାଦ ଖସି ଗଲେ ମୃତ୍ୟୁ ସମ୍ଭାବନା ଅଧିକ। । କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇ ଆଗକୁ ଅଧିକ ଉନ୍ନତି ଲାଗି ଚିନ୍ତା କରାଯାଉଛି । ପୂର୍ବରୁ ସରକାରୀ ଫାଇଭ ଟି' ପକ୍ଷରୁ ଏହି କ୍ଷେତ୍ରର ବିକାଶ ଲାଗି ରୋଡ଼ ମ୍ୟାପ୍ ହୋଇଥିଲା । ଅନେକ ଯୋଜନା ସହ ଝୁଲା ପୋଲ ରୋପ ୱେ ଆଦି ହେବାକୁ ଯୋଜନା ଥିଲା। ତେବେ ଏଠାରେ ଉନ୍ନତିମୂଳକ କାର୍ଯ୍ୟ ଲାଗି ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରି କାମ କରେଇବାକୁ ସବୁବେଳେ ଦାବି ହୋଇ ଆସୁଥିଲା । ଫଳରେ କାମ ପାଇ ସ୍ଥାନୀୟ ଯୁବକମାନେ ଦୁଇ ପଇସା ଅର୍ଜନ କରି ପାରିଥାଆନ୍ତେ । ପୁଣି ନିଜ ଅଞ୍ଚଳର ବିକାଶରେ ସ୍ଥାନୀୟ ଲୋକ ନିଯୁକ୍ତ ହେଲେ କାମ ମଧ୍ୟ ଉନ୍ନତମାନର ହୋଇ ଦୀର୍ଘସ୍ଥାୟୀ ଏହି ବିଶ୍ୱାସ ସମସ୍ତଙ୍କର ରହିଛି । ତେଣୁ ଘଟଗାଁ ବ୍ଲକ୍ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତର ଘାଟବାଲିଯୋଡ଼ି ସାହି ଲୋକେ ଲିଖିତ ଭାବେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଜଣାଇଛନ୍ତି କି ଭୀମକୁଣ୍ଡ ପର୍ଯ୍ୟଟନ ଓ ଐତିହାସିକ ସ୍ଥଳୀ ଏହି ସାହିକୁ ଲାଗି ରହିଛି ହେଲେ ଏଠିକାର ଲୋକେ କାମ ପାଉନାହାନ୍ତି। ଭୀମକୁଣ୍ଡ ବିକାଶ ନାମରେ ପ୍ରଶାସନ ସ୍ଥାନୀୟ ଅଞ୍ଚଳକୁ ଅକ୍ତିଆରକୁ ନେଇ ନିଲାମ କରି ଅର୍ଥ ଉପାର୍ଜନ କରୁଛି। ସ୍ଥାନୀୟ ଲୋକ ନିଯୁକ୍ତି ବଦଳରେ ବାହାର ଲୋକ ଥଇଥାନ ହେଉଛନ୍ତି। ଏଥିଲାଗି କୌଣସି ପଲ୍ଲୀସଭା ମଧ୍ୟ କରାଯାଇ ନାହିଁ ଯାହା ବେନିୟମ କାର୍ଯ୍ୟ। ସ୍ଥାନୀୟ ବାଲି ଘାଟରୁ ମଧ୍ୟ ଅବାଧ ବାଲି ଚାଲାଣ ହେଉଛି ଯାହା ସ୍ଥାନୀୟ ଗ୍ରାମବାସୀଙ୍କ କୌଣସି କାର୍ଯ୍ୟରେ ଲାଗୁନି। ଗ୍ରାମରେ ଥିବା ପୁରୁଣା ମନ୍ଦିରରେ ମଧ୍ୟ ଏବେ ପୂଜାପାଠ ବନ୍ଦ ହୋଇ ଯାଇଛି । ତେଣୁ ଏଠାରେ କେବଳ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇ ଅଞ୍ଚଳର ପ୍ରକୃତ ବିକାଶ ଲାଗି ଗ୍ରାମବାସୀ ଦାବି କରିଛନ୍ତି ।

# ଜଳିଗଲା ଗୁହାଳ



ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଗ୍ରାମରେ ମଙ୍ଗଳବାର ସକାଳେ ଅଗ୍ନିକାଣ୍ଡ ଘଟି ମାଗୁଣି ମହାନ୍ତିଙ୍କ ଗୁହାଳ ଘର ପୋଡ଼ିଯାଇଛି । ମଙ୍ଗଳବାର ସକାଳେ ଗୁହାଳ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ଚାହୁଁ ଚାହୁଁ ଗୁହଳଟି ଜଳିଯାଇଥିଲା। ସକାଳୁ ଗୁହାଳରୁ ଗାଈମାନଙ୍କୁ ପଦାକୁ ଆଣିବା ପରେ ଏହି ଅଗ୍ନିକାଣ୍ଡ ଘଟିଥିବାରୁ ପଶୁସମ୍ପଦର କୌଣସି କ୍ଷତି ଘଟିନାହିଁ । ହେଲେ ଗୁହାଳଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ଖବର ପାଇ ଦାନପୁର ରାଜସ୍ୱ ନିରୀକ୍ଷିକା ବିଜୟଲକ୍ଷ୍ମୀ ପଲେଇ ଘଟଣା ସ୍ଥଳରେ ବିପନ୍ନଙ୍କୁ ପାଲ ପ୍ରଦାନ କରିବା ସହ କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନୂତନ ସର୍ଭେ ତାଲିମ ଶିବିର

ପରଜଙ୍ଗ, (ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅଧିନସ୍ଥ ଗଡ଼ପରଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୂତନ ସର୍ଭେ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାର ଦ୍ୱାରା ପରିଚାଳିତ ତାଲିମ ଶିବିର ଅନୁଷ୍ଠିତ ହେଉଥିବା ବେଳେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସର୍ଭେ କାର୍ଯ୍ୟରେ ସହଯୋଗ କରି ପ୍ରତ୍ୟେକ ଯୋଗ୍ୟ ବିବେଚିତ ହିତାଧିକାରୀ ପକ୍କାଘର ନିର୍ମାଣ କରିବା ଏବଂ ସ୍ୱତନ୍ତ୍ର ବିକଶିତ ଓଡ଼ିଶା ଗଠନ କରିବାରେ ସହାୟକ ହେବା ଉପରେ ସରକାର ବାର୍ତ୍ତା ଦେଇଛନ୍ତି । ଏଥିପାଇଁ ବ୍ଲକ କର୍ମଚାରୀ ସର୍ଭେ କାର୍ଯ୍ୟରେ ନିୟୋଜିତ ରହିବା ପାଇଁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ପକ୍ଷରୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି । ସର୍ଭେ କାର୍ଯ୍ୟ ଶେଷ ହେବା ପରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ହିତାଧିକାରୀଙ୍କ ପଞ୍ଜୀକୃତ ସମସ୍ତ ପରିବାରଙ୍କ ତାଲିକାକୁ ନିଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯିବାର ବନ୍ଦୋବସ୍ତ ରହିଛି । ଯଦି ଏହି ଚୟନ ପ୍ରକ୍ରିୟାରେ କୌଣସି ଅଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଥିବେ ତେବେ ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ବିଚାରକୁ ନିଆଯିବ ବୋଲି ଉଲ୍ଲେଖ ରହିଛି । ଏଥିପାଇଁ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟରେ ରହିଥିବା ଅଭିଯୋଗ ବାକ୍ସରେ ଦାଖଲ କରିବା, ଟୋଲ୍ ଫ୍ରି ନମ୍ବରକୁ ଫୋନ କରି ଜଣାଇବା ପ୍ରଭୃତି ସୁବିଧା ରହିଛି । ଉକ୍ତ ତାଲିମ ଶିବିରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାଶିଷ ପଣ୍ଡା ଉପସ୍ଥିତ ଥିବା ପଞ୍ଚାୟତର ସମସ୍ତ ହିତାଧିକାରୀମାନଙ୍କୁ ସରକାରଙ୍କ ନିୟମାବଳୀ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଉକ୍ତ ତାଲିମ ଶିବିରରେ ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବେହେରା, କର୍ମଚାରୀ ଦୁର୍ଗା ଚରଣ ସାମଲ ଉପସ୍ଥିତ ଥିବା ବେଳେ ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତବାସୀ ସାମିଲ ହୋଇଥିଲେ ।

# ରାସନକାର୍ଡ ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ସଦ୍ୟ ପ୍ରସ୍ତୁତ ହୋଇଥିବା ରାସନକାର୍ଡ ତାଲିକାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି । ବିଜେପି ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି । ବ୍ଲକର ତେସିଙ୍ଗା, ରାମଚନ୍ଦ୍ରପୁର ଆଦି ପଞ୍ଚାୟତରେ ସରକାରୀ ଚାକିରିଆ ପରିବାର ସଦସ୍ୟ, ପେନ୍‌ସନ୍‌ଧାରୀ, ଆୟକରଦାତା, କାର୍ ଥିବା ପରିବାର, ସ୍ୱଚ୍ଛଳବର୍ଗଙ୍କୁ ରାସନକାର୍ଡ ପାଇଁ ଯୋଗ୍ୟ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ଧନିକ ଲୋକେ ହଡପ କରୁଛନ୍ତି । ଗରିବ ପରିବାର ରାସନକାର୍ଡ ସୁବିଧାରୁ ପୂର୍ବଭଳି ବଞ୍ଚିତ ହେଉଛନ୍ତି । ପ୍ରସ୍ତୁତ ତାଲିକାର ସାନି ଅନୁଧ୍ୟାନ ପାଇଁ ଶ୍ରୀ ସାମଲ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲାପାଳ ଏହାର ସାନି ଅନୁଧ୍ୟାନ ପାଇଁ ଆଦେଶ ଦେଇଥିବା ଜଣାଯାଇଛି।

# ଗୋପାଳକୃଷ୍ଣ କନିଷ୍ଠ ମହାବିଦ୍ୟାଳୟ ସମ୍ପାଦିକାଙ୍କ ଶ୍ରଦ୍ଧାଞ୍ଜଳି ସଭା



କାଶୀନଗର/ଗୁଣୁପୁର, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା କାଶୀନଗର ଅନ୍ତର୍ଗତ ଖେରେଡା ଗୋପାଳ କୃଷ୍ଣ କନିଷ୍ଠ ମହାବିଦ୍ୟାଳୟ ସମ୍ପାଦିକା ସ୍ୱର୍ଗତ ଲକ୍ଷ୍ମୀ ଦଳାଇଙ୍କ ଏକାଦଶାହ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ ସରପଞ୍ଚ, ମହାବିଦ୍ୟାଳୟ କମିଟି ସଦସ୍ୟ ତଥା ସ୍ୱର୍ଗତ ଦଳାଇଙ୍କ ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ର ଦଳାଇ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଦଳାଇ ସ୍ଥାନୀୟ ଅଞ୍ଚଳରେ ସମାଜସେବୀ ଭାବେ ପରିଚିତ ଥିଲେ । ସ୍ଥାନୀୟ ଅଞ୍ଚଳର ଯୁବକ, ଯୁବତୀଙ୍କୁ ଉଚ୍ଚଶିକ୍ଷା ଉପଲବ୍ଧ ପାଇଁ ସେ ଖେରେଡା ଗ୍ରାମରେ ଏକ ବେସରକାରୀ ଯୁକ୍ତଦୁଇ କଲେଜ ଖୋଲି ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ସେ ଏକାଧାରରେ ଏକ ରାଜନୈତିକ ନେତ୍ରୀ ଭାବେ ଭାରତୀୟ ଜାତୀୟ କଂଗ୍ରେସରେ ରହି ଅଞ୍ଚଳର ସର୍ବାଙ୍ଗିନ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଆୟୁର୍ବେଦ ଚିକିତ୍ସକ ଭାବେ ଲୋକଙ୍କ ସେବା କରି ଆସୁଥିଲେ ବୋଲି ଉପସ୍ଥିତ ବକ୍ତା ସ୍ୱର୍ଗତ ଦଳେଇଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ ।

## ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣା

# ୬ ଜଣଙ୍କୁ ବାନ୍ଧିଲା ପୋଲିସ



କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ଘଷିପୁରା ପୋଲିସ । ଅପରାଧ ଘଟାଇବା ସମୟରେ ବ୍ୟବହୃତ ଏକ କାର୍ ମଧ୍ୟ ଜବତ ହୋଇଛି । ଗିରଫ ଅଭିଯୁକ୍ତ ମାନେ ମୁଖ୍ୟତଃ ଆନନ୍ଦପୁର ଓ ନନ୍ଦିପଦା ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ତେବେ ଏହି ଘଟଣାରେ ପ୍ରାୟ ୧୫ଜଣଙ୍କ ସମ୍ପୃକ୍ତି ଥିବା ଅନ୍ୟ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୂଚନା ମିଳିଛି । ଏନେଇ ଘଷିପୁରା ଥାନା ଅଧିକାରୀ ରମାକାନ୍ତ ସାଇ ପ୍ରେସମିଟ୍ ଜରିଆରେ ସୂଚନା ଦେଇଛନ୍ତି । ଗତ ରବିବାର ବିଳମ୍ବିତ ରାତିରେ ଖଣି ବିଭାଗ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ବାଲି ଚୋରି ଉପରେ ଚଢାଉ କରିବାକୁ ଆସିଥିବା ସମୟରେ ଘଷିପୁରା ଥାନା ବୈତରଣୀ ବ୍ରିଜ୍ ନିକଟ ସିଂହସାହି ଛକ ଠାରେ ୪-୫ଟି ଗାଡିରେ ଆସି ୧୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ସ୍କ୍ୱାଡ୍ ଗାଡି ଉପରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଗାଡିର କାଚ ସବୁ ଭାଙ୍ଗି ଯାଇଥିଲା । ପରେ ଗାଡିରୁ ଥିବା ଜୁନିୟର ମାଇନିଂ ଅଫିସର ସୁରଜ ହେମ୍ବ୍ରମ, ୩ ଜଣ ସୁରକ୍ଷା କର୍ମୀ ଓ ଡ୍ରାଇଭରଙ୍କୁ ପିଟି କ୍ଷତାକ୍ତ କରିଥିଲେ ।

# କୋଣାର୍କ ଉତ୍ସବ ଉପଲକ୍ଷେ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମ



କୋଣାର୍କ, (ଭାସ୍କର ନ୍ୟୁଜ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ୩୫ତମ କୋଣାର୍କ ଉତ୍ସବ ଅବସରରେ କୋଣାର୍କ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ସାମ୍ବାଦିକ ସଂଘର ସଭାପତି ଜ୍ୟୋତି ରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମରେ ଅତିଥି ଭାବରେ ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ଅଗ୍ନିଶମ ବିଭାଗର ତପନ କୁମାର ମହାନ୍ତି, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନପତି, ଦିସ୍ୱା ବାରିକ, ପ୍ରେସ କ୍ଲବର ଉପଦେଷ୍ଟା ସଞ୍ଜୟ ପତି, ସମ୍ପାଦକ ବିଚିତ୍ର ଓଝା ପ୍ରମୁଖ ଯୋଗଦେଇ ବେଳାଭୂମି ପଦଯାତ୍ରାରେ ଯୋଗଦାନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱଚ୍ଛ କୋଣାର୍କ ସବୁଜ କୋଣାର୍କ, ସ୍ୱଚ୍ଛ ବେଳାଭୂମି ସୁରକ୍ଷିତ ପର୍ଯ୍ୟଟନର ବାର୍ତ୍ତା ନେଇ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ସଫେଇ କାର୍ଯ୍ୟକ୍ରମ ସହ ବେଳାଭୂମି କୂଳରେ ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ମାନ ଦେଇ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ସାମ୍ବାଦିକ ସଂଘର ସଂପାଦକ ମନୋରଞ୍ଜନ ପଣ୍ଡା, ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ଗଣେଶ ଚନ୍ଦ୍ର ବେହେରା, ସ୍ୱାଧୀନ ନାୟକ, ପ୍ରଦୀପ କୁମାର ଛାଟୋଇ, ରିତରାଣୀ ସେଠ, ବିଭୁପ୍ରସାଦ ବେଉରାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ଜିପିଏଲଏଫ୍ କର୍ମୀ ସଂଘ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

## ପାରିଶ୍ରମିକ ନପାଇଲେ ଆସନ୍ତା ୯ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ନିଷ୍ପତ୍ତି

ଡେରାବିଶ,(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଧିନସ୍ଥ ୨୬ଟି ପଞ୍ଚାୟତ ଅନ୍ତର୍ଗତ ଶହଶହ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ର ଭାବେ କାମ କରୁଥିବା ମହିଳାମାନେ ଆଜି ସେମାନଙ୍କର ବକେୟା ଦରମା ପାଇବା ପାଇଁ ଦାବି କରି ଡେରାବିଶ ବିଡ଼ିଓଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସେମାନଙ୍କ ଦାବି ତୁରନ୍ତ ପୂରଣ କରାନଯାଏ ତେବେ ଆସନ୍ତା ୯ ତାରିଖରୁ ସମସ୍ତେ ଅଲ୍ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘର ନିଷ୍ପତି ଅନୁଯାୟୀ ଆସନ୍ତା ୯ ତାରିଖରୁ କାର୍ଯ୍ୟବନ୍ଦ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆଜି ଅପରାହ୍ନରେ ଡେରାବିଶ ବ୍ଲକ ଜିପିଏଲଏଫ୍ କର୍ମ ସଂଘର ସଭାପତି ବନମିତ୍ରା ରଥ ଓ ସମ୍ପାଦିକା ମିତାଲି ମଧୁସ୍ମିତା ଦାସଙ୍କ ନେତୃତ୍ୱରେ ଶହଶହ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର କର୍ମଚାରୀ ମହିଳାମାନେ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ୩ ଗୋଟି ଗୋଷ୍ଠୀ ସମର୍ଥକ ୬ଟି କ୍ୟାଡ଼ରରେ ବିଭକ୍ତ ହୋଇ ମହିଳାମାନେ ପଞ୍ଚାୟତ ସ୍ତରରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ନଥିପତ୍ର ପରିଚାଳନା କାର୍ଯ୍ୟ ଓଡ଼ିଶା ସରକାରଙ୍କ ମିଶନଶକ୍ତି ବିଭାଗ ଓ ଓଡ଼ିଶା ଜିବିକା ମିଶନ ବିଭାଗ ମାଧ୍ୟମରେ କରିଆସୁଛନ୍ତି । ହେଲେ ବର୍ତ୍ତମାନର ସରକାର ସେମାନଙ୍କୁ ସେମାନଙ୍କର ପାରିଶ୍ରମିକ ଦେଉନଥିବାରୁ ଏହି କର୍ମଚାରୀମାନଙ୍କ ଭିତରେ ଥିବା ବହୁ ଅଭାବୀ, ନିଃସହାୟ, ବିଧବା, ସ୍ୱାମୀ ପରିତ୍ୟକ୍ତା କ୍ୟାଡ଼ରମାନେ ଦୀର୍ଘ ୮ ମାସ ହେବ ଦରମା ନପାଇ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ଏହି ଦାବିପତ୍ର ଅନୁଯାୟୀ ସରକାରଙ୍କ ଚିଠି ନଂ ୭୯୪/ ତା ୦୪.୧୧.୨୦୨୪ରେ କ୍ୟାଡର ପ୍ରୋତ୍ସାହନ ରାଶି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସେଥିରେ ଉଲ୍ଲେଖ ଥିଲା କି ନିଯୁକ୍ତିର ୩ ବର୍ଷ କ୍ୟାଡରମାନଙ୍କୁ ୧୦୦%, ୪ର୍ଥ ବର୍ଷ କ୍ୟାଡ଼ରମାନଙ୍କୁ ୭୫% ଏବଂ ୫ମ ବର୍ଷ କ୍ୟାଡରମାନଙ୍କୁ ୫୦% ପାରିଶ୍ରମିକ ପ୍ରଦାନ କରାଯିବ। ପାଂଚ ବର୍ଷ ପରେ କ୍ୟାଡ଼ରମାନଙ୍କୁ କୌଣସି ପାରିଶ୍ରମିକ ଦିଆଯିବ ନାହିଁ। ଏହି ସମସ୍ୟାର କୌଣସି ସମାଧାନ ହୋଇନଥିବା ବେଳେ ସରକାର ଏବଂ ବିଭାଗୀୟ କର୍ମଚାରୀମାନେ କ୍ୟାଡ଼ରମାନଙ୍କୁ ଗୋଟିକ ପରେ ଗୋଟିଏ କାମ ଦେଇ ଚାଲିଛନ୍ତି। ତେବେ ଉପରୋକ୍ତ ପଂଚବାର୍ଷିକ ଯୋଜନା ସେମାନଙ୍କ ଅଗୋଚରରେ ହୋଇଥିବାରୁ ଓ ଏହା ଦ୍ୱାରା ସେମାନଙ୍କ ପ୍ରତି ବ୍ୟାପକ ଅନ୍ୟାୟ କରାଯାଇଥିବାରୁ ଏହାର ପ୍ରତିବାଦ କରି ଆସନ୍ତା ୯ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଏଥିସହିତ ସଂଘର କର୍ମକର୍ତାମାନେ ଦାବିପତ୍ରର ଏକକିତା ନକଲ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜ୍ୟର ଉପମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ପାଳିତ



ଜଗତସିଂହପୁର,(ଭାସ୍କର ନ୍ୟୁଜ) : ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀ ଚୌଧୁରୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ୧୯୩୪ ଅଗଷ୍ଟ ୮ ଗାନ୍ଧିଜୀଙ୍କ ଶ୍ରୀକ୍ଷେତ୍ର ହରିଜନ ସମାବେଶ ସହ ଶ୍ରୀମନ୍ଦିର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ମୁଖ୍ୟ ଦାୟିତ୍ୱ ନେଇଥିଲେ ରମାଦେବୀ। ୧୯୫୫ ମସିହା ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା। ଆଜି ତାଙ୍କର ପବିତ୍ର ଜନ୍ମ ତିଥିରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପାରାଦ୍ୱୀପଗଡ଼ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କର୍ମଶାଳା


କୁଜଙ୍ଗ, (ଭାସ୍କର ନ୍ୟୁଜ): ଏହି ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାମ ଅନ୍ତର୍ଭୁକ୍ତ କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ଭୁକ୍ତ କରାଯାଇ ପର୍ଯ୍ୟାୟ କ୍ରମେ କିମ୍ବା ଏକ ସମୟରେ ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ କରାଯିବ। ପଞ୍ଚାୟତରେ ଥିବା ୧୨ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୪ଟି ଗ୍ରାମରେ କୌଣସି ବ୍ୟକ୍ତିଙ୍କର ସ୍ଥିତବାନ ଘର ଢ଼ିଅ ନାହିଁ। ସେମାନେ କିପରି ପକ୍କା ଘର ପାଇପାରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଜେନା, ଗ୍ରାମ ରୋଜଗାର ସେବକ ସିପ୍ରାରାଣି ପତି, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନିୟମାବଳୀ ଓ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଶାରୀରିକ ଭିନ୍ନକ୍ଷମ ମହାସଂଘ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଛତ୍ରପୁର,(ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତରଫରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ଥାନୀୟ ଅପର ବସ୍‌ଷ୍ଟାଣ୍ଡ ଠାରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରି ଏନଏସି କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲେ। ଉକ୍ତ ରାଲିକୁ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ପତକା ଦେଖାଇ ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୪୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ଡଃ. କେ. ଆନନ୍ଦ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ବିଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାସଂଘର ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଭିନ୍ନକ୍ଷମ ଲୋକମାନେ କୌଣସି ଗୁଣରେ କମ ନୁହନ୍ତି, ଯଦି ସେମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯାଏ ତେବେ ସେମାନେ ମଧ୍ୟ ଭାରତର ଅର୍ଥନୀତିରେ ଅଂଶୀଦାର ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ।

## ବୁଡିବାକୁ ବସିଛି ଚିନାବାଦାମ ଚାଷ

# ପ୍ରୋତ୍ସାହନ ନାହିଁ, ଚାଷୀ ନିରାଶ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଦେଇ ପ୍ରବାହିତ ଦେବୀ ନଦୀ ତଟବର୍ତ୍ତୀ ପଞ୍ଚାୟତର ଦୋରସାରୁ ବାଲିଆ କିସମ ଏକର ଏକର ଜମିରେ ଅର୍ଥକାରୀ ଚିନାବାଦାମ ଚାଷ ହେଉଥିଲା। ଏବେ କୃଷି ବିଭାଗର ଉଦାସୀନତା ଯୋଗୁଁ ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ତାଳଦା, ନଈଗୁଆଁ, ଛୁରିଆନା, ଶିଶୁଅ, ନୂଆଗଡ, ସୁଦିକେଶର, ଝାଡ଼ଲିଙ୍ଗ, ଓସିଆଁ ଆଦି ଗ୍ରାମମାନଙ୍କରେ ଚାଷୀମାନେ ପୂର୍ବରୁ ଚିନାବାଦାମ ଚାଷ କରୁଥିବା ବେଳେ କିଛି ବର୍ଷ ହେବ ଆଉ ଚାଷ କରୁନାହାନ୍ତି। ଉଲ୍ଲେଖ ଯୋଗ୍ୟ କିଛିବର୍ଷ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ବିହନ ଯୋଗାଇ ଦିଆଯାଇନଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଯେଉଁ ବ୍ଲକରେ ଏକଦା ୪ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ ହେଉଥିଲା ତାହା କିଛି ବର୍ଷ ହେବ ୨୫ହେକ୍ଟର ଜମିରେ ସୀମିତ ରହିଛି। ଅନ୍ୟ ପଟେ ଚିନାବାଦାମ ଚାଷ ପାଇଁ ଉର୍ବର ମୃତ୍ତିକା ଥିବା ନଦୀ ପଠା ନଗର, ଆଳସାହି, ତାଳଦା ସମେତ ଆଦି ପଞ୍ଚାୟତର ଚାଷୀମାନେ କୃଷି ବିଭାଗ ପକ୍ଷରୁ ବିହନ ମିଳୁନଥିବାରୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଅପରପକ୍ଷେ ପରିବର୍ତ୍ତିତ ଜଳବାୟୁ ଓ ମାଟିର ଉର୍ବରତା ହ୍ରାସ ସହିତ ପ୍ରଶାସନିକ ଅବହେଳା ଅଣଦେଖା ଯୋଗୁଁ ଏହି ଚାଷ ବୁଡି ଯିବାକୁ ବସିଛି। ଚାଷୀ କହିବା ଅନୁଯାୟୀ ୧୦ବର୍ଷ ତଳେ ଏହି ଚାଷରୁ ପର୍ଯ୍ୟାପ୍ତ ଲାଭ ମିଳୁଥିଲା। ଗୁଣ୍ଠ ପ୍ରତି ହଳ, ବିହନ, ସାର, ଔଷଧ ଶହ ସମସ୍ତ ଖର୍ଚ୍ଚ ୫ଶହ ଟଙ୍କା ମଧ୍ୟରେ ହେଉଥିବା ବେଳେ ଚାଷୀ ୨୫ଟଙ୍କା ଟଙ୍କା ଅର୍ଥ ପାଉଥିଲା। ଟ୍ରକ ଟ୍ରକ ଚିନାବାଦାମ କଟକ ମାଲଗୋଦାମକୁ ଯାଉଥିଲା। ଏହି ଚାଷ ଚାଷୀର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରୁଥିଲା। ଏବେ ଆଉ ସେ ଦିନ ନାହିଁ। ନଗର ପଞ୍ଚାୟତର କୈଳାଶ ବେହେରା କହିବାନୁଯାୟୀ ବିହନ, ସାର, ଔଷଧ ସମସ୍ତ ଖର୍ଚ୍ଚ ଯାଇ ଲାଭ ୨ ଗୁଣା ହେଉଥିଲା। ସରକାରୀ ପ୍ରୋତ୍ସାହନ ମଧ୍ୟ ମିଳୁଥିଲା। ଆମ ଅଞ୍ଚଳର ଉର୍ବର ମୃତ୍ତିକାରେ ଚିନାବାଦାମ ଚାଷ ଲାଭ ହୋଇଥାଏ। ଏହି ଚାଷ ଆମର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରୁଥିବା ବେଳେ ୫ରୁ ୭ବର୍ଷ ହେବ ଚାଷୀ ଏହି ଚାଷରୁ ମୁହଁ ଫେରାଇବା ଆରମ୍ଭ କରିଛି। ଅନ୍ୟ ପଟେ କୃଷି ବିଭାଗ ପକ୍ଷରୁ ଏହି ଚାଷ ପ୍ରତି କୌଣସି ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳୁନାହିଁ ବୋଲି ଚାଷୀ ଧ୍ରୁବ ସାହୁ କହିଛନ୍ତି। ଏହା ଶହ ଅନେକ ଚାଷୀ କହିବା ଅନୁଯାୟୀ ପୂର୍ବରୁ ଯେମିତି ଲାଭ ରହୁଥିଲା ଚିନାବାଦାମ ଚାଷରେ ବର୍ତ୍ତମାନ ଏହି ଚାଷ ପାଇଁ ସେପରି କୌଣସି ପ୍ରୋତ୍ସାହନ ମିଳୁନାହିଁ। ମୃତ୍ତିକା ଉର୍ବରତା କମିଯିବାରୁ ଚାଷୀ କ୍ଷତି ସହିବା ଆରମ୍ଭ କଲା। ଏ ନେଇ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ଓସିଆଁ, ନଈଗୁଆଁ, ଖଣ୍ଡାସାହି ଗ୍ରାମ ଲୋକ ଚିନାବାଦାମ ଚାଷ କରୁଥିଲେ କିନ୍ତୁ ବାରମ୍ବାର ରୋଗ ପୋକ ହେବାରୁ ଅର୍ଥକାରୀ ଫସଲ ବନ୍ଦ କରି ଅନ୍ୟ ଫସଲ ପ୍ରତି ମନ ବଳାଇଲେ। ସୁଦିକେଶର, ସହନ, ବଳଭଦ୍ରପୁର ଗ୍ରାମମାନଙ୍କରେ ଜଙ୍ଗଲୀ ଜନ୍ତୁ ନଷ୍ଟ କରିଦେଉଥିବାରୁ ଚାଷୀ ଚିନାବାଦାମ ଚାଷ ବନ୍ଦ କରିଦେଇଛନ୍ତି ଅନ୍ୟ ପଟେ କଣ୍ଟ୍ରାକ୍ଟ ଫାର୍ମିଙ୍ଗ ସମସ୍ୟା ଯୋଗୁଁ ଅନେକ ଚାଷୀ ଚିନାବାଦାମ ଚାଷ କରୁନାହାନ୍ତି। ଆଗାମୀ ଦିନରେ ଆଶା କରାଯାଉଛି ଅସ୍ତରଙ୍ଗ ଅଞ୍ଚଳରେ ଚାଷୀମାନଙ୍କୁ ବୁଝାଇ ବିହନ ଯୋଗାଇ ପୁନର୍ବାର ଅର୍ଥକାରୀ ଚିନବାଦାମ ଫସଲ ଆରମ୍ଭ କରିବା ପାଇଁ।

# ଶ୍ରବଣ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ବ୍ରହ୍ମପୁର,, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଏସଏଭି ପବ୍ଲିକ୍ ସ୍କୁଲ ବ୍ଲୁଜମସ (ଶ୍ରବଣ) ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ବର୍ତ୍ତମାନ ସମାଜରେ ଭିନ୍ନକ୍ଷମମାନେ ସକ୍ଷମଙ୍କ ଭଳି ଅନେକ କାର୍ଯ୍ୟ କରିପାରୁଛନ୍ତି। ତେଣୁ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଥିଲେ। ସ୍କୁଲର ପ୍ରନ୍ସପାଲ ତଥା ଚେୟାରମ୍ୟାନ ଦେବୀ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଯୋଗଦେଇ କହିଲେ ଯେ, ଆଜିକାଲି ସମାଜରେ ଭିନ୍ନକ୍ଷମମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରୁଛନ୍ତି। ତେଣୁ ସେମାନଙ୍କୁ ବୋଝ ବୋଲି ଭାବିବା ଅନୁଚିତ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ଡିଆଇଇଟିର ପ୍ରିନ୍ସପାଲ ଡ. ସନ୍ତୋଷ କୁମାର ପରିଡା ଯୋଗ ଦେଇ କହିଲେ ଯେ, ଭିନ୍ନକ୍ଷମଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ସେହି ସବୁ ଯୋଜନାର ସୁଫଳ ସେମାନେ କିଭଳି ପାଇବେ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଦରକାର। କ୍ରୀଡା, ନୃତ୍ୟ ଏବଂ କର୍ମ କ୍ଷେତ୍ରରେ ସେମାନଙ୍କ ନିପୁଣତା ଦେଖିବାକୁ ମିଳୁଛି। ଅନେକ କ୍ଷେତ୍ରରେ ସେମାନେ ଆତ୍ମନିର୍ଭରଶୀଳ ବି ହୋଇପାରିଛନ୍ତି। ସେମାନଙ୍କୁ ବୋଝ ନଭାବି ପ୍ରତି କ୍ଷେତ୍ରରେ ସହଯୋଗ କରାଯାଇ ମୁଖ୍ୟସ୍ରୋତରେ ସାମିଲ କରାଯିବା ଉଚିତ। ଏବିଇଓ ତ୍ରିନାଥ ମଲ୍ଲିକ ଯୋଗଦେଇ ଅନୁରୂପ ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର କାର୍ଯ୍ୟକାରୀ ସଭପତି କେ.କ୍ରିଷ୍ଣମୂର୍ତ୍ତି, ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଉପାଧ୍ୟକ୍ଷ ତଥା ଯୁଗ୍ମ ସମ୍ପାଦକ ସୁମିତ୍ରା ନାୟକ,ଟ୍ରଷ୍ଟି ମେମ୍ବର ନାରାୟଣ ମହାକୁଡ଼ ଓ ଗୋପାଳ ପଟ୍ଟନାୟକ, ଉପସ୍ଥିତ ଥିଲେ।